


ଜାନୁଆରୀ ୮ରେ 'ଗୋଲ୍‌ମାଲ୍ ୫'

▸ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-90 ♦WEDNESDAY ♦23 SEPTEMBER 2026 ♦PAGE-12 ♦₹ 7.00 | SAMBALPUR | ♦ବର୍ଷ-୪୪ ♦ସଂଖ୍ୟା-୯୦ ♦ବୁଧବାର ♦୨୩ ସେପ୍ଟେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**କ୍ରିକେଟ୍‌ର ସୁନାଝିଅ**

## ଏସିଆନ୍‌ରେ ଆଣିଲେ ପ୍ରଥମ ସ୍ୱର୍ଣ୍ଣ

■ ଟୋକିଓ, ୨୨।୯ (ଏଜେନ୍ସି): ଭାରତର ମହିଳା କ୍ରିକେଟ ଦଳ ଆଇଚି-ନାଗୋୟା ଏସିଆନ ଗେମ୍ସରେ ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ମଙ୍ଗଳବାର ଖେଳାଯାଇଥିବା ସ୍ୱର୍ଣ୍ଣପଦକ ମୁକାବିଲାରେ ଭାରତ ୧୪୭ ରନ୍‌ର ବ୍ୟବଧାନରେ ଶ୍ରୀଲଙ୍କାକୁ ହରାଇବା ସହ ଏସିଆନ ଗେମ୍ସରେ କ୍ରମାଗତ ସ୍ୱର୍ଣ୍ଣପଦକ କବଜା କରିଛି। ଚଳିତ ଏସିଆନ ଗେମ୍ସରେ ଏହା ପୂର୍ବରୁ ଭାରତ ୪ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ଜିତିଥିଲାବେଳେ ଆଜି ପ୍ରଥମ ସ୍ୱର୍ଣ୍ଣ ସହ ମୋଟ ୭ଟି ପଦକ ଜିତିଛି। ଆସନ୍ତା ଗୁରୁବାରଠାରୁ ପୁରୁଷ କ୍ରିକେଟରେ ମୁକାବିଲା ହେବ ଓ ୨୮ ତାରିଖରେ ଭାରତ ପ୍ରଥମ ମ୍ୟାଚ୍ ଖେଳିବ। ଏଥିରେ ମଧ୍ୟ ଭାରତ ସ୍ୱର୍ଣ୍ଣିମ ସଫଳତା ଆଶା କରୁଛି।

ନିଶିନ୍ କ୍ରିକେଟ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ଫାଇନାଲରେ ଭାରତ ପ୍ରଥମେ ବ୍ୟାଟିଂ କରି ୩ ୱିକେଟରେ ୨୧୬ ରନ୍ କରିଥିଲା। ଦଳ ପକ୍ଷରୁ ସ୍ମୃତି ମନ୍ଧାନା ସର୍ବାଧିକ ୭୯ ଓ ରିଚା ଘୋଷ ଅପରାଜିତ ୪୯ ରନ୍ କରିଥିଲେ। ୨୧୭ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ମାତ୍ର ୬୯ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଭାରତର ସ୍ପିନରମାନେ ୯ଟି ୱିକେଟ ପାଇଥିଲେ। ଶେଫାଳି ବର୍ମା ୪୮ ରନ୍ କରିବା ସହ ୨ଟି ୱିକେଟ ନେଇ ଶ୍ରେଷ୍ଠ ଅଲରାଉଣ୍ଡ ସଫଳତା ପାଇଥିଲେ। ଫାଇନାଲ ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ବାଂଲାଦେଶକୁ ହରାଇ ପାକିସ୍ତାନ କାଂସ୍ୟ ପଦକ ହାସଲ କରିଥିଲା। ସୂଚନା ଯୋଗ୍ୟ ନିକଟରେ ଦୁବାଇରେ ଶେଷ ହୋଇଥିବା ଏସିଆ କପ୍ ଓ ୪ବର୍ଷ ପୂର୍ବେ ଗୁଆଙ୍ଗଝୋଉ ଏସିଆନ ଗେମ୍ସ ଫାଇନାଲରେ ଶ୍ରୀଲଙ୍କାକୁ ଭାରତ ହରାଇଥିଲା।




**ଅବପାତ ଘନୀଭୂତ**

## ଦକ୍ଷିଣ ଓଡ଼ିଶାକୁ ରେଡ୍ ଆଲର୍ଟ

### ୬୦ କିମି ବେଗରେ ପବନ, ଦୁଇ ଦିନ ଭୀଷଣ ବର୍ଷା

■ ଭୁବନେଶ୍ୱର, ୨୨।୯ (ସମିସ): ବଙ୍ଗୋପସାଗରରେ ଥିବା ଅବପାତ ଘନୀଭୂତ ହେବାରେ ଲାଗିଛି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ଏହା ଅଧିକ ଶକ୍ତିଶାଳୀ ହୋଇ ଗଭୀର ଅବପାତରେ ପରିଣତ ହୋଇଛି। ଏହା ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ଅନୁଭୂତ ହେବ। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ପକ୍ଷରୁ ଆସନ୍ତା ୨ ଦିନ ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି। ବର୍ଷାର ପ୍ରଭାବ ବିଶେଷ କରି ଦକ୍ଷିଣ ଓଡ଼ିଶାରେ ଅଧିକ ରହିବା ସହ ଉପକୂଳବର୍ତ୍ତୀ ଜିଲ୍ଲାରେ ମଧ୍ୟ ପ୍ରଭାବ ରହିବ।

ବର୍ତ୍ତମାନ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଏହି ଗଭୀର ଅବପାତ ସକ୍ରିୟ ରହିଛି। ବିଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୧୮ କିମି ବେଗରେ ଗଭୀର ଅବପାତଟି ପଶ୍ଚିମ ଦିଗରେ ଗତି କରୁଛି। ଏବେ ଏହା ଗୋପାଳପୁରର ଦକ୍ଷିଣ-ପୂର୍ବରେ



ପ୍ରାୟ ୧୮୦ କିମି, କଳିଙ୍ଗପଟ୍ଟନମର ପୂର୍ବ-ଦକ୍ଷିଣପୂର୍ବରେ ୧୮୦ କିମି, ପୁରୀର ଦକ୍ଷିଣରେ ୨୧୦ କିମି ଏବଂ ବିଶାଖାପାଟଣାର ପୂର୍ବରେ ୨୭୦ କିମି ଦୂରରେ ରହିଛି। ଏହା ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଆଗାମୀ ୧୨ ଘଣ୍ଟା ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଗଭୀର ଅବପାତରେ ପରିଣତ ହେବ। କ୍ରମାଗତ ଭାବେ ପଶ୍ଚିମ-ଉତ୍ତରପଶ୍ଚିମ ଆଡ଼କୁ ଗତି କରି ଏହା ଏକ ଗଭୀର ଅବପାତ ରୂପେ ୨୩ ତାରିଖ ରାତିରୁ ୨୪ ସେପ୍ଟେମ୍ବର ସକାଳ ମଧ୍ୟରେ ବିଶାଖାପାଟଣା ଏବଂ ଗୋପାଳପୁର ମଧ୍ୟବର୍ତ୍ତୀ ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡ଼ିଶା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଆଇଏମ୍‌ଡିର ସୂଚନା ଅନୁଯାୟୀ ୨୩ ଏବଂ ୨୪ରେ ଦକ୍ଷିଣ ଓଡ଼ିଶାର ଅଧିକାଂଶ ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା ହେବ। ଏହା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ କିଛି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ୨୫ରେ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ଭାରି ବର୍ଷାର ସମ୍ଭାବନା ରହିଛି। ୨୩ରେ କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର, ମାଲକାନଗିରି ଜିଲ୍ଲାରେ ଅତ୍ୟନ୍ତ ପ୍ରବଳ ବର୍ଷା ଆଶଙ୍କା ସହ ▸ପୃଷ୍ଠା-୭

**ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗର୍ଜିଲା ବିଜେଡି; ଖଣି ଆଇନ ପ୍ରତ୍ୟାହାର ପାଇଁ କଂଗ୍ରେସର ହଙ୍ଗାମା**

## ଧୋଇଗଲା 'ମୌସୁମୀ'ର ପ୍ରଥମ ଦିନ

■ ଭୁବନେଶ୍ୱର, ୨୨।୯ (ସମିସ): ଯାହା ଆଶଙ୍କା କରାଯାଉଥିଲା, ତାହା ହିଁ ଘଟିଲା। ମୌସୁମୀ ଅଧିବେଶନର ପ୍ରଥମ ଦିନରେ ବିରୋଧୀଙ୍କ ପ୍ରବଳ ବିରୋଧ ଓ ହଟ୍ଟଗୋଳରେ ପ୍ରଥମ ଦିନ ଧୋଇ ଯାଇଛି। ସ୍କୁଲ ପାଠ୍ୟ ପୁସ୍ତକ ତ୍ରୁଟିରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜେଡି ଏମଏମଡିଆର ସଂଶୋଧନ ଆଇନ ସଂଶୋଧନ ପ୍ରତିବାଦରେ କଂଗ୍ରେସ ଗୃହ ହୁଲସ୍ଥୁଲ କରିଛି। ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଂ କରି ନିଲମ୍ବିତ ହୋଇଥିବା ବିଜେଡି ଓ କଂଗ୍ରେସର କେତେକ ବିଧାୟକ ମଧ୍ୟ ବାଚସ୍ପତିଙ୍କ ପୋଡିୟମ ତଳେ ମଧ୍ୟ ପ୍ରବଳ ନାରାବାଜି କରିଛନ୍ତି। ଫଳରେ ପ୍ରଥମ ଦିନ ଗୃହ ବିଭିନ୍ନ ପର୍ଯ୍ୟାୟରେ ମାତ୍ର ୪୯ ମିନିଟ ଚାଲିପାରିଛି। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଆସନ୍ତାକାଲି ସକାଳ



**ବିରୋଧରେ ସାମିଲ ହେଲେ ନିଲମ୍ବିତ ବିଧାୟକ**

**ହୋ ହଲ୍ଲା ମଧ୍ୟରେ ୬ ବିଲ୍, ୨ ଅଧ୍ୟାଦେଶ ଉପସ୍ଥାପିତ**

୧୦ଟା ୩୦ ମିନିଟ ଯାଏଁ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି।

ଆଜି ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଦିବଂଗତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଡମ୍ବରୁ ମାଝୀ, ସୁଶାନ୍ତ ସିଂ, ପୂର୍ବ ସରକାରୀ ଦଳ ମୁଖ୍ୟ ସଚେତକ ସତ୍ୟ ଭୂଷଣ ସାହୁ, ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ହାଜି ମହମ୍ମଦ ଆୟୁବ ଖାନ, ଶିବାଜୀ ମାଝୀ ଏବଂ ନେପାଳ ବନ୍ୟାରେ ମୃତକଙ୍କ ଉଦ୍ଦେଶ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଏହି ପ୍ରସ୍ତାବକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇ(ଏମ୍) ବିଧାୟକ ଲକ୍ଷ୍ମଣ ମୁଣ୍ଡା ସମର୍ଥନ ସହ ▸ପୃଷ୍ଠା-୭

### ଓଲଟ ପାଲଟ



ଓଡିଶା ବିଧାନସଭାଟି ବସିବ
ଶୁଭିଲାଣି ହଇ ଚଇ,
ବିରୋଧୀ ଦଳତ ପ୍ରଶ୍ନବାଣରେ
ଭାଙ୍ଗିବେ ଦଲେଇ ଘାଇ !
ଖଣି ଲୁଟ୍ କେନ୍ଦ୍ର ଅବହେଳା କଥା
ପ୍ରସଙ୍ଗ ହୋଇବ ସାର,
ଅକଳରେ ପଡି ମୋହନ ସର୍କାର
ହେବ ଖାଲି ହର ବର !
ପ୍ରଶ୍ନ କାଳ ସବୁ ଧୋଇ ହୋଇ ଯିବ
ପାଟିରେ ଫାଟିବ ଘର !!

-ଯାଯାବର

**ବନ୍ଦେ ମାତରମ ଗାନ ସଂକ୍ରାନ୍ତ ଦଣ୍ଡ ବ୍ୟବସ୍ଥାର ଅନୁଧ୍ୟାନ କରିବେ ସୁପ୍ରିମକୋର୍ଟ**

## ଧାର୍ମିକ ସ୍ୱାଧୀନତାର ସୁରକ୍ଷା ଜରୁରି

■ ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ମାମଲା ସୁପ୍ରିମ କୋର୍ଟରେ ପହଞ୍ଚିଛି। ଗୀତର ସମସ୍ତ ୬ଟି ପଦ ନଗାଇଲେ ଦଣ୍ଡ ମିଳିବ ବୋଲି ରାଷ୍ଟ୍ରୀୟ ସମ୍ମାନ ଆଇନରେ ଯେଉଁ ସଂଶୋଧନ କରାଯାଇଛି, ତାହାକୁ କୋର୍ଟରେ ଚାଲେଞ୍ଜ କରାଯାଇଛି। ଏସଂକ୍ରାନ୍ତ ପିଟିସନକୁ ବିଚାର ପାଇଁ ଗ୍ରହଣ କରିଛନ୍ତି ସର୍ବୋଚ୍ଚ ଅଦାଲତ। ଏ ସଂପର୍କରେ କେନ୍ଦ୍ର ସରକାରଙ୍କୁ ନୋଟିସ ଦେବା ସହିତ କୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଜାତୀୟ ଗୀତ ସଂପର୍କରେ ସରକାର ନିଷ୍ପତ୍ତି ନେଇପାରିବେ, କିନ୍ତୁ ସମ୍ବିଧାନର ଧାରା ୨୫ ଓ ୨୬ରେ ଦିଆଯାଇଥିବା ଧାର୍ମିକ ସ୍ୱାଧୀନତା କ୍ଷୁର୍ଣ୍ଣ ହେବା ଉଚିତ ନୁହେଁ। ଏହାକୁ ସୁରକ୍ଷିତ ରଖାଯିବା ଜରୁରୀ। ସଂଶୋଧିତ ଆଇନରେ ଧାର୍ମିକ ସ୍ୱାଧୀନତାକୁ ସୁରକ୍ଷା ମିଳିଛି କି ନାହିଁ, ତାହା କୋର୍ଟ ଅନୁଧ୍ୟାନ କରିବେ ବୋଲି କହିଛନ୍ତି। କର୍ଣ୍ଣାଟକୀ ସଙ୍ଗୀତକାର ଟିଏମ୍ ▸ପୃଷ୍ଠା-୭

**କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି**



### ମେହେଟ୍ଟା-ମୁରଲୀଧର ମୁହାଁମୁହିଁ

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍ ମୁରଲୀଧର ଯୁକ୍ତି କରିଥିଲେ ଯେ ସରକାର ତରବରିଆ ଭାବେ ଆଇନରେ ସଂଶୋଧନ କରିଛନ୍ତି। ଏଭଳି ଗୁରୁତ୍ୱପୂର୍ଣ୍ଣ ଆଇନ ପ୍ରଣୟନ ଲାଗି ବ୍ୟାପକ ଆଲୋଚନା ଓ ସହମତିର ଆବଶ୍ୟକତା ରହିଛି। ତାଙ୍କର ଏଭଳି ଯୁକ୍ତିରେ ଉତ୍ତ୍ୟକ୍ତ ହୋଇ ମୁରଲୀଧରଙ୍କ ପ୍ରତି ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ ସଲିସିଟର ଜେନେରାଲ ମେହେଟ୍ଟା। ମେହେଟ୍ଟା କହିଥିଲେ ଯେ ଆଇନ ସମ୍ବିଧାନ ଅନୁସାରେ ପ୍ରଣୟନ ▸ପୃଷ୍ଠା-୭

**ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳର ବିକ୍ଷୋଭ**

## ଲୋୟର ପିଏମ୍‌ଜିରେ ବିଜେଡିର ଗର୍ଜନ



■ ଭୁବନେଶ୍ୱର, ୨୨।୯ (ସମିସ): ପଢ଼ା ବହିରେ ଭୟଙ୍କର ତ୍ରୁଟି ଓ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ରାଜଧାନୀରେ ଗର୍ଜିଛି ଯୁବ ଓ ଛାତ୍ର ବିଜେଡି। ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ଜନତା ଦଳର କର୍ମୀମାନେ ଭୁବନେଶ୍ୱର ସ୍ଥିତ ଲୋୟର ପିଏମଜିରେ ବର୍ଷାରେ ଭିଜି ପ୍ରତିବାଦ ପ୍ରଦର୍ଶନ ସହ ଅହୋରାତ୍ର ଧାରଣାରେ ବସିଛନ୍ତି।

**ଧାରଣାସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଲେ ବିଜେଡି ବିଧାୟକ**

**ଆଜି ବିଧାନସଭା ଘେରିବେ ଛାତ୍ର ଓ ଯୁବ ବିଜେଡି କର୍ମୀ**

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ଥିବା ବେଳେ ତାହା ରାଜ୍ୟ ସରକାର ପ୍ରତ୍ୟାହାର କଲେ ନାହିଁ। ଆସନ୍ତା କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଅନୁଷ୍ଠିତ ହେବ। ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀ ମାନେ କିପରି ପରୀକ୍ଷା ଦେବେ ? ପୁସ୍ତକରେ ୧୬୭୮ରୁ ଅଧିକ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପୁସ୍ତକ ବାବଦରେ ରାଜ୍ୟ ସରକାର ସବୁ ଜାଣି ସୁଦ୍ଧା ମାଲ ମାଲ ତ୍ରୁଟି ଥିବା ପୁସ୍ତକ ଛାତ୍ରଛାତ୍ରୀ ମାନଙ୍କୁ ପ୍ରଦାନ କରିଛନ୍ତି। ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାପିଥିବା ପ୍ରକାଶନ ସଂସ୍ଥାକୁ ଟେଣ୍ଡର ଦେବା ପାଇଁ କେନ୍ଦ୍ରୀୟ ବିଜେପି ନେତାମାନେ ଚାପ ପ୍ରୟୋଗ କରି ନିଜ ପ୍ରକାଶନ ସଂସ୍ଥାକୁ ନେଇଥିଲେ। ପୁସ୍ତକ ପ୍ରକାଶନରେ ୩୮୦କୋଟି ଟଙ୍କାର ଦୁର୍ନୀତି ହୋଇଛି। ଏହି ଦୁର୍ନୀତିରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସାମିଲ୍ ରହିଛନ୍ତି। ତାଙ୍କ ଇସ୍ତଫା ଦାବି କରିବା ସତ୍ତ୍ୱେ ମନ୍ତ୍ରୀ କିନ୍ତୁ ନିଜ ପଦ ଛାଡିନଥିବାରୁ ଆନ୍ଦୋଳନକୁ ଜୋରଦାର କରାଯାଇଛି। ମୁଖ୍ୟମନ୍ତ୍ରୀ ଚୁପ୍ ହୋଇ ବସିରହିବା ସହ ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କରିବାରେ ପଛଘୁଞ୍ଚା ଦେଉଛନ୍ତି। ବିଜେପି ସରକାର ବିପର୍ଯ୍ୟସ୍ତ ଶିକ୍ଷା ବ୍ୟବସ୍ଥା ଜରିଆରେ ରାଜ୍ୟର ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳୁଛନ୍ତି ବୋଲି ▸ପୃଷ୍ଠା-୭




# ପୁଲିସ ପରିଚୟ ଦେଇ ଦିଲ୍ଲୀରେ ନାବାଳିକାଙ୍କୁ ଗଣଦୁଷ୍କର୍ମ; ୩ ଗିରଫ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଦକ୍ଷିଣ ଦିଲ୍ଲୀର କାଲକାଜୀ ମନ୍ଦିର ନିକଟସ୍ଥ ଏକ ପାର୍କରେ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ପୁଲିସ ପରିଚୟ ଦେଇ ତିନି ଜଣ ଯୁବକ ସାମୂହିକ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଛି। ପୁଲିସ ଅନୁସାରେ, ଗତ ସୋମବାର ସନ୍ଧ୍ୟାରେ ନାବାଳିକା ଜଣକ ନିଜର ଜଣେ ନାବାଳକ ପୁରୁଷ ବନ୍ଧୁଙ୍କ ସହ କାଲକାଜୀ ମନ୍ଦିରକୁ ପୂଜା କରିବାକୁ ଯାଇଥିଲେ। ପୂଜା ସାରି ସେମାନେ ନିକଟସ୍ଥ ପାର୍କକୁ ଯାଇଥିଲେ। ସେଠାରେ ବସିଥିବା ସମୟରେ ୨୫ରୁ ୩୦ ବର୍ଷ ବୟସର ତିନି ଜଣ ଯୁବକ ନିଜକୁ ପୁଲିସ ବୋଲି ପରିଚୟ ଦେଇ ସେମାନଙ୍କୁ ଧମକାଇଥିଲେ। ଅଭିଯୁକ୍ତମାନେ ବନ୍ଧୁକ ଓ ଛୁରି ଦେଖାଇ ଦୁଇଜଣଙ୍କୁ ଭୟଭୀତ କରିଥିଲେ। ଏହାପରେ ସେମାନେ ନାବାଳିକାଙ୍କୁ ସାମୂହିକ ଦୁଷ୍କର୍ମ କରିଥିଲେ। ରାତିରେ ଘଟଣା ସମ୍ପର୍କରେ ଖବର ମିଳିବା ପରେ ପୁଲିସ ଟିମ୍ ଘଟଣାସ୍ଥଳରେ ପହଞ୍ଚି ନାବାଳିକାଙ୍କୁ ଡାକ୍ତରୀ ମାଇନା ପାଇଁ ପଠାଇଥିଲା। ସିସିଟିଭି ଫୁଟେଜ୍ ଯାଞ୍ଚ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଅମର



କୋଲୋନି ଅଞ୍ଚଳରେ ପୁଲିସ ଏନକାଉଣ୍ଟର ପରେ ଆସିଫ୍ ନାମକ ପ୍ରମୁଖ ଅଭିଯୁକ୍ତକୁ ଗିରଫ କରାଯାଇଛି। ପୁଲିସ ଉପରକୁ ଗୁଳିଚାଳନା କରିବାରୁ ଜବାବୀ ଗୁଳିରେ ଆସିଫ୍‌ର ଗୋଡ଼ରେ ଗୁଳି ବାଜିଥିଲା। ପରେ ଅନ୍ୟ ଦୁଇ ଅଭିଯୁକ୍ତ ହେମନ୍ତ ଓ ମୁକେଶଙ୍କୁ ମଧ୍ୟ ମଙ୍ଗଳବାର ଗିରଫ କରାଯାଇଛି। ପୁଲିସ ଏହି ଘଟଣାରେ ପକ୍ସୋ ଆଇନ ଅଧୀନରେ ମାମଲା ରୁଜୁ କରିଛି। ସୂଚନାଯୋଗ୍ୟ, ବିଗତ ୧୦ ଦିନ ମଧ୍ୟରେ ଦିଲ୍ଲୀରେ ଏହା ଚତୁର୍ଥ ନାବାଳିକା ଦୁଷ୍କର୍ମ ମାମଲା।

# ବିହାର ଛାତ୍ରୀ ନିର୍ଯାତନା ଘଟଣାର ମୁଖ୍ୟ ଅଭିଯୁକ୍ତ ନନ୍ଦନ ଯାଦବକୁ ଏନ୍‌କାଉଣ୍ଟର

ଜମୁଇ, ୨୨।୯ (ଏଜେନ୍ସି): ବିହାରର ଜମୁଇ ଜିଲ୍ଲାରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ନିର୍ଯାତନା ଦେବା ମାମଲାରେ ମଙ୍ଗଳବାର ପୁଲିସ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଏଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ଏନକାଉଣ୍ଟରରେ ମୁଖ୍ୟ ଅଭିଯୁକ୍ତ ନନ୍ଦନ ଯାଦବର ବାମ ଗୋଡ଼ରେ ପୁଲିସ ଗୁଳି ବାଜିଛି। ତାଙ୍କୁ ଚିକିତ୍ସା ପାଇଁ ସଦର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୯ରେ ମାରୱା ପାହାଡ଼ ଅଞ୍ଚଳରେ ଟ୍ୟୁସନରୁ ଫେରୁଥିବା ଦଶମ



ଶ୍ରେଣୀର ଜଣେ ଛାତ୍ରୀ ଓ ତାଙ୍କ ସହପାଠୀଙ୍କୁ କିଛି ଯୁବକ ଅଟକାଇ ନିର୍ଯାତନା ଦେଇଥିଲେ। ସେମାନେ ଛାତ୍ରୀଙ୍କ ସହ ଅସଦାଚରଣ କରିବା ସହ ଧମକ ଚମକ ଦେଇଥିଲେ। ଅଭିଯୁକ୍ତମାନେ ଏହି ଘଟଣାର ଭିଡିଓ ରେକର୍ଡ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ। ଏହା ପରେ ପୁଲିସ ଘଟଣାର ତଦନ୍ତ ଜୋରଦାର କରିଥିଲା। ପୁଲିସ ମାରୱା ପାହାଡ଼ ନିକଟରେ ଲୁଚି ରହିଥିବା ନନ୍ଦନ ଯାଦବଙ୍କୁ ଘେରି ଗିରଫ କରିବାକୁ ଚେଷ୍ଟା କରିଥିଲା। ଏହି ସମୟରେ ସେ ଖସି ପଳାଇବାକୁ ଚେଷ୍ଟା କରିବାରୁ ପୁଲିସ ବାଧ୍ୟହୋଇ ଗୁଳିଚାଳନା କରିଥିଲା। ଏହି ମାମଲାରେ ବର୍ତ୍ତମାନ ସୁଦ୍ଧା ୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୩ ଜଣ ନାବାଳକ ରହିଥିବା ଜଣାପଡ଼ିଛି। ଏହା ସହିତ ଭିଡିଓ ଭାଇରାଲ କରିବା ଅଭିଯୋଗରେ ରମାଶିଷ ଚୌଧୁରୀଙ୍କୁ ନାମକ ଜଣେ ଯୁବକଙ୍କୁ ମଧ୍ୟ ଗିରଫ କରାଯାଇଛି।

# ଅଡୁଆରେ ବିଦ୍ରୋହୀ ଟିଏମ୍‌ସି ସାଂସଦ

## ନିର୍ଦ୍ଧାରିତ ସମୟରେ ଦାଖଲ କରିପାରିଲେନି ଜବାବ
## ଉତ୍ତର ଦେବାକୁ ଆଉ ୪ ସପ୍ତାହ ସମୟ ଲୋଡ଼ିଲେ



ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ପଶ୍ଚିମ ବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ବିରୋଧରେ ବିଦ୍ରୋହ କରି ଏକ ଅପରିଚିତ ଦଳରେ ସାମିଲ ହୋଇଥିବା ଟିଏମସିର ୨୦ ଜଣ ବିଦ୍ରୋହୀ ସାଂସଦଙ୍କ ପାଇଁ ଅଡୁଆ ଛିଡୁନାହିଁ। ଦଳବଦଳ ବିରୋଧୀ ଆଇନ ଅନୁଯାୟୀ ସେମାନଙ୍କୁ ଲୋକସଭାରୁ ଅଯୋଗ୍ୟ ଘୋଷଣା କରିବା ଲାଗି ମମତା ପିଟିସନ ଦାଖଲ କରିଥିବା ବେଳେ ସେମାନଙ୍କୁ ନୋଟିସ ଜାରିଛନ୍ତି ଲୋକସଭା ବାଚସ୍ପତି ଓମ୍ ବିର୍ଲା। କିନ୍ତୁ ସେମାନେ ଜବାବ ଦାଖଲ କରି ପାରୁନାହାନ୍ତି। ଜବାବ ଦାଖଲ ପାଇଁ ଆଜି ସମୟସୀମା ଶେଷ ହୋଇଥିଲେ ମଧ୍ୟ ସେମାନେ ଆହୁରି ୪ ସପ୍ତାହ ସମୟ ଲୋଡ଼ିଛନ୍ତି। ଏହାପୂର୍ବରୁ ବାଚସ୍ପତି ସେମାନଙ୍କୁ ପ୍ରଥମେ ଅଗଷ୍ଟ ୨୬ରେ ନୋଟିସ ଜାରି କରିଥିଲେ। ସାତ ଦିନ ମଧ୍ୟରେ ଜବାବ ଦେବା ଲାଗି ସେମାନଙ୍କୁ କୁହାଯାଇଥିଲା। କିନ୍ତୁ ସେମାନେ ସେପଟେମ୍ବର ୨୨ ତାରିଖ ପର୍ଯ୍ୟନ୍ତ ସମୟ ଲୋଡ଼ିଥିଲେ। ଆଜି ଏହି ସମୟ ଶେଷ ହୋଇଥିବା ବେଳେ ସେମାନେ ଆହୁରି ୪ ସପ୍ତାହ ସମୟ ଲୋଡ଼ିଛନ୍ତି। ସେମାନେ ଦସ୍ତାବିଜ ଯୋଗାଡୁଛନ୍ତି ଏବଂ ଏଥିପାଇଁ ସମୟ ଦରକାର ବୋଲି କହିଛନ୍ତି।

ବିଶେଷ କରି ଏହି ମାମଲାରେ ସୁପ୍ରିମ କୋର୍ଟ ହସ୍ତକ୍ଷେପ କରିବା ପରେ ବିଦ୍ରୋହୀମାନଙ୍କ ଅଡୁଆ ବଢ଼ିଯାଇଛି। ବିଦ୍ରୋହୀଙ୍କୁ ଅଯୋଗ୍ୟ ଘୋଷଣା କରିବା ଲାଗି ମମତା ବାଚସ୍ପତିଙ୍କ ନିକଟରେ ଦାବି କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିଲା। ମମତାଙ୍କ ପିଟିସନ ଉପରେ ସୁପ୍ରିମ କୋର୍ଟ ନୋଟିସ ଜାରି କରିବା ପରେ ବାଚସ୍ପତି ବିର୍ଲା ବିଦ୍ରୋହୀମାନଙ୍କୁ ନୋଟିସ ଜାରି କରିଥିଲେ। କିନ୍ତୁ ନୋଟିସର ଜବାବ ଦେବା ବଦଳରେ ସେମାନେ ସମୟ ଗଡ଼ାଇ ଚଳାଇଛନ୍ତି। ସେମାନେ କଣ ପାଇଁ ଉତ୍ତର ଦାଖଲ କରିପାରୁ ନାହାନ୍ତି ଏବଂ କାହିଁକି ସମୟ ଗଡ଼ାଉଛନ୍ତି, ତାହା ସ୍ପଷ୍ଟ ହୋଇନାହିଁ। ତେବେ ମିଳିଥିବା ସୂଚନା ଅନୁଯାୟୀ ସେମାନେ ସୁପ୍ରିମ କୋର୍ଟଙ୍କ ଏକ ଆଦେଶକୁ ଅପେକ୍ଷା କରୁଥିବା ଜଣାପଡ଼ିଛି। ଉପନିର୍ବାଚନ ପୂର୍ବରୁ ନିର୍ବାଚନ କମିସନ ମମତାଙ୍କ ଟିଏମସିର ନାମ ଓ ଚିହ୍ନ ଫ୍ରିଜ୍ କରିଥିବାରୁ ଏହାକୁ ମମତା ସୁପ୍ରିମ କୋର୍ଟରେ ଚାଲେଞ୍ଜ କରିଛନ୍ତି। ସୁପ୍ରିମ କୋର୍ଟ ଏହା ଉପରେ କଣ ରାୟ ଦେଉଛନ୍ତି, ତାହାକୁ ବିଦ୍ରୋହୀମାନେ ଅପେକ୍ଷା କରିଛନ୍ତି।

## ଚୀନ୍‌ରେ ବରିଷ୍ଠ ଜେନେରାଲ ବହିଷ୍କୃତ

ବେଜିଂ, ୨୨।୯ (ଏଜେନ୍ସି): ଚୀନର ଶାସକ କମ୍ୟୁନିଷ୍ଟ ପାର୍ଟି ନିଜର ଦୁଇ ଜଣ ଉଚ୍ଚପଦସ୍ଥ ସାମରିକ ଅଧିକାରୀଙ୍କୁ ଦଳ ଓ ସେନାରୁ ବହିଷ୍କାର କରିଛି। ଏହି ଅଧିକାରୀମାନଙ୍କ ମଧ୍ୟରେ ଚୀନ୍ ସେନାର ସର୍ବୋଚ୍ଚ ପଦବୀରେ ଥିବା ଜେନେରାଲ



ଜାଙ୍ଗ ୟୁସିଆ ଏବଂ ଜେନେରାଲ ଲିୟୁ ଜେନଲି ସାମିଲ ଅଛନ୍ତି। ଆଇନ ଓ ଶୃଙ୍ଖଳା ଭଙ୍ଗ ଅଭିଯୋଗରେ ସେମାନଙ୍କ ବିରୋଧରେ ଏହି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା କୁହାଯାଇଛି। ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ନେତୃତ୍ୱରେ ବ୍ୟାପକ ଭ୍ରଷ୍ଟାଚାର ବିରୋଧୀ ଅଭିଯାନ ଚାଲିଛି। ଏହାରି ଅଧୀନରେ ସେମାନଙ୍କୁ ଗିରଫ କରାଯାଇଛି। ଜେନେରାଲ ଜାଙ୍ଗ ଚୀନର ଶକ୍ତିଶାଳୀ ସେଣ୍ଟ୍ରାଲ ମିଲିଟାରୀ କମିସନର ପ୍ରଥମ ଉପ-ଅଧ୍ୟକ୍ଷ ଥିଲେ। ଏହା ସହିତ ସେ ଚୀନ୍ ସେନାର ସର୍ବୋଚ୍ଚ ର୍‍ୟାଙ୍କଧାରୀ ସାମରିକ ଅଧିକାରୀ ଏବଂ ୨୪-ଜଣିଆ ପୋଲିଟବ୍ୟୁରୋର ସଦସ୍ୟ ମଧ୍ୟ ଥିଲେ। ଅପରପକ୍ଷରେ, ଜେନେରାଲ ଲିୟୁ ଜଏଣ୍ଟ ଷ୍ଟାଫ୍ ଡିପାର୍ଟମେଣ୍ଟର ଚିଫ୍ ଅଫ୍ ଷ୍ଟାଫ୍ ଭାବେ କାର୍ଯ୍ୟ କରୁଥିଲେ। ଚଳିତ ବର୍ଷ ଜାନୁଆରୀରୁ ସେମାନଙ୍କ ବିରୋଧରେ ଦୁର୍ନୀତି ଏବଂ ନିଜ ସମ୍ପର୍କୀୟ ଓ ସହଯୋଗୀଙ୍କ ଅନିୟମିତତାକୁ ରୋକିବାରେ ବିଫଳ ହେବା ନେଇ ତଦନ୍ତ ଚାଲିଥିଲା।

## ଖୋଲିଲା 'ଟ୍ରମ୍ପ ଟିଭି' ୟୁଟ୍ୟୁବ୍ ଚାନେଲ

ୱାସିଂଟନ୍, ୨୨।୯ (ଏଜେନ୍ସି): ହ୍ୱାଇଟ୍ ହାଉସ୍ ପକ୍ଷରୁ ଆମେରିକାରେ ଅନେକ ଗଣମାଧ୍ୟମ ଉପରେ ପ୍ରବେଶ ପ୍ରତିବନ୍ଧକ ଲଗାଯାଇଛି। ଏହାର ବିରୋଧ କରି ଆମେରିକାର ଅନେକ ଟିଭି ଚାନେଲ ଟ୍ରମ୍ପଙ୍କ କାର୍ଯ୍ୟକ୍ରମର ପ୍ରସାରଣ ବନ୍ଦ କରିଦେଇଛନ୍ତି। କଟକଣା ନହଟିବା ପର୍ଯ୍ୟନ୍ତ ହ୍ୱାଇଟ ହାଉସ କାର୍ଯ୍ୟକ୍ରମ ପ୍ରସାରିତ ହେବନାହିଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ଏହି ବିବାଦ ମଧ୍ୟରେ ହ୍ୱାଇଟ୍ ହାଉସ୍ ପକ୍ଷରୁ 'ଟ୍ରମ୍ପ ଟିଭି' ନାମକ ଏକ ୨୪ ଘଣ୍ଟିଆ ଚାନେଲ ଆରମ୍ଭ କରାଯାଇଛି। ଏହି ପ୍ଲାଟଫର୍ମରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବ ଭାଷଣ, ପ୍ରଶାସନିକ ଘୋଷଣା ଏବଂ ପ୍ରମୁଖ ଅପଡେଟ୍ ପ୍ରସାରିତ ହେବ। ସିଏନ୍‌ଏନ୍, ପୋଲିଟିକୋ ଏବଂ ଏମଏସ ନାଓ ଭଳି ପ୍ରମୁଖ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ହ୍ୱାଇଟ୍ ହାଉସ୍ ପ୍ରବେଶ ଅଧିକାର ରଦ୍ଦ କରାଯିବା ନେଇ ସୃଷ୍ଟି ହୋଇଥିବା ବିବାଦ ମଧ୍ୟରେ ଏହି ପଦକ୍ଷେପ ନିଆଯାଇଛି।

## ହାଇକୋର୍ଟରେ ନନ୍ଦୀଗ୍ରାମ ମାମଲା

କୋଲକାତା, ୨୨।୯ (ଏଜେନ୍ସି): ନନ୍ଦୀଗ୍ରାମ ଉପନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମିଲନ ପ୍ରଧାନ ଯେପରି ସଠିକ୍ ଭାବେ ନିର୍ବାଚନ ଲଢ଼ିପାରିବେ ତାହା ନିଶ୍ଚିତ କରିବାକୁ କଲିକତା ହାଇକୋର୍ଟ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ତାଙ୍କୁ ଜାମିନ ମିଳିଲେ ତୁରନ୍ତ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ କୋର୍ଟ କହିଛନ୍ତି। ନନ୍ଦୀଗ୍ରାମ ଉପନିର୍ବାଚନ ଆସନ୍ତା ଅକ୍ଟୋବର ୬ରେ ଅନୁଷ୍ଠିତ ହେବ। ପ୍ରଚାର ଅକ୍ଟୋବର ୪ ରେ ଶେଷ ହେବ ଏବଂ ଭୋଟ ଗଣତି ଅକ୍ଟୋବର ୯ରେ ହେବ। ପ୍ରାର୍ଥୀ ଘୋଷଣା ହେବା ପରେ ପରେ ଏକ ପୁରୁଣା ମାମଲାରେ ମିଲନଙ୍କୁ ପୁଲିସ ଗିରଫ କରିଥିଲା। ଫଳରେ ତାଙ୍କ ନିର୍ବାଚନୀ ପ୍ରଚାର ଗୁରୁତର ଭାବେ ବାଧାପ୍ରାପ୍ତ ହୋଇଛି। ୨୦୦୭ ର ଜମି ଅଧିଗ୍ରହଣ ବିରୋଧୀ ଆନ୍ଦୋଳନ ସହ ଜଡ଼ିତ ୪ଟି ମାମଲା ଏବଂ ପ୍ରାୟ ଦୁଇ ଦଶନ୍ଧି ପୁରୁଣା ଆର୍ମ୍ସ ଆକ୍ଟ ମାମଲାରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି। ମିଲନଙ୍କ ଓକିଲ ଅଭିଯୋଗ କରିଛନ୍ତି ଯେ, ଉପନିର୍ବାଚନ ପାଇଁ ଟିଏମସିର ଏକ ଗୋଷ୍ଠୀର ସମର୍ଥନ ମିଳିବା ପରେ ହିଁ ତାଙ୍କୁ ଗିରଫ କରାଯାଇଛି। ମାମଲାର ଶୁଣାଣି ବେଳେ ଜଷ୍ଟିସ ସୌଗତ ଭଟ୍ଟାଚାର୍ଯ୍ୟ ରାଜ୍ୟ ସରକାରଙ୍କ ଅତିରିକ୍ତ ଆଡଭୋକେଟ ଜେନେରାଲ ରାଜଦୀପ ମଜୁମଦାରଙ୍କୁ ଜାମିନ ମିଳିବା ପରେ ମିଳନଙ୍କୁ ନିର୍ବାଚନ ଲଢ଼ିବାକୁ ସୁଯୋଗ ଦେବାକୁ କହିଛନ୍ତି।।

## ଇରାନ ଆକାଶରେ 'ବ୍ଲାକ୍ ମାଣ୍ଟା'

ତେହେରାନ୍, ୨୨।୯ (ଏଜେନ୍ସି): ଆମେରିକା ଓ ଇରାନ ମଧ୍ୟରେ ଉତ୍ତେଜନା ଚାଲିଥିବା ସମୟରେ, ଇରାନର ରାଜଧାନୀ ତେହେରାନ୍ ଆକାଶରେ ଏକ ରହସ୍ୟମୟ ଆଲୋକିତ ବସ୍ତୁ ଦେଖାଯିବା ପରେ ବିଶ୍ୱବ୍ୟାପୀ ଚର୍ଚ୍ଚା ଜୋର ଧରିଛି। ସେପ୍ଟେମ୍ବର ୨୦ରେ ତେହେରାନ୍‌ର ଆଜାଦେଗାନ୍ ଏକ୍ସପ୍ରେସୱେ ନିକଟରେ



ରଙ୍ଗବେରଙ୍ଗୀ ଆଲୋକ ବିଶିଷ୍ଟ, ଅର୍ଦ୍ଧଚନ୍ଦ୍ର ଆକୃତିର ବସ୍ତୁ ଉଡୁଥିବାର ଦେଖାଯାଇଥିଲା। ପରଦିନ ଜାହେଦାନ୍ ଆକାଶରେ ମଧ୍ୟ ସମାନ ଧରଣର ଆଲୋକପୁଞ୍ଜ ଦେଖିବାକୁ ମିଳିଥିଲା। ତେବେ ଏହି ଘଟଣା ଆମେରିକାର ଅତ୍ୟନ୍ତ ଗୁପ୍ତ ଗୁଇନ୍ଦା ବିମାନ 'ଟିଆର୍-୩ବି ବ୍ଲାକ୍ ମାଣ୍ଟା' ବୋଲି ସନ୍ଦେହ କରାଯାଇଛି। ବିଶେଷଜ୍ଞଙ୍କ ମତରେ ଆମେରିକା ଏହି ବିମାନ ଦ୍ୱାରା ଇରାନ ଉପରେ ଦୃଷ୍ଟି ରଖୁଛି। ତ୍ରିଭୁଜାକାର ଏହି ବିମାନ ଆଣ୍ଟି-ଗ୍ରାଭିଟି ଏବଂ ନ୍ୟୁକ୍ଲିୟର ପ୍ଲାଜମା ପ୍ରଯୁକ୍ତିବିଦ୍ୟା ଦ୍ୱାରା ଶବ୍ଦହୀନ ଭାବେ ଉଡ଼ିପାରେ। ତେବେ ଇରାନ ସରକାର କିମ୍ବା ଆମେରିକା ଏ ନେଇ କୌଣସି ସରକାରୀ ସ୍ପଷ୍ଟୀକରଣ ଦେଇନାହାନ୍ତି।

## ଗ୍ରୀନ୍‌ଲାଣ୍ଡ ନେଇ ଟ୍ରମ୍ପ-ଡେନମାର୍କ ଚୁକ୍ତି

ୱାସିଂଟନ୍, ୨୨।୯ (ଏଜେନ୍ସି): ବହୁ ବର୍ଷର କୂଟନୈତିକ ତିକ୍ତତା ପରେ, ଗ୍ରୀନ୍‌ଲାଣ୍ଡରେ ଆମେରିକାର ସାମରିକ ଉପସ୍ଥିତି ବୃଦ୍ଧି କରିବା ପାଇଁ ଡୋନାଲ୍ଡ ଟ୍ରମ୍ପ ଏବଂ ଡେନମାର୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଏହି ସମ୍ପ୍ରସାରଣ ଦ୍ୱାରା ଆର୍କଟିକ୍ ଅଞ୍ଚଳରେ ସାମରିକ ସୁରକ୍ଷା ମଜବୁତ୍ ହେବା ସହ ଦୀର୍ଘ ଦିନର ବିବାଦ ଶାନ୍ତ ହୋଇଛି। ଡେନମାର୍କର ପ୍ରଧାନମନ୍ତ୍ରୀ ମେଟେ ଫ୍ରେଡେରିକସେନ୍ କହିଛନ୍ତି ଯେ ଏହି ନୂତନ ଚୁକ୍ତି ଡେନମାର୍କର ସାର୍ବଭୌମତ୍ୱ ଏବଂ ଗ୍ରୀନ୍‌ଲାଣ୍ଡବାସୀଙ୍କ ଆତ୍ମନିର୍ଣ୍ଣୟ ଅଧିକାରକୁ ସମ୍ପୂର୍ଣ୍ଣ ସ୍ୱୀକୃତି ଓ ସମ୍ମାନ ଦେଇଛି। ୨୦୧୯ରେ ଟ୍ରମ୍ପ୍ ଗ୍ରୀନ୍‌ଲାଣ୍ଡ କିଣିବାର ପ୍ରସ୍ତାବ ଦେଇଥିଲେ। ଏହାପରେ ଦୁଇ ଦେଶ ମଧ୍ୟରେ ଏହି ବିବାଦ ବଢ଼ିଥିଲା। ପରବର୍ତ୍ତୀ ସମୟରେ ଟ୍ରମ୍ପ୍ ଗ୍ରୀନ୍‌ଲାଣ୍ଡ ଉପରେ ଆମେରିକାର ନିୟନ୍ତ୍ରଣ ଜରୁରୀ ବୋଲି ଦାବି କରିଥିଲେ। ଏହାସହ ସାମରିକ ବଳ ପ୍ରୟୋଗ ଏବଂ ୟୁରୋପୀୟ ଦେଶଗୁଡ଼ିକ ଉପରେ ଶୁଳ୍କ ଲଗାଇବାକୁ ଧମକ ଦେଇଥିଲେ। ମାତ୍ର ଡେନମାର୍କ ଓ ଗ୍ରୀନ୍‌ଲାଣ୍ଡର ନେତାମାନେ ଗ୍ରୀନ୍‌ଲାଣ୍ଡ ବିକ୍ରି ପାଇଁ ନୁହେଁ ବୋଲି ଦୃଢ଼ ଭାବେ କହି ଏହାକୁ ପ୍ରତ୍ୟାଖ୍ୟାନ କରିଆସିଥିଲେ।



ମଙ୍ଗଳବାର ନ୍ୟାସନାଲ ଫିଲ୍ମ ଆୱାର୍ଡ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ସମ୍ମାନିତ ହେଉଛନ୍ତି (ବାମରୁ) ଅନନ୍ତ ନାଗ (ଦାଦାସାହେବ ଫାଲକେ), କାର୍ତ୍ତିକ ଆର୍ଯ୍ୟନ ଓ ମାମୁଟି (ଶ୍ରେଷ୍ଠ ଅଭିନେତା) ଏବଂ ୟାମୀ ଗୌତମ (ଶ୍ରେଷ୍ଠ ଅଭିନେତ୍ରୀ)

## ଅକ୍ଟୋବର ୧୬ରେ ୧୨ଟି ରାଜ୍ୟସଭା ଆସନରେ ନିର୍ବାଚନ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ଉତ୍ତର ପ୍ରଦେଶର ୧୦ଟି, ପଶ୍ଚିମବଙ୍ଗ ଏବଂ ଉତ୍ତରାଖଣ୍ଡର ଗୋଟିଏ ରାଜ୍ୟସଭା ଆସନ ପାଇଁ ଆସନ୍ତା ଅକ୍ଟୋବର ୧୬ ତାରିଖରେ ଦ୍ୱିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଛନ୍ତି। ଏହା ସହିତ ପଶ୍ଚିମବଙ୍ଗର ଗୋଟିଏ ରାଜ୍ୟସଭା ଆସନ ପାଇଁ ମଧ୍ୟ ସେହିଦିନ ଉପ-ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନ ଆୟୋଗଙ୍କ ଅନୁଯାୟୀ, ସେପ୍ଟେମ୍ବର ୨୯ରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ। ଅକ୍ଟୋବର ୬ ନାମାଙ୍କନ ପତ୍ର ଦାଖଲର ଶେଷ ତାରିଖ ହୋଇଥିବା ବେଳେ ଅକ୍ଟୋବର ୭ରେ ଯାଞ୍ଚ ପ୍ରକ୍ରିୟା କରାଯିବ। ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ଅକ୍ଟୋବର ୯ ଧାର୍ଯ୍ୟ କରାଯାଇଛି। ଅକ୍ଟୋବର ୧୬ ସକାଳ ୯ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ମତଦାନ ଗ୍ରହଣ କରାଯିବ ଏବଂ ସନ୍ଧ୍ୟା ୫ଟାରୁ ଭୋଟ ଗଣତି ଆରମ୍ଭ ହେବ। ଉତ୍ତର ପ୍ରଦେଶରୁ ଅରୁଣ ସିଂହ, ରାମଗୋପାଳ ଯାଦବ, ବ୍ରିଜଲାଲ, ବିଏଲ୍. ବର୍ମା, ଦିନେଶ ଶର୍ମା ଏବଂ ହରଦୀପ ସିଂହ ପୁରୀଙ୍କ ସମେତ ୧୦ ଜଣ ସାଂସଦଙ୍କ କାର୍ଯ୍ୟକାଳ ଶେଷ ହେଉଛି। ଉତ୍ତରାଖଣ୍ଡରେ ସାଂସଦ ନରେଶ ବଂଶଲଙ୍କ କାର୍ଯ୍ୟକାଳ ପୂରଣ ହେଉଛି। ଅନ୍ୟପକ୍ଷରେ, ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଂସଦ ରୁକ୍ମିଣୀ ମଲ୍ଲିକଙ୍କ ଇସ୍ତଫା ପରେ ଖାଲିପଡ଼ିଥିବା ପଶ୍ଚିମବଙ୍ଗର ଆସନ ପାଇଁ ଏହି ଉପ-ନିର୍ବାଚନ ହେବ।

**ଅବସର ନେବେ ହରଦୀପ ସିଂହ, ଅରୁଣ ସିଂହ, ରାମଗୋପାଳ**

## ଭାରତର ସ୍ଥାୟୀ ସଦସ୍ୟତାକୁ ୪ ୟୁରୋପୀୟ ଦେଶର ସମର୍ଥନ

ନ୍ୟୁୟର୍କ, ୨୨।୯ (ଏଜେନ୍ସି): ମିଳିତ ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି)ରେ ଭାରତର ସ୍ଥାୟୀ ସଦସ୍ୟତା ଦାବିକୁ ୪ଟି ମଧ୍ୟୟୁରୋପୀୟ ଦେଶ ମିଳିତ ଭାବେ ସମର୍ଥନ ଜଣାଇଛନ୍ତି। ନ୍ୟୁୟର୍କଠାରେ ଆୟୋଜିତ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିସି) ଅବସରରେ ଭିସେଗ୍ରାଡ୍-୪ (ଭି-୪) ଗୋଷ୍ଠୀର ସଦସ୍ୟ ଦେଶ ହଙ୍ଗେରୀ, ପୋଲାଣ୍ଡ, ସ୍ଲୋଭାକିଆ ଏବଂ ଚେକ୍ ଗଣରାଜ୍ୟ ଭାରତକୁ ଏହି ସମର୍ଥନ ପ୍ରଦାନ କରିଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ସହ ଅନୁଷ୍ଠିତ ପ୍ରଥମ 'ଭି-୪ ଏବଂ ଭାରତ' ବୈଠକ ପରେ ସ୍ଲୋଭାକିଆର ବୈଦେଶିକ ମନ୍ତ୍ରୀ ୟୁରାଜ ବ୍ଲାନର କହିଛନ୍ତି ଯେ, ଭାରତ ଗ୍ଲୋବାଲ ସାଉଥ୍‌ର ପ୍ରମୁଖ ଅଂଶ ଏବଂ ଇଣ୍ଡୋ-ପାସିଫିକ୍ କ୍ଷେତ୍ରର ଉଦୀୟମାନ ମହାଶକ୍ତି। ତେଣୁ ଭାରତ ସୁରକ୍ଷା ପରିଷଦରେ ସ୍ଥାୟୀ ସଦସ୍ୟ ଭାବେ ରହିବା ଆବଶ୍ୟକ। ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କର ଏହି ବୈଠକକୁ ଏକ ନୂତନ ଐତିହାସିକ ଅବସର ଭାବେ ଅଭିହିତ କରିଛନ୍ତି। ସୁରକ୍ଷା ପରିଷଦର ସଂସ୍କାର ଏବଂ ବର୍ତ୍ତମାନର ବିଶ୍ୱ ବାସ୍ତବତାକୁ ପ୍ରତିଫଳିତ କରିବା ପାଇଁ ଭାରତ ଦୀର୍ଘ ଦିନରୁ ଦାବି କରିଆସୁଛି।

## ଆଇଆଇଟିରେ ବୃଦ୍ଧି ପାଉଛି ଆତ୍ମହତ୍ୟା

### ୨୦ ବର୍ଷରେ ୧୭୧ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୨।୯ (ଏଜେନ୍ସି): ଗତ ଦୁଇ ଦଶନ୍ଧି ମଧ୍ୟରେ ଦେଶର ଭାରତୀୟ ପ୍ରଯୁକ୍ତିବିଦ୍ୟା ଅନୁଷ୍ଠାନ (ଆଇଆଇଟି) ଗୁଡ଼ିକରେ ୧୭୧ ଜଣ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା କିମ୍ବା ଅସ୍ୱାଭାବିକ ମୃତ୍ୟୁ ଘଟିଛି। ଏଥିମଧ୍ୟରୁ ପ୍ରାୟ ୭୦ ପ୍ରତିଶତ ମୃତ୍ୟୁ କେବଳ ଗତ ୧୦ ବର୍ଷ ମଧ୍ୟରେ ଘଟିଛି। ଆଇଆଇଟି କାନପୁରର ପୂର୍ବତନ ଛାତ୍ର ତଥା ଗ୍ଲୋବାଲ ଆଇଆଇଟି ଆଲୁମିନି ସପୋର୍ଟ ଗ୍ରୁପର ସଂସ୍ଥାପକ ଧୀରଜ ସିଂହଙ୍କ ଦ୍ୱାରା ପ୍ରସ୍ତୁତ ତଥ୍ୟ ଅନୁଯାୟୀ, ୨୦୦୬ ରୁ ୨୦୧୫ ମଧ୍ୟରେ ୫୧ ଜଣ ଛାତ୍ର ଆତ୍ମହତ୍ୟା କରିଥିଲେ। କିନ୍ତୁ ୨୦୧୬ ରୁ ୨୦୨୬ ସେପ୍ଟେମ୍ବର ମଧ୍ୟରେ ଏହି ସଂଖ୍ୟା ୧୨୦ କୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁସାରେ, ୮୨ ପ୍ରତିଶତ ଆତ୍ମହତ୍ୟା ଆଇଆଇଟି କ୍ୟାମ୍ପସ ଭିତରେ ହିଁ ଘଟିଛି। ପରୀକ୍ଷା ଓ ଫଳାଫଳ ପ୍ରକାଶ ସମୟରେ ଏହିପରି ଘଟଣା ସବୁଠାରୁ ଅଧିକ ଘଟିଥିବା ଜଣାପଡ଼ିଛି। ସେମିଷ୍ଟାର ଛୁଟି ସମୟରେ ଛାତ୍ରଛାତ୍ରୀ ମୃତ୍ୟୁ ଘଟଣା ହ୍ରାସ ପାଉଥିବା ଲକ୍ଷ୍ୟ କରାଯାଇଛି। ଧୀରଜ ସିଂହ ପ୍ରକାଶ କରିଛନ୍ତି ଯେ, କେବଳ ଛାତ୍ର ନାମଲେଖା ବୃଦ୍ଧି ଯୋଗୁଁ ଏହି ସଂଖ୍ୟା ବଢ଼ିନାହିଁ। ଏହା ଏକ ଗମ୍ଭୀର ଜନସ୍ୱାସ୍ଥ୍ୟ ସଙ୍କଟ। ଏପରି କ୍ଷେତ୍ରରେ ପୂର୍ବାନୁମାନ କରାଯାଇ ପ୍ରତିକାର ପାଇଁ ପ୍ରଚେଷ୍ଟା ହେଲେ ଏପରି ଅଘଟଣ ଗୁଡ଼ିକୁ ଅନେକାଂଶରେ ରୋକାଯାଇ ପାରିବ ବୋଲି ସେ କହିଛନ୍ତି।



ଆଇଆଇଟି ବମ୍ବେ କ୍ୟାମ୍ପସରେ ଜଣେ ଛାତ୍ରଙ୍କ ଆତ୍ମହତ୍ୟା ଘଟଣା ପରେ ବିବାଦ ଲାଗି ରହିଛି। ଏହାରି ମଧ୍ୟରେ ଏହି ଅନୁଷ୍ଠାନର ଫ୍ୟାକଲ୍ଟି ଫୋରମ୍ ସହଯୋଗୀ ଅଧ୍ୟାପକ ସୂର୍ଯ୍ୟନାରାୟଣ ଦୁଲ୍ଲାଙ୍କ ସମର୍ଥନରେ ବାହାରିଛନ୍ତି। ଫୋରମ୍ ପକ୍ଷରୁ କୁହାଯାଇଛି ଯେ, ପରୀକ୍ଷାରେ ଅନିୟମିତତା ସମ୍ପର୍କରେ ରିପୋର୍ଟ କରି ଅଧ୍ୟାପକ ନୀତି ଅନୁଯାୟୀ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ। ସମ୍ପୃକ୍ତ ଅଧ୍ୟାପକଙ୍କୁ ନିଲମ୍ବିତ କରାଯାଇ ନାହିଁ। କେବଳ ତଦନ୍ତ ଚାଲିଥିବାରୁ ତାଙ୍କୁ ଅସ୍ଥାୟୀ ଭାବେ ପ୍ରଶାସନିକ ଦାୟିତ୍ୱରୁ ମୁକ୍ତ କରାଯାଇଛି। ଜାତିଗତ ଭେଦଭାବ ଅଭିଯୋଗ ସମ୍ପର୍କରେ ଫୋରମ୍ ସ୍ପଷ୍ଟ କରିଛି ଯେ, ସଂସ୍ଥାର ଏସ୍‌ସି/ଏସ୍‌ଟି ବିଭାଗରେ କୌଣସି ଆନୁଷ୍ଠାନିକ ଅଭିଯୋଗ ରେକର୍ଡ ହୋଇନାହିଁ। ଏହି ଘଟଣା ପରେ ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଆନୁଷ୍ଠାନିକ କାଉନସେଲିଂ ସହାୟତା ଉପରେ ଚର୍ଚ୍ଚା ଜୋର ଧରିଛି। ତେଣୁ ତଦନ୍ତ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ କୌଣସି ଚୂଡ଼ାନ୍ତ ନିଷ୍କର୍ଷରେ ନପହଞ୍ଚିବା ପାଇଁ ଫୋରମ୍ ନିବେଦନ କରିଛି।

## ଜାତିସଂଘରେ ଯୁଦ୍ଧ ଧମକ ଦେଇ ଶାନ୍ତି କଥା କହିଲେ ଟ୍ରମ୍ପ



ନ୍ୟୁୟର୍କ, ୨୨।୯ (ଏଜେନ୍ସି): ଜାତିସଂଘ ଆସେମ୍ବଲିରେ ଆମେରିକାର ରାଷ୍ଟ୍ରପତି ଟ୍ରମ୍ପ ଆଜି ଇରାନକୁ ଯୁଦ୍ଧ ଧମକ ଦେବାସହିତ ଶାନ୍ତି ପାଇଁ ପ୍ରସ୍ତାବ ମଧ୍ୟ ଦେଇଛନ୍ତି। ସେ କହିଲେ ଯେ ଇରାନ ବୁଝାମଣା କଲେ ଏହା ପାଇଁ ଭଲ। ଇରାନ ମଧ୍ୟପ୍ରାଚ୍ୟରେ ଏକ ଶକ୍ତିଶାଳୀ ଓ ସମୃଦ୍ଧ ରାଷ୍ଟ୍ର ଉପରେ ଉଭା ହେବ। ଯୁଦ୍ଧ ରାସ୍ତା ବାଛିଲେ ଇରାନକୁ ଧ୍ୱଂସ କରିଦିଆଯିବ। ତେବେ ଆମେରିକାରେ ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ପରେ ଇରାନ ସହ ଶାନ୍ତି ପ୍ରତିଷ୍ଠା ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି। ଭାରତ-ପାକିସ୍ତାନ ଯୁଦ୍ଧ ସମେତ ଅନେକ ଯୁଦ୍ଧକୁ ସେ ରୋକିଛନ୍ତି ବୋଲି ପୂର୍ବ ମନ୍ତବ୍ୟକୁ ଦୋହରାଇ ସେ କହିଲେ ଯେ ରୁଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧର ଅବସାନ ପାଇଁ ସେ ଉଦ୍ୟମ ଚଳାଇଛନ୍ତି। ଏହାର ଅବସାନ ପାଇଁ ଦରକାର ପଡ଼ିଲେ ସେ ଶୁଳ୍କକୁ ଅସ୍ତ୍ର ରୂପେ ବ୍ୟବହାର କରିବାରୁ ପଛାଇବେ ନାହିଁ।

ଇତିମଧ୍ୟରେ ବିଶ୍ୱରେ ଇରାନର ସମସ୍ତ କାର୍ଯ୍ୟକାରୀ ଏୟାରଲାଇନ୍ସ ବିମାନ ସେବା ସେପ୍ଟେମ୍ବର ୨୩ରୁ ବନ୍ଦ ହୋଇଯିବ ବୋଲି ଆମେରିକା ଧମକ ଦେଇଛି। ଇରାନୀୟ ଏୟାରଲାଇନ୍ସ ସମେତ ଇରାନର ବିମାନଗୁଡ଼ିକୁ ସେବା ଯୋଗାଉଥିବା ବିଦେଶୀ ବିମାନବନ୍ଦର, ଇନ୍ଧନ ଯୋଗାଣକାରୀ ସଂସ୍ଥା, ଟିକଟ କମ୍ପାନୀ ଏବଂ ଅନ୍ୟାନ୍ୟ ସହାୟକ ବ୍ୟବସାୟୀଙ୍କୁ ଏହି ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ହ୍ୱାଇଟ ହାଉସର ଜଣେ ଅଧିକାରୀ କହିଛନ୍ତି। ଆମେରିକାର ଚେତାବନୀ ପରେ କେତେକ ଦେଶ ଇରାନୀୟ ବିମାନ ସେବା ଉପରେ କଟକଣା ଲଗାଇବା ଆରମ୍ଭ କରିଦେଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ହର୍ମୁଜ୍ ପ୍ରଣାଳୀ ୭ ଦିନ ମଧ୍ୟରେ ପୁନର୍ବାର ଖୋଲିବାକୁ ଇରାନ ପ୍ରସ୍ତାବ ଦେଇଛି। ଆମେରିକା ଇରାନର ବନ୍ଦରଗୁଡ଼ିକ ଉପରୁ ଅବରୋଧ ହଟାଇଲେ ବିଶ୍ୱ ବାଣିଜ୍ୟ ଓ ଶାନ୍ତି ଦୃଷ୍ଟିରୁ ଇରାନ ଏପରି କରିବାକୁ ପ୍ରସ୍ତୁତ ଥିବା ପ୍ରକାଶ କରିଛି। ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)ର ଅଧିବେଶନକୁ ଆମେରିକା ସହ କୂଟନୈତିକ ଆଲୋଚନାକୁ ଫେରିବା ପାଇଁ ଏକ 'ସୁବର୍ଣ୍ଣ ସୁଯୋଗ' ଭାବେ ଇରାନ ଦର୍ଶାଇଛି।

ୟୁରୋପ ଓ ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଯୁଦ୍ଧ, ଜଳବାୟୁ ବିପର୍ଯ୍ୟୟ ଏବଂ ବିଶ୍ୱ ଅର୍ଥନୈତିକ ଅସ୍ଥିରତା ମଧ୍ୟରେ ଆରମ୍ଭ ହୋଇଥିବା ଜାତିସଂଘ ସାଧାରଣ ସଭାର ବାର୍ଷିକ ଅଧିବେଶନରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସ ବିଶ୍ୱରେ ଦ୍ରୁତ ପରିବର୍ତ୍ତନଶୀଳ ପରିସ୍ଥିତିକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକରେ ବ୍ୟାପକ ସଂସ୍କାର ଆଣିବାକୁ ଆହ୍ୱାନ ଦେଇଛନ୍ତି।

## ଚୂଡ଼ାନ୍ତ ଭୋଟର ତାଲିକାକୁ ନେଇ ବିଜେଡିର ଅଭିଯୋଗ

# ଉଦ୍ଦେଶ୍ୟମୂଳକ ଭାବେ ଯୋଗ୍ୟ ଭୋଟରଙ୍କୁ ବାଦ୍

ଭୁବନେଶ୍ୱର,୨୨।୯ (ସମିସ): ସ୍ୱତନ୍ତ୍ର ସଘନ୍ ସଂଶୋଧନ (ଏସଆଇଆର ୨୦୨୬) ପ୍ରକ୍ରିୟାର ଚୂଡ଼ାନ୍ତ ଭୋଟର ତାଲିକା ସୋମବାର ପ୍ରକାଶ ପାଇଛି। ଏଥିରେ ଅନେକ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦିଆଯାଇଛି ବୋଲି ଅଭିଯୋଗ ଆଣିଛି ବିଜେଡି। ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡିର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ଓ ସାଧାରଣ ସମ୍ପାଦକ ବିଜୟ ନାୟକ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀ ନାୟକ କହିଥିଲେ ଯେ ୨୦୨୫ ମସିହାର ଭୋଟର ତଥ୍ୟକୁ ମ୍ୟାପିଂ କରି ୨୦୨୬ର ଏସଆଇଆର ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଉକ୍ତ ପ୍ରକ୍ରିୟାକୁ ଜାଣିଶୁଣି ଜଟିଳ

### ଜାଣିଶୁଣି ପ୍ରକ୍ରିୟାକୁ ଜଟିଳ କରି ଭୋଟରଙ୍କୁ ବାଦ୍ ଦିଆଗଲା

କରାଗଲା। ଯାହାଫଳରେ ଭୋଟରମାନେ ଯୋଗ୍ୟ ଭୋଟର ତାଲିକାରୁ ବାଦ୍ ପଡିଲେ। ୨୦୨୫ ଭୋଟର ତାଲିକା ଅନୁଯାୟୀ ମଇ ୧୪ ତାରିଖରେ ଏସଆଇଆର ପ୍ରକିୟା ନୋଟିଫିକେସନ୍ ବେଳକୁ ରାଜ୍ୟରେ ୩କୋଟି ୪୦ଲକ୍ଷ ୭୨,୭୪୪ ଭୋଟଙ୍କ ନାମ ୱେବ ସାଇଟରେ ଉପଲବ୍ଧ ରହିଥିଲା। ଯାହାକୁ କି ୨୦୦୨ ଏସଆଇଆର ସହ ମ୍ୟାପିଂ ମଧ୍ୟ କରାଯାଇଥିଲା। ଏସଆଇଆର ପ୍ରକ୍ରିୟା ଆରମ୍ଭରେ ୩କୋଟି ୧୬ଲକ୍ଷ ଭୋଟର ମ୍ୟାପିଂ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ କହିଥିଲେ। ସେତେବେଳେ ବାକି ଭୋଟର ତାଲିକାରୁ କୁଆଡ଼େ ଗଲେ ବୋଲି ବିଜେଡି ପ୍ରଶ୍ନ କରିଥିଲା। ଏହାପରେ ଫର୍ମ ପୂରଣ ସମୟରେ ଭୋଟର ସଂଖ୍ୟା ୩କୋଟି ୩୩ଲକ୍ଷ ୯୩,୫୩୧ ପହଞ୍ଚିଥିଲା। ତେବେ ଫର୍ମ ପୂରଣ ସମୟରେ ସଠିକ୍ ଢଙ୍ଗରେ ସଚେତନ କରା ନ ଯିବାରୁ ଲୋକମାନେ ଆବେଦନ କରିବାରେ ବାଧା ସୃଷ୍ଟି ହୋଇଥିଲା। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଚିଠା ଭୋଟର ତାଲିକାରେ ୩ କୋଟି ୧୩ ଲକ୍ଷ ୮୭ ହଜାର ୩୪ଜଣ ଭୋଟର ଅଛନ୍ତି ବୋଲି ପ୍ରକାଶ କରିଥିଲେ



। ସେତେବେଳେ ୨୭ଲକ୍ଷ ଭୋଟର ତାଲିକାରୁ ବାଦ୍ ପଡ଼ିଛନ୍ତି ବୋଲି ବିଜେଡି ପକ୍ଷରୁ କୁହାଯାଇଥିଲା। କିନ୍ତୁ ନିର୍ବାଚନ ଅଧିକାରୀ ୨୦ଲକ୍ଷ ୧୨ ହଜାର ଭୋଟର ତାଲିକାରୁ ବାଦ୍ ପଡ଼ିଥିବା କହିଥିଲେ। ମାତ୍ର ଉକ୍ତ କଥା ଓ ପ୍ରଦତ୍ତ ତଥ୍ୟ ମଧ୍ୟରେ କିଛି ତାଳମେଳ ରହିଲା ନାହିଁ। ବିଏଲ୍ଓ ଏବଂ ବିଏଲଏ ମାନଙ୍କୁ ଭୋଟର୍‌ମାନଙ୍କ ଆପତ୍ତି ଅଭିଯୋଗ ସମୟରେ ତାହାକୁ ଚୂଡ଼ାନ୍ତ କରି ତାଲିକା ପ୍ରସ୍ତୁତି କରିବା ବଦଳରେ ଭୋଟର୍ ମାନଙ୍କୁ ବାଦ ଦେବା କାର୍ଯ୍ୟରେ ନିୟୋଜିତ କରାଗଲା। ଆପତ୍ତି ଅଭିଯୋଗ ନେଇ ଗଦା ଗଦା ଫର୍ମ-୭ ଆବେଦନ ହୋଇଥିଲା। ନିର୍ବାଚନ ଅଧିକାରୀ ବିଜେପି ଦଳୀୟ ନେତୃବୃନ୍ଦଙ୍କ ହାତ ବାରିସି ସାଜି ଭୋଟରଙ୍କୁ ବାଦ ଦେଲେ। ତେବେ ବିଜେଡି ପକ୍ଷରୁ ବାରମ୍ବାର ବିରୋଧ କରି ଅଭିଯୋଗ ପ୍ରଦାନ କରିବାରୁ ଅନେକ ସଂଖ୍ୟାରେ ଯୋଗ୍ୟ ଭୋଟର ତାଲିକାରୁ ବାଦ ପଡିବାରୁ ବଞ୍ଚିତ ରହିଛନ୍ତି।

ସେହିପରି ଶ୍ରୀ ବକ୍ସିପାତ୍ର କହିଥିଲେ ଯେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଉକ୍ତ ପ୍ରକ୍ରିୟା ଆରମ୍ଭରୁ ପ୍ରାୟ ୨୫ଲକ୍ଷ ଭୋଟରଙ୍କୁ ଯୋଜନାବଦ୍ଧ ଭାବେ ତାଲିକାରୁ ଗାଏବ କରି ଏସଆଇଆର ପ୍ରକ୍ରିୟା ଆରମ୍ଭ କରିଥିଲେ। ଏସଆଇଆର ଆରମ୍ଭରୁ ହିଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ହେରଫେର କରିଛନ୍ତି ବୋଲି ଅଭିଯୋଗ ହେଉଛି। ଚୂଡାନ୍ତ ସଂଶୋଧନ ଭୋଟର ତାଲିକାକୁ ନେଇ ବିଭିନ୍ନ ଗଣମାଧ୍ୟମରେ ଯେଉଁ ତଥ୍ୟ ପ୍ରକାଶ ପାଇଛି, ସେଥିରେ ଅନେକ ତାରତମ୍ୟ ପରିଲକ୍ଷିତ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଚୂଡାନ୍ତ ସଂଶୋଧନ ଭୋଟର ତାଲିକାର ତଥ୍ୟ ସଠିକ୍ ଭାବରେ ପ୍ରଦାନ କରିନାହାନ୍ତି। ୨୭ଲକ୍ଷ ୫୦ ହଜାର ଉଦ୍ଧର୍ ଭୋଟର ଏସଆଇଆର ପ୍ରକିୟାରେ ବାଦ୍ ପଡିଥିବା ବେଳେ ତାହା ଲୁଚାଯାଉଛି। ବିଜେଡି କିମ୍ବା ଅନ୍ୟ ସମର୍ଥିତ ଦଳୀୟ ଭୋଟର ମାନଙ୍କୁ ଭୋଟର୍ ତାଲିକାରୁ ବାଦ୍ ଦେବାକୁ ବିଜେପି ପକ୍ଷରୁ ବିଏଲଓ ମାନଙ୍କୁ ଚାପ ପ୍ରୟୋଗ କରାଯାଇଥିଲା। ଏପରିକି ବାଂଲାଦେଶୀ ବୋଲି ମିଥ୍ୟା ପରିଚୟ ଦେଇ ଅନେକ ଭୋଟରଙ୍କୁ ତାଲିକାରୁ ବାଦ୍ ଦିଆଯାଇଛି। ନିର୍ବାଚନରେ ମତଦାନ କରିବା ଭୋଟରଙ୍କ ମୌଳିକ ଅଧିକାର ହୋଇଥିବା ବେଳେ ତାହାକୁ କ୍ଷୁର୍ଣ୍ଣ କରିବାକୁ ଚକ୍ରାନ୍ତ ହୋଇଛି ବୋଲି ଶ୍ରୀ ବକ୍ସିପାତ୍ର କ୍ଷୋଭ ପ୍ରକାଶ କରିଥିଲେ।

## ନବଗଠିତ ପିସିସି କାର୍ଯ୍ୟକାରୀ ଓ କର୍ମକର୍ତ୍ତା କମିଟି ବୈଠକ

# ଏକାଠି ଲଢ଼ି ବିଜେପିକୁ ହରାଇବାକୁ ସଂକଳ୍ପ

ଭୁବନେଶ୍ୱର,୨୨।୯ (ସମିସ): ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ କେବଳ ପ୍ରତାରଣା କରିଚାଲିଛି। ଗୋଟିଏ ପରେ ଗୋଟିଏ ପ୍ରସଙ୍ଗରେ କେନ୍ଦ୍ର ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରୁଥିବା ବେଳେ ବିଜେପିର ରାଜ୍ୟ ସରକାର ସବୁ ଅନ୍ୟାୟକୁ ମୁଣ୍ଡପାତି ସହିଯାଉଛନ୍ତି। ଓଡ଼ିଶାରୁ ବିଜେପିର ୨୦ ଜଣ ଲୋକସଭା ସାଂସଦ ନିର୍ବାଚିତ ହୋଇଥିଲେ ହେଁ ଆମ ଖଣିଜ ସମ୍ପଦକୁ ଲୁଟ୍ କରିବା ପାଇଁ ତରବରିଆ ଭାବେ ଏମଏମଡିଆର ସଂଶୋଧନ

### ୨୯ରେ ବିଧାନସଭା ଘେରାଉ ପରେ ୭ ଦିନିଆ ଅର୍ଥନୈତିକ ଅବରୋଧ

ଅଧିନିୟମ ପାରିତ ହୋଇଥିଲେ ମଧ କେହି ବି ମୁହଁ ଖୋଲି ନ ଥିଲେ। ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ର ବିଜେପି ସରକାର ଓ କେନ୍ଦ୍ରର ମୋଦୀ ସରକାର ଓଡ଼ିଶାକୁ ସାବତପୁଅ ଭଳି ବ୍ୟବହାର କରୁଛନ୍ତି। ପୋଲାଭରମ ଓ ବଂଶଧାରା କ୍ଷେତ୍ରରେ ମଧ ସମଦଶା। ଆନ୍ଧ୍ରର ସ୍ୱାର୍ଥରକ୍ଷା ପାଇଁ ଇଛାପୁରମ ଓ ପଲାସା ସେକ୍ସନକୁ ରାୟଗଡ଼ା ଡିଭିଜନ୍ ଓ ସର୍ବୋପରି ପୂର୍ବତଟ ରେଳପଥରୁ ଛଡ଼ାଇନେଇଥିଲେ ମଧ ଓଡ଼ିଶାର ବିଜେପି ସରକାର ଓ ଦଳ ନିରବ। ତେଣୁ ଏହା ବିରୋଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଗକୁ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ମଙ୍ଗଳବାର ନବଗଠିତ ପିସିସି କାର୍ଯ୍ୟକାରୀ କମିଟି ଓ କର୍ମକର୍ତ୍ତା ବୈଠକରେ ନିଷ୍ପତ୍ତି ହୋଇଛି।

ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ଦଳ ପକ୍ଷରୁ ପ୍ରମୁଖ ୭ଟି ପ୍ରସ୍ତାବ ଉପରେ



ଆଲୋଚନା ହୋଇ ଏହାକୁ ଗୃହୀତ କରାଯାଇଛି। ୟୁପିଆଇକୁ ଟିକସଯୁକ୍ତ କରିବା ନିଷ୍ପତ୍ତିକୁ ବୈଠକରେ ନିନ୍ଦା କରାଯାଇଥିବା ବେଳେ ପାଠ୍ୟପୁସ୍ତକରେ ତ୍ରୁଟି ସତ୍ତ୍ୱେ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଇସ୍ତଫା ନ ଦେବା ଆଇନଶୃଙ୍ଖଳା ପରିସ୍ଥିତି, ଗଣଦୁଷ୍କର୍ମ, ଭିଡ଼ହିଂସାଜନିତ ହତ୍ୟାକାଣ୍ଡ ଓ ଚାଷୀ ଶୋଷଣ, ମିଲ୍ ମାଲିକମାନଙ୍କ ଶୋଷଣକୁ ସରକାରଙ୍କ ସମର୍ଥନ, କଟନି-ଛଟନି, ଧାନର ଅଭାବୀ ବିକ୍ରି, ସାରର ଅଭାବ ଚାଷୀର ମେରୁଦଣ୍ଡ ଭାଙ୍ଗିଦେଉଥିବା ବେଳେ ସରକାର ନିରବଦ୍ରଷ୍ଟା ସାଜିବା, ଦାଦନ ସମସ୍ୟା, ମହଙ୍ଗାମାଡ଼ ଆଦି ପ୍ରସଙ୍ଗରେ ଆନ୍ଦୋଳନକୁ ଆହୁରି ତୀବ୍ରତର କରାଯିବା ସହ ରାଜ୍ୟବାସୀଙ୍କୁ ସହଯୋଗ କରିବାକୁ ପିସିସି ପକ୍ଷରୁ ଆହ୍ୱାନ ଦିଆଯାଇଛି।

ପିସିସି ଉପସଭାପତି (ସଂଗଠନ) ସନ୍ତୋଷ ସିଂହ ସାଲୁଜାଙ୍କ ସଂଯୋଜନାରେ ଆୟୋଜିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ପିସିସି ସଭାପତି ଶ୍ରୀ ଦାସ, ଏଆଇସିସିର ଓଡ଼ିଶା ପ୍ରଭାରୀ ଲାଲଜୀ ଦେଶାଇ, ଉଭୟ ସହପ୍ରଭାରୀ ଜେଟ୍ଟି କୁସୁମ କୁମାର ଓ ମୟୂରା ଜୟକୁମାର ସଂଘବଦ୍ଧ ଭାବେ ଲଢ଼ିଲେ ୨୦୨୯ ଆମର ହେବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ଚାରିଜଣ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ଶରତ ପଟ୍ଟନାୟକ ଓ ପ୍ରସାଦ ହରିଚନ୍ଦନ ପ୍ରମୁଖ ଦଳର ସମସ୍ତେ ଆଗକୁ ଏକାଠି ଲଢ଼ି ଦଳକୁ ପୁଣି କ୍ଷମତାସୀନ କରାଇବାର ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଏଆଇସିସିର ଓଡ଼ିଶା ପ୍ରଭାରୀ ଲାଲଜୀ ଦେଶାଇ ଦେଶରେ ରାଜନୈତିକ ବାତାବରଣ ବଦଳୁଥିବା ସୂଚନା ଦେଇଥିଲେ। ଘରେ ବସିଲେ ନିର୍ବାଚନ ଜିତିହେବ ନାହିଁ। ଦଳର ନୂଆ କର୍ମକର୍ତ୍ତାଙ୍କ ପ୍ରଦର୍ଶନର ୧୦୦ ଦିନିଆ ମୂଲ୍ୟାୟନ ହେବ ବୋଲି ସେ ସ୍ପଷ୍ଟ କରିଥିଲେ।

# କପିଳାସରେ ବିହାର ଘଟଣାର ପୁନରାବୃତ୍ତି

## ରାସ୍ତା ଉପରେ ଯୁବକ-ଯୁବତୀଙ୍କୁ ନିର୍ଯାତନା

ଢେଙ୍କାନାଳ,୨୨।୯ (ସମିସ) : ବିହାରର ଜାମୁଇରେ ଘଟିଥିବା ଯୁବତୀ ନିର୍ଯାତନା ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଥିବାବେଳେ ଢେଙ୍କାନାଳ ଜିଲ୍ଲାର କପିଳାସରେ ଘଟିଥିବା ଅନ୍ୟଏକ ଘଟଣା ଓଡ଼ିଶାକୁ ଲଜ୍ଜିତ କରିଛି। ପ୍ରସିଦ୍ଧ ଶୈବପୀଠ କପିଳାସକୁ ଦର୍ଶନ ପାଇଁଆସିଥିବା ଦୁଇଜଣ ଯୁବକ ଯୁବତୀଙ୍କୁ ଶାରୀରିକ ଉତ୍ପୀଡ଼ନ ସହ ମାଡ଼ ମାରି ଘଟଣାର ଭିଡ଼ିଓଗ୍ରାଫି କରିବା ଘଟଣା ଜାତୀୟସ୍ତରରେ ପହଞ୍ଚିଛି। ଜାମୁଇ ଘଟଣା ସହ ଓଡ଼ିଶାର ଏହି ଘଟଣାକୁ ସଂଯୋଗ କରି ଜାତୀୟ ଗଣମାଧ୍ୟମରେ ରାଜ୍ୟରେ ଆଇନଶୃଙ୍ଖଳାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଗତ ଶୁକ୍ରବାର ଜଣେ ଯୁବକ ଏବଂ ଯୁବତୀ କପିଳାସ ଦର୍ଶନ ପାଇଁ ଆସିଥିଲେ। ସେଠାରୁ ଫେରୁଥିବା ସମୟରେ ସୋରିଷିଆପଦା ପଞ୍ଚାୟତ ଭଅଁରଗଡ଼ା ଗ୍ରାମ ନିକଟରେ ଗଁଦିଆ ଥାନା ବଣିଆ ଗ୍ରାମର ଦ୍ୱିଜବର ନାୟକଙ୍କ ଦୁଇ ପୁଅ ସରୋଜ ନାୟକ (୪୧) ଓ ସମୀର ନାୟକ (୩୭) ଏବଂ ମଦାର ଥାନା ରାଇପୁର ଗ୍ରାମର ଗିରଶ ରଥଙ୍କ ପୁଅ ସଂଗ୍ରାମ ରଥ ଓରଫ ଦୁର୍ଗା ଏକତ୍ରିତ ଭାବରେ ଯୁବକ ଏବଂ ଯୁବତୀଙ୍କ ଗାଡ଼ି ଅଟକାଇ ମାଡ଼ ମାରିବା ସହିତ ଗାଳି ଗୁଲଜ କରିଥିଲେ। ମାତ୍ର ସ୍ଥାନୀୟ ଅଞ୍ଚଳର ଲୋକମାନେ ଘଟଣାସ୍ଥଳରେ ପହଞ୍ଚି ଦୁର୍ବୃର୍ତ୍ତମାନଙ୍କ କବଳରୁ ସମ୍ପୃକ୍ତ ଯୁବକ ଓ ଯୁବତୀଙ୍କୁ ମୁକୁଳାଇ ବିଦା କରିଥିଲେ। ଉଭୟ ନିଜ ମୋଟର ସାଇକଲରେ ଯାଉଥିବା ସମୟରେ ତିନି ଜଣ ଯୁବକ ସେମାନଙ୍କୁ ଅଟକାଇ ସେମାନଙ୍କର ଭିଡ଼ିଓ ଉତ୍ତୋଳନ କରିଥିଲେ ଓ ନିର୍ଯାତନା ଦେଇଥିଲେ। ଯୁବତୀ ଜଣକ କାକୁତି ମିନତୀ ହେଉଥିଲେ ମଧ ତାଙ୍କୁ ମାଡ଼ ମାରିବା ସହିତ ଧମକ ଚମକ ଦେଇଥିଲେ। ଏହି ଘଟଣା ପରେ ସେମାନଙ୍କର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।

### ଜାତୀୟ ଗଣମାଧ୍ୟମରେ ଲଜ୍ଜିତ ହେଉଛି ଓଡ଼ିଶା

ଏହାପରେ ଯୁବକଜଣକ ଘଟଣା ସମ୍ପର୍କରେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ଚୌଦ୍ୱାର ଥାନାର ଅଭିଯୋଗ ଅନୁସାରେ ଗଁଦିଆ ଥାନାରେ ୪୨୦/୨୬ଯୁଏସ ୧୨୬(୨)/୨୯୬/୧୧୫(୨)/୭୫/୩୫୧(୧)୩୫ ୬(୧) ୩(୫) ବିଏନ୍ଏସ୍ ଆର୍‌ଡବ୍ଲ୍ୟୁ ସେକ୍ସନ ୬୭ର ୬୭ ଆଇଟି ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ କରାଯାଇଥିଲା। ଏହି ଘଟଣାରେ ସାମିଲ ଥିବା ସରୋଜ, ସମୀର ଓ ଗିରିଶଙ୍କୁ ପୁଲିସ ଗିରଫ କରିବା ସହିତ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏଭଳି ଯୁବକମାନେ କପିଳାସର ଗାରିମାକୁ କ୍ଷୁର୍ଣ୍ଣ କରିଥିବାରୁ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

# ସମୁଦ୍ରରେ ଫସିଲେ କାକିନାଡ଼ାର ୬୦ ଟ୍ରଲର



ଛତ୍ରପୁର,୨୨।୯ (ସମିସ): ଗଭୀର ଅବପାତଜନିତ ପ୍ରତିକୂଳ ପାଗ ଯୋଗୁଁ ସମୁଦ୍ର ଅଶାନ୍ତ ରହିଥିବା ବେଳେ ଗଞ୍ଜାମ ଜିଲ୍ଲା ଆର୍ଯ୍ୟପଲ୍ଲୀ ସମୁଦ୍ର ଉପକୂଳରେ ଆନ୍ଧ୍ରପ୍ରଦେଶର କାକିନାଡା ଅଞ୍ଚଳର ୧୬ଟି ଓ ଗୋପାଳପୁର ପୋର୍ଟରେ ୪୫ଟି ମାଛଧରା ଟ୍ରଲର ଫସିଥିବା ଜଣାପଡ଼ିଛି। ସମୁଦ୍ର ଅଶାନ୍ତ ଥିବାରୁ ଟ୍ରଲର ଗୁଡ଼ିକ ନିଜ ଅଞ୍ଚଳକୁ ଫେରି ନପାରି ଆର୍ଯ୍ୟପଲ୍ଲୀ ମତ୍ସ୍ୟଜେଟି ଓ ଗୋପାଳପୁର ବନ୍ଦର ପରିସରରେ ଆଶ୍ରୟ ନେଇଥିବା ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ସୂଚନା ଦେଇଛନ୍ତି। ଖବର ପାଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ଟ୍ରଲରରେ ଥିବା ମତ୍ସ୍ୟଜୀବୀମାନଙ୍କୁ ଆବଶ୍ୟକ ସହଯୋଗ ଯୋଗାଇ ଦିଆଯାଇଛି। ମତ୍ସ୍ୟଜୀବୀମାନଙ୍କ ସୁରକ୍ଷା ସହ ଆବଶ୍ୟକ ସହାୟତା ଉପରେ ପ୍ରଶାସନ ପକ୍ଷରୁ ନଜର ରଖାଯାଇଛି। ତେବେ ଏବେ ବି କିଛି ଟ୍ରଲର ସମୁଦ୍ର ମଧ୍ୟରେ ରହିଥିବା ମତ୍ସ୍ୟ ବିଭାଗୀୟ ଅଧିକାରୀମାନେ ସୂଚନା ଦେଇଛନ୍ତି। ସେଗୁଡ଼ିକୁ ସୁରକ୍ଷିତ ଭାବେ କୂଳକୁ ଆଣିବା ପାଇଁ ପ୍ରଶାସନ ପକ୍ଷରୁ ଉଦ୍ୟମ ଜାରି ରହିଛି।

## ସୁପ୍ରିମକୋର୍ଟରେ ଡିଜିପି ଚୟନ ମାମଲା

# ଶୁଣାଣି ଜାରି, ଆଜି ପକ୍ଷ ରଖିବ ୟୁପିଏସ୍‌ସି

ଭୁବନେଶ୍ୱର,୨୨।୯ (ସମିସ): ମଙ୍ଗଳବାର ସୁପ୍ରିମକୋର୍ଟରେ ହୋଇଛି ଓଡ଼ିଶା ଡିଜିପି ନିଯୁକ୍ତି ମାମଲାର ଶୁଣାଣି। ଆବେଦନକାରୀଙ୍କ ପକ୍ଷରୁ ଆଇନ୍‌ଜୀବୀ ପି. ଚିଦାମ୍ବରମ୍, ଜେଲ ଡିଜି ସୁଶାନ୍ତ ନାଥଙ୍କ ଓକିଲ କରୁଣା ନନ୍ଦୀ ନିଜର ଯୁକ୍ତି ରଖିଥିଲା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସୁପ୍ରିମକୋର୍ଟରେ ହାଜର ନିଜ ପକ୍ଷର ଯୁକ୍ତି ଉପସ୍ଥାପନ କରିଛନ୍ତି। ଆଇପିଏସ୍ ଅଫିସର ସୁଶାନ୍ତ ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ର ଅଟକାଯାଇ ତାଙ୍କଠାରୁ କନିଷ୍ଠ ଅଧିକାରୀଙ୍କୁ ଜୋନ୍ ଅଫ୍ କନସିଡ଼ିରେସନକୁ ଆଣିବାକୁ ରାଜ୍ୟ ସରକାର ଉଦ୍ୟମ କରୁଥିବା ଆବେଦନକାରୀଙ୍କ ଓକିଲ ପି.ଚିଦାମ୍ବରମ୍ ଏବଂ କରୁଣା ନନ୍ଦୀ ଯୁକ୍ତି ବାଢିଥିଲେ। ଅଦାଲତ ଏ ସଂକ୍ରାନ୍ତରେ ଶୁଣାଣି ଆରମ୍ଭ କରିଥିଲେ ହେଁ ସମୟ ଅଭାବରୁ ଏହା ଅସମ୍ପୂର୍ଣ୍ଣ ରହିଛି।

ସୂଚନା ଅନୁସାରେ ଜଣେ ବରିଷ୍ଠ ଆଇପିଏସ୍‌ଙ୍କ ନାମକୁ ତାଲିକାରୁ ବାଦ୍ ଦେଇ ଅନ୍ୟ ଜଣେ କନିଷ୍ଠ ଆଇପିଏସ୍‌ଙ୍କ ନାମକୁ ସୁପାରିସ ସୂଚୀରେ ସାମିଲ କରିବାର ଉଦ୍ଦେଶ୍ୟ ଅଦାଲତ ଜାଣିବାକୁ ଚାହିଁଛନ୍ତି। ତେବେ କେଉଁ ଅଧିକାରୀମାନେ ଜୋନ୍ ଅଫ୍ କନ୍‌ସିଡରେସନ ମଧ୍ୟରେ ରହିବେ ତାହାକୁ ନେଇ ଶୁଣାଣି କରିଛନ୍ତି। ଅଦାଲତରେ ଶ୍ରୀ ଚିଦାମ୍ବରମ୍ କହିଛନ୍ତି ଯେ ରାଜ୍ୟ ସରକାର ପ୍ରଥମେ ୟୁପିଏସ୍‌ସିର ବୈଠକକୁ ସ୍ଥଗିତ ରଖିବାକୁ ୟୁପିଏସ୍‌ସିକୁ ଅନୁରୋଧ କରିଥିଲେ। ଏହାପରେ ସୁଶାନ୍ତ ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ରକୁ ଅଟକାଇ ଦିଆଯାଇଥିଲା। ପରେ ଦୁଇ ଜଣଙ୍କୁ ଏକ୍ସ କ୍ୟାଡରଙ୍କୁ ଡିଜି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିଲା। ଯାହା ଜଣେ କନିଷ୍ଠ ଅଧିକାରୀଙ୍କୁ ଜୋନ୍ ଅଫ୍ କନ୍‌ସିଡରେସନ୍ ମଧ୍ୟକୁ ଆଣିପାରିବ। ସେହିପରି ସୁଶାନ୍ତ ନାଥଙ୍କ ଓକିଲ ତାଙ୍କ ମହକିଲଙ୍କ ସର୍ଭିସ ରେକର୍ଡକୁ ନେଇ ଯୁକ୍ତି ଉପସ୍ଥାପନ କରିଛନ୍ତି। ସୁଶାନ୍ତଙ୍କ ୩୨ବର୍ଷର ସର୍ଭିସ ରେକର୍ଡ ଭଲ ରହିଛି। ଏହାସତ୍ତ୍ୱେ ତାଙ୍କ ସଚ୍ଚୋଟତା ପ୍ରମାଣପତ୍ରକୁ କଣ ପାଇଁ ପ୍ରତ୍ୟାହାର କରାଗଲା ତାହାକୁ ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ ଅଦାଲତଙ୍କ ନିକଟରେ ଯୁକ୍ତି ବାଢ଼ିଛନ୍ତି। ଅନ୍ୟପକ୍ଷରେ ମାମଲା ସମ୍ପର୍କରେ ୟୁପିଏସ୍‌ସି ବୁଧବାର ନିଜ ପକ୍ଷ ରଖିବ ବୋଲି ଜଣାପଡ଼ିଛି।



## ଗଞ୍ଜେଇ କାରବାରରେ ଜଣେ ଗିରଫ

ବୌଦ୍ଧ, ୨୨।୯ (ସମିସ): ବୌଦ୍ଧ ଥାନା ପୁଲିସ ଖଲିଆପାଲି ବ୍ରିଜ ନିକଟରୁ ୪୮ କେଜି ଗଞ୍ଜେଇ ଜବତ ମାମଲାର ଅଭିଯୁକ୍ତଙ୍କୁ ଗିରଫ କରିଛି। ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଖାଲିଆପାଲ୍ଲୀ ବ୍ରିଜ୍ ନିକଟରେ ଓଡି-୨୭-ଇ-୦୪୨୬ ନମ୍ବର ବିଶିଷ୍ଟ ଏକ ମୋଟରସାଇକେଲକୁ ଅଟକାଇଥିଲା। ଯାଞ୍ଚ ସମୟରେ ଚାଳକ ଇଛାପୁର ଗ୍ରାମର ଚନ୍ଦ୍ରଶେଖର ଦୀପ (୩୮) ନିକଟରୁ ୪୮ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଶେଷରେ ସେ ଗିରଫ ହୋଇଛି। ବୌଦ୍ଧ ଆଦର୍ଶ ଥାନା ଅଧିକାରୀ ରଂଜିତ ମୁନୀ ଏହି ସୂଚନା ଦେଇଛନ୍ତି।

## ବର୍ଷା ପାଇଁ ବଲାଙ୍ଗିରରେ ୨ ଦିନ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ

ବଲାଙ୍ଗିର, ୨୨।୯ (ସମିସ): ବର୍ଷା ପାଇଁ ବଲାଙ୍ଗିର ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯାଇଛି। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ ପକ୍ଷରୁ ଜାରି ଅରେଞ୍ଜ୍ ୱାର୍ଣ୍ଣିଂକୁ ଦୃଷ୍ଟିରେ ରଖି ବଲାଙ୍ଗିର ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ସହାୟତାପ୍ରାପ୍ତ ଓ ବେସରକାରୀ ଶିକ୍ଷାନୁଷ୍ଠାନକୁ ଦୁଇ ଦିନ ପାଇଁ ବନ୍ଦ ରଖିବାକୁ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଜରୁରୀକାଳୀନ ବିଭାଗ ପକ୍ଷରୁ ଜାରି ଅଫିସ ଅର୍ଡର ଅନୁଯାୟୀ, ୨୩ ଓ ୨୪ ତାରିଖରେ ଜିଲ୍ଲାର ସମସ୍ତ ପ୍ରାଥମିକ, ମାଧ୍ୟମିକ, ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମେତ ଓଏଭି, କେଭି, ଇଏମଆରଏସ୍ ଓ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରହିବ। ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତାକୁ ପ୍ରାଥମିକତା ଦେଇ ଏହି ନିଷ୍ପତ୍ତି ନିଆଯାଇଛି। ତେବେ ଏହି ଦୁଇ ଦିନ ପାଇଁ ପୂର୍ବରୁ ନିର୍ଦ୍ଧାରିତ ସମସ୍ତ ପରୀକ୍ଷା ସେହି ସମୟରେ ହିଁ ଚାଲୁ ରହିବ। ପରୀକ୍ଷା ସୂଚୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ଏନେଇ ସମସ୍ତ ଶିକ୍ଷାନୁଷ୍ଠାନର ମୁଖ୍ୟଙ୍କୁ ନିର୍ଦ୍ଦେଶର କଡ଼ାକଡ଼ି ପାଳନ କରିବାକୁ କୁହାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭାଗୀୟ ଅଧିକାରୀ, ଉପଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ପ୍ରବଳ ବର୍ଷା ସମୟରେ ଛାତ୍ରଛାତ୍ରୀ ଓ ଶିଶୁମାନଙ୍କ ସୁରକ୍ଷା ନେଇ ସତର୍କ ରହିବାକୁ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି।

## ଗିରଫ ଭୟରେ ଯୁବକଙ୍କୁ ଛାଡ଼ିଦେଲେ ଅପହରଣକାରୀ

ପାଟଣାଗଡ଼, ୨୨।୯ (ସମିସ): ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଥାନା ପଣ୍ଡରିପାଣି ଗାଁର ଜୟ ଧରୁଆ ନାମକ ଜଣେ ବ୍ୟକ୍ତିଙ୍କୁ ଅପହରଣ ପରେ ଦୁର୍ବୃତ୍ତ ଗିରଫ ଭୟରେ ଛାଡି ଦେଇଛନ୍ତି। ସେ ବଲାଙ୍ଗୀର ଜିଲ୍ଲା ସମେତ ବିଭିନ୍ନ ଜିଲ୍ଲାର ଲୋକଙ୍କୁ ଭୁଆଁ ବୁଲାଇ ଟଙ୍କା ଅସୁଲି କରୁଥିଲେ। ଏଣୁ ୧୦ ଜଣ ଯୁବକ ୪ଟି ବାଇକ୍‌ରେ ଯାଇ ତାଙ୍କ ଚାଷ ଜମିରୁ ତାଙ୍କୁ ଅପହରଣ କରି ନେଇଥିଲେ। ସେ ଗୁପ୍ତ ଧନ ଦେବା ବାବଦକୁ ନେଇଥିବା ଟଙ୍କା ନ ଦେଲେ ମାରିଦେବାକୁ ଭୟ ଦେଖାଇଥିଲେ। ସ୍ତ୍ରୀ ତୁଳକାନ୍ତି ଧରୁଆ ପାଟଣାଗଡ଼ ଥାନାର ଦ୍ୱାରସ୍ଥ ହେବା ଜାଣି ଦୁର୍ବୃତ୍ତ କିନ୍ତୁ ବେଲପଡା ଥାନା କପାଣିରେ ଛାଡି ଦେଇଛନ୍ତି। ତେବେ ଘଟଣା ସମ୍ପର୍କରେ ଜୟ ଧରୁଆଙ୍କୁ ପଚାରିବାରୁ ଲରମ୍ଭା ଥାନା ଘୁମେର ଗାଁର କିଛି ଯୁବକଙ୍କ ସହ ପୂର୍ବରୁ ଏହି ଗୁପ୍ତ ଧନ ବିଷୟକୁ ନେଇ ବାଦବିବାଦ ଲାଗି ରହିଥିଲା ବୋଲି କହିଛନ୍ତି। ଅନ୍ୟପକ୍ଷେ ତଦନ୍ତ ପରେ ସତ୍ୟାସତ୍ୟ ଜାଣାପଡିବ ବୋଲି ଥାନା ଅଧିକାରୀ ହରିବନ୍ଧୁ ଗଡତ୍ୟା ସୂଚନା ଦେଇଛନ୍ତି।

## ମୁଣ୍ଡପଲା ଅଙ୍ଗନବାଡି କେନ୍ଦ୍ର ୨ଦିନ ହେଲା ବନ୍ଦ

ଦେଓଗାଁ, ୨୨।୯ (ସମିସ): କୁଲୁତାପଡା ପଞ୍ଚାୟତ ମୁଣ୍ଡପଲା ଗାଁର ଅଙ୍ଗନବାଡିକେନ୍ଦ୍ରରେ ୨ ଦିନ ହେଲା ତାଲା ଝୁଲୁଛି। ଏନେଇ ଅବଗତ ଥାଇ ମଧ୍ୟ ସଂପୃକ୍ତ ବିଭାଗ ଚୁପ୍। ଅନୁସୂଚିତ ଜାତିର ପାଚିକା ନିଯୁକ୍ତ ହେବା ପରେ ଗାଁରେ ଜାତିଆଣ ଭେଦଭାବ ଦେଖା ଦେଇଛି। ସ୍ଥାନୀୟ ବାସିନ୍ଦା ବିରୋଧ କରି କେନ୍ଦ୍ରରେ ତାଲା ଦେଇଛନ୍ତି। ଏ ନେଇ ସିଡିପିଓ ମିନତିରାଣୀ ମିଶ୍ରଙ୍କୁ ପଚାରିବାରୁ ସେ ଲିଖିତ ଅଭିଯୋଗ ପାଇ ନାହାନ୍ତି। ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ପ୍ରେମିକାକୁ ଅନ୍ତଃସତ୍ତ୍ୱା କରି ପ୍ରେମିକ ଫେରାର

ଦେଓଗାଁ, ୨୨।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଞ୍ଚଳରେ ଜଣେ ପ୍ରେମିକ ତାଙ୍କ ପ୍ରେମିକାକୁ ବିବାହର ପ୍ରତିଶ୍ରୁତି ଦେଇ ଅନ୍ତଃସତ୍ତ୍ୱା କରି ଫେରାର ମାରିଛନ୍ତି। ଏ ନେଇ ଦେଓଗାଁ ଥାନାରେ ଅଭିଯୋଗ ହୋଇଛି। କୁଲିଆବାହାଲ ଅଞ୍ଚଳର ଆକାଶ ମାଝୀ ନାମକ ଜଣେ ଯୁବକ ସଂପୃକ୍ତ ଯୁବତୀଙ୍କୁ ପ୍ରାୟ ୨ବର୍ଷ ହେଲା ଭଲ ପାଉଥିଲେ। ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଆସୁଥିଲେ। କିଛିଦିନ ତଳେ ପ୍ରେମିକା ଅନ୍ତଃସତ୍ତ୍ୱା ଥିବା ପ୍ରେମିକକୁ କହିବା ପରେ ଉଭୟଙ୍କ ମଧ୍ୟରେ ଫାଟସୃଷ୍ଟି ହୋଇଥିଲା। ଏନେଇ କାହାକୁ କିଛି କହିଲେ ଜୀବନରୁ ମାରିଦେବାକୁ ପ୍ରେମିକ ଧମକ ଦେଇଥିଲେ। ପ୍ରେମିକାଙ୍କ ପରିବାର ଲୋକେ ପୁଅର ଘରଲୋକଙ୍କୁ ଜଣାଇଥିଲେ। ସୁଫଳ ନ ମିଳିବାରୁ ପ୍ରେମିକା ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ସଂକୁଳସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳା

ତୁଷୁରା, ୨୨।୯ (ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଂକୁଳସ୍ତରୀୟ ଶିକ୍ଷା ପରିଷଦ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। ଦୁଇ ଦିନ ଧରି ଚାଲିଥିବା ଏହି କର୍ମଶାଳାରେ ତୁଷୁରା ସଂକୁଳ ପ୍ରମୁଖ ହେମନ୍ତ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା ସମିତି ସମ୍ପାଦକ ସୌମ୍ୟରଞ୍ଜନ ଥନାପତି ଉପସ୍ଥିତ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁଶୀଲ ଦାସ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ତୃପ୍ତି ମୟୀ ତ୍ରିପାଠୀ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶେଷରେ ପଞ୍ଚାନନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ।

## ଦୁର୍ଗାପୂଜା କମିଟି ପକ୍ଷରୁ ଶୁଭଖୁଣ୍ଟି ସ୍ଥାପନ

ହରଭଙ୍ଗା, ୨୨।୯ (ସମିସ): ହରଭଙ୍ଗା ବ୍ଲକ୍ ରାମଗଡ ପଞ୍ଚାୟତ କୋଇଲିସୁତା ଦୁର୍ଗାପୂଜା କମିଟି ପକ୍ଷରୁ ମଙ୍ଗଳବାର ଶୁଭଖୁଣ୍ଟି ସ୍ଥାପନ ସହିତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁଭଖୁଣ୍ଟି ସ୍ଥାପନ ସମୟରେ ଗ୍ରାମର ସଭାପତି ରମେଶ ଦେହୁରୀ କର୍ତ୍ତା ଭାବେ କାର୍ଯ୍ୟଭାର ତୁଲାଇ ଥଲେ। ପୂଜକ ଭାବେ ଦେହୁରୀ ବିଷ୍ଣୁ ଚରଣ ଦେହୁରୀ ପୂଜାକାର୍ଯ୍ୟ ସମ୍ପାଦକ କରିଥିଲେ। ସମ୍ପାଦକ ସୁଶାନ୍ତ କୁମାର ବେହେରା, ରାଜୀବ ବେହେରା, ଭାସ୍କର ବେହେରା, ସୁନୀଲ ବେହେରା, ପିପୁନ ବେହେରା, ଟୁନା ସେଠି, ଚୈତନ୍ୟ ଦ୍ୱାରି, କବି ସେଠି, ରବି ସେଠି, କମଲୁ ବେହେରା, ଅନ୍ତର୍ଯ୍ୟାମୀ ସେଠି, ଗଣେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଚର ଜମିରେ ଚାରାରୋପଣ ଅଭିଯୋଗ

ବୌଦ୍ଧ, ୨୨।୯ (ସମିସ): ବୌଦ୍ଧ ବ୍ଲକ୍ ବଢିଗାଁରେ ଗୋଚର ଜମିରେ ବନୀକରଣ ଯୋଗୁଁ ଗୋ ଚାରଣ ପାଇଁ ଗୋପାଳକମାନେ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି। ବଢିଗାଁରେ ପୂର୍ବରୁ ବନ ବିଭାଗ ୬ ଟି ପର୍ଯ୍ୟାୟରେ ହେକ୍ଟର ହେକ୍ଟର ଗୋଚର ଜମିରେ ଚାରାରୋପଣ କରିଛି। କଣ୍ଟାବାଡ ଦେଇ ଘେରାଇ ରଖିଛି। ଏହା ଫଳରେ ଗୋ-ଚାରଣ ପାଇଁ ଗୋପାଳକମାନେ ସମସ୍ୟା ଭୋଗୁଛନ୍ତି। ବର୍ତ୍ତମାନ ଗାଇ ଚରୁଥିବା କିଛି ଗୋଚର ଜମିରେ ପଞ୍ଚାୟତ ପକ୍ଷରୁ ପୁଣି ଚାରାରୋପଣ କାର୍ଯ୍ୟ ଆରମ୍ଭ ହୋଇଛି। ତେଣୁ ଗାଇ ଚରିବା ପାଇଁ ସଙ୍କଟ ଦେଖାଦେଇଛି ବୋଲି ଅଭିଯୋଗ କରିଛନ୍ତି।

### ବେଲପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରରେ ଘରୋଇ ଚିକିତ୍ସା ଘଟଣା

# ଖବର ପ୍ରକାଶ ପରେ ଘରୋଇ ଚିକିତ୍ସା ବନ୍ଦ

ପାଟଣାଗଡ଼, ୨୨।୯ (ସମିସ)

‘ସକାଳ’ ପ୍ରଭାବ

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଭିତରେ ଘରୋଇ ଚିକିତ୍ସା ଘଟଣାର ପୂର୍ଣ୍ଣଚ୍ଛେଦ ପଡିଛି। ଖୋଦ ମେଡିକାଲ ଅଫିସର ଡ. ରବୀନ୍ଦ୍ର ମେହେର ଦୀର୍ଘ ଦିନରୁ କ୍ଲିନିକ ଖୋଲି ରୋଗୀଙ୍କ ଠାରୁ ଟଙ୍କାନେଇ ଘରୋଇ ଚିକିତ୍ସା କରିଆସୁଥିଲେ। ଏଥିସହ ପାଟଣାଗଡ଼ ଡାକ୍ତରଖାନାରେ ତାଙ୍କ ମୂଳ ପୋଷ୍ଟିଂ ହୋଇଥିଲେ ମଧ୍ୟ ବେଲପଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ପ୍ରାୟ ୧୩ ବର୍ଷ ଧରି ଡେପୁଟେସନରେ ଅଛନ୍ତି। ଅନ୍ୟପଟେ ବେଲପଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ଥାୟୀ ନିଯୁକ୍ତି ନ ଥାଇ ମଧ୍ୟ ତାଙ୍କୁ ସ୍ୱାସ୍ଥ୍ୟ ବିଭାଗ କିଭଳି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଭାବେ ନିଯୁକ୍ତ କରିଛି ତାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏ ନେଇ ଶନିବାର "ସକାଳ'ରେ ଖବର ପ୍ରକାଶିତ ହୋଇଥିଲା। ଏହି ଘଟଣାରେ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ପୁଷ୍ପାଞ୍ଜଳି ମିଶ୍ର ଘଟଣାର ତଦନ୍ତ ନିର୍ଦ୍ଦେଶ ଦେବା ସହ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସୂଚନା ଦେଇଛନ୍ତି; କିନ୍ତୁ ସ୍ଥାୟୀ ନିଯୁକ୍ତି ନ ଥାଇ କିଭଳି ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ନିଯୁକ୍ତ କରାଯାଇଛି ପ୍ରଶ୍ନରେ ତାଙ୍କ ସମୟରେ ହୋଇନାହିଁ। ପୂର୍ବରୁ ହୋଇଛି। ନିୟମ ଅନୁଯାୟୀ ପଦକ୍ଷେପ ନିଶ୍ଚିତ ନିଆଯିବ ବୋଲି କହିଛନ୍ତି। ତେବେ ଖବର ପ୍ରକାଶ ପରେ ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସର ଭିତରେ ଚାଲିଥିବା ଘରୋଇ ଚିକିତ୍ସା ବନ୍ଦ ହୋଇଛି। ତେବେ ଡ. ମେହେର କିଭଳି ବେଲପଡା ସ୍ୱାସ୍ଥ୍ୟ କେନ୍ଦ୍ରରେ ଅଧିକାରୀ ଦାୟିତ୍ୱରେ ରହିବେ ସେନେଇ ପ୍ରାଣପଣେ ଉଦ୍ୟମ ଜାରି ରଖିଛନ୍ତି। ସୋମବାର ବେଲପଡାରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ କିଛି ବ୍ୟକ୍ତି ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀଙ୍କୁ ଭେଟି ଶ୍ରୀ ମେହେରଙ୍କୁ ଏଠୁ ବିଦାକଲେ ଧାରଣାରେ ବସିବେ ବୋଲି ଚେତବାନୀ ଦେଇଥିଲେ। ଶ୍ରୀ ମେହେର ତାଙ୍କ ସପକ୍ଷରେ ଲୋକ ପଠାଇ ସ୍ୱାସ୍ଥ୍ୟ ବିଭାଗ ଉପରେ ଚାପ ପ୍ରୟୋଗ କରି ଏଠାରେ ରହିବା ପାଇଁ ଉଦ୍ୟମ ଜାରିରଖିଥିବା ଅଭିଯୋଗ ଉଠିଛି।

## କୁଡ଼ିବାହାଲିରେ ଗୋ-ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର



କନ୍ଧମାଳ, ୨୨।୯ (ସିମିସ): ଘଣ୍ଟାପଡା ପଞ୍ଚାୟତ ଅଧୀନ କୁଡ଼ିବାହାଲି ଗ୍ରାମରେ ଏକ ଗୋ-ବନ୍ଧ୍ୟା ନିରାକରଣ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। କନ୍ଧମାଳ ପ୍ରାଣୀ ଚିକିତ୍ସା କେନ୍ଦ୍ର ଏବଂ ଓମଫେଡ୍ କୁଡ଼ିବାହାଲି ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ମିଳିତ ସହଯୋଗରେ ଏହି ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିରରେ କୁଡ଼ିବାହାଲି ଦୁଗ୍ଧ ଉତ୍ପାଦକ ସମବାୟ ସମିତି କେନ୍ଦ୍ର ଅଞ୍ଚଳର ଆଖପାଖ ଗ୍ରାମର ବହୁ ଚାଷୀ ନିଜ ନିଜର ଗାଇ ନେଇ ଚିକିତ୍ସା ପାଇଁ ଆସିଥିଲେ। ଶିବିରରେ ଗାଇମାନଙ୍କ ଗର୍ଭ ପରୀକ୍ଷା, କୃମି ନାଶକ ଔଷଧ ପ୍ରଦାନ ସହ ବିଭିନ୍ନ ରୋଗର ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ୪୨ ଜଣ ଚାଷୀ ଯୋଗ ଦେଇଥିବା ବେଳେ ୧୫୦ରୁ ଅଧିକ ଗାଈ ଓ ବାଛୁରୀଙ୍କର ଚିକିତ୍ସା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କନ୍ଧମାଳ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସକ ଡା. ସିଦ୍ଧାର୍ଥ ଶଙ୍କର ପାଣିଗ୍ରାହୀ, କନ୍ଧମାଳ ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ଅଧିକାରୀ ସୀମାରାଣୀ ବାଘ, ଘଣ୍ଟାପଡା ପ୍ରାଣୀଧନ ନିରୀକ୍ଷକ ପ୍ରଜ୍ଞାସିନୀ ପ୍ରଧାନ, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଳୟ ସହଚର ନୀଳାଦ୍ରୀ ବିହାରୀ ପଧାନ, ଦେବାଶିଷ ସାହୁ, ସୁରଥ ରଣା, ଧୀରେନ ଦେହୁରୀ, କୁଳତାଯୋର ମୈତ୍ରୀ ଶୁଭେନ୍ଦୁ କଳସ, ମହେନ୍ଦ୍ର ମହାଲିକ ପ୍ରମୁଖ ଯୋଗଦେଇ ଚିକିତ୍ସା କରିଥିଲେ। ବୌଦ୍ଧ ଜିଲ୍ଲା ଓମଫେଡ୍ ଅଞ୍ଚଳ ଭାରପ୍ରାପ୍ତ ଅଧିକାରୀ ସହଦେବ ଶତପଥୀ ଓ କନ୍ଧମାଳ ଦୁଗ୍ଧ ମାର୍ଗ କ୍ଷେତ୍ର ପରିଦର୍ଶକ ଛବିଳ ପ୍ରଧାନ ଉପସ୍ଥିତ ଥିଲେ। କୁଡ଼ିବାହାଲି ଦୁଗ୍ଧ ଉତ୍ପାଦକ ସମବାୟ ସମିତିର ସମ୍ପାଦକ କହଲୁ ପଧାନ ଏବଂ ସଭାପତି ବ୍ରଜ ଗୁରାଣ୍ଡି ପରିଚାଳନା କରିଥିବା ବେଳେ ବନମାଳୀ ମେଣ୍ଡିଲି ସହଯୋଗ କରିଥିଲେ।

## ଇଷ୍ଟଦେବୀଙ୍କ ଯାଉଁଳି ଖୁଣ୍ଟ, କଳସ ସ୍ଥାପନ



ତରଭା, ୨୨।୯ (ସମିସ): ତରଭା ଗଡ଼ଭିତର ଉନ୍ନୟନ ପରିଷଦର ନେତୃତ୍ୱରେ ତରଭା ସହରର ଇଷ୍ଟଦେବୀ ମା ପାଟମେଶ୍ୱରୀ, ମା ସମଲେଶ୍ୱରୀଙ୍କ ପୀଠରେ ଯାଉଁଳି ଖୁଣ୍ଟ ଓ ମନ୍ଦିର ଉପରେ କଳସ ସ୍ଥାପନ ନୀତି ସମ୍ପନ୍ନ ହୋଇଯାଇଛି। ଇଷ୍ଟ ଦେବୀଙ୍କ ମନ୍ଦିର ନିର୍ମାଣ ପରେ ଦୀର୍ଘ ଚାଳିଶ ବର୍ଷ ପୂର୍ବେ ସ୍ଥାପନ ହୋଇଥିବା ଯାଉଁଳି ଖୁଣ୍ଟ ପରିବର୍ତ୍ତନ ପାଇଁ ୪ ମାସ ତଳେ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ମା'ଙ୍କ ପୀଠରେ ମୁଖ୍ୟ ପୂଜକ ହରିବଂଶ ମହଲାଙ୍କ ଦ୍ୱାରା ପ୍ରାତଃ ଆଳତି, ନୀତିପୂଜା ପରେ ଯାଉଁଳି ଖୁଣ୍ଟ ପରିବର୍ତ୍ତନ ପାଇଁ ପୂଜା ନୀତି କରାଯାଇଥିଲା। ଯାଉଁଳି ଖୁଣ୍ଟକୁ ଏକ ପାରମ୍ପରିକ ବାଦ୍ୟ, ଘଣ୍ଟ, ଶଙ୍ଖ ଧ୍ୱନି ସହ ଶୋଭାଯାତ୍ରାରେ ନିଆଯାଇ ନିକଟସ୍ଥ ସର (ନାଳ)ରେ ବିସର୍ଜନ କରାଯାଇଥିଲା। ନୂତନ ଭାବରେ ନିର୍ମାଣ କରାଯାଇଥିବା ଯାଉଁଳି ଖୁଣ୍ଟକୁ ପୁଝାରୀଙ୍କ ଦ୍ୱାରା ଶୁଦ୍ଧି କରଣ, ସ୍ଥାପନ ପୂଜା ସହ ଚଣ୍ଡୀ ପାଠ, ହୋମ, ପୂର୍ଣ୍ଣ ଆହୁତି ପ୍ରଦାନ କରାଯାଇଥିଲା। ନୂତନ ଭାବରେ ନିର୍ମାଣ କରାଯାଇ ଥିବା ମନ୍ଦିର ଉପରେ କଳସ ସ୍ଥାପନ, ରତ୍ନ ମୁଦ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଯାଉଁଳି ଖୁଣ୍ଟ ସ୍ଥାପନରେ କ୍ଷିତୀଶ କୁମାର ଗୁରୁ, ଅନୁସୟା ଗୁରୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ମନ୍ଦିର କଳସ ସ୍ଥାପନ ଓ ରତ୍ନମୁଦରେ ବିକାଶ ଅଗ୍ରୱାଲ, ସୋନି ଅଗ୍ରୱାଲ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସମସ୍ତ ପୂଜା କାର୍ଯ୍ୟ ରାମାନୁଜ ପୁଝାରୀ ଓ ତାଙ୍କ ସହଯୋଗୀଙ୍କ ଦ୍ୱାରା ସମ୍ପନ୍ନ କରାଯାଇଥିଲା। ଯାଉଁଳି ଖୁଣ୍ଟ ସ୍ଥାପନ ବିଧି, ନୀତିରେ ମନ୍ଦିର ବରୁଆ (ଦେବତା) ରଘୁନାଥ ମହଲା, ଜୟନ୍ତ ମହଲା, ସନ୍ତୋଷ ଝାଙ୍କର, ସଞ୍ଜୟ ମହଲା, ରାଜୁ ମହଲା, କିରନ ମହଲା ଦାୟିତ୍ୱ ତୁଲାଇଥିଲେ। ବରିଷ୍ଠ ଆଇନଜୀବୀ ଆଦିକନ୍ଦ ପାଣିଗ୍ରାହୀ, ସତ୍ୟନାରାୟଣ ପୁଝାରୀ, ଜନାର୍ଦ୍ଦନ ଥାନାପତି, ବିଘ୍ନରାଜ ନାଏକ, ଶାନ୍ତନୁ ପଣ୍ଡା, କୁଳମଣି ଥାନାପତି, ସୁରେନ୍ଦ୍ର ଦଳବେହେରା, କିରଣ ନାଏକ, କୃତ୍ତିବାସ ମହଲା, ମହାବୀର ନାଏକ, ପ୍ରଦୀପ ପାଣିଗ୍ରାହୀ, ବିନୋଦ ପାଣିଗ୍ରାହୀ, କାହ୍ନୁ, ସୁରେନ୍ଦ୍ର ଦଳବେହେରା, ଲୋକନାଥ ଦଳବେହେରା, ମଧୁସୂଦନ ପାଣ୍ଡେଙ୍କ ସମେତ ଗଡ଼ଭିତର ଉନ୍ନୟନ ପରିଷଦ ସମସ୍ତ କର୍ମକର୍ତ୍ତା ଓ ଗଡ଼ଭିତର ପଡାବାସୀ ସହଯୋଗ କରିଥିଲେ।

## ବେଙ୍ଗାଲୁରୁରେ ନୂଆଁଖାଇ ଭେଟଘାଟ



ବଲାଙ୍ଗିର, ୨୨।୯ (ସମିସ): ବେଙ୍ଗାଲୁରୁରେ ଡାଲଖାଇ ଫାଉଣ୍ଡେସନ୍ ପକ୍ଷରୁ ନୂଆଖାଇ ଭେଟଘାଟ ଆୟୋଜିତ ହୋଇଯାଇଛି। ମାଆ ସମଲେଇଙ୍କ ନିକଟରେ ନୂଆ ଚୁଡ଼ା, ପିଠା, ମଣ୍ଡା ଓ କ୍ଷୀରି ଭୋଗ ଲାଗି ପୂଜାର୍ଚ୍ଚନା କରାଯାଇଥିଲା। ପୂଜା ପରେ ଉପସ୍ଥିତ ସମସ୍ତେ ନୂଆ ପ୍ରସାଦ ସେବନ କରି ପରସ୍ପରକୁ ନୂଆଖାଇ ଜୁହାର ଜଣାଇଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଅଯୋଧ୍ୟା-ବନାରସ ତୀର୍ଥ ଯାତ୍ରାର ଶୁଭାରମ୍ଭ

ବଲାଙ୍ଗିର, ୨୧।୯ (ସମିସ): ଜିଲ୍ଲା ପ୍ରଶାସନ ଓ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ଯୋଜନାର ତୃତୀୟ ଗସ୍ତ ଅଧୀନ ଅଯୋଧ୍ୟା-ବନାରସ ତୀର୍ଥ ଯାତ୍ରାର ଶୁଭାରମ୍ଭ ହୋଇଛି। ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ସେଠୀ ପତାକା ଦେଖାଇ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ଟାଲିନା ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମୀ ରଞ୍ଜନ ମିଶ୍ର ଏବଂ ଚୂଡ଼ାପାଲି ଚିକିତ୍ସା ଅଧିକାରୀ ଡା. ଶୁଭ୍ରାଂଶୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଯୋଜନା ମାଧ୍ୟମରେ ଜିଲ୍ଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରୁ ସମୁଦାୟ ୧୪୧ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବନାରସ ଅଭିମୁଖେ ଯାତ୍ରା କରିଛନ୍ତି। ଯାତ୍ରୀମାନଙ୍କ ସୁବିଧା ତଦାରଖ କରିବା ପାଇଁ ୪ ଜଣ ଏସକର୍ଟ ଅଫିସର ନିୟୋଜିତ ହୋଇଛନ୍ତି। ଯାତ୍ରା ଆରମ୍ଭ ପୂର୍ବରୁ ସମସ୍ତ ଶ୍ରଦ୍ଧାଳୁଙ୍କର ପ୍ରାଥମିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସେମାନଙ୍କୁ ଜରୁରୀକାଳୀନ ଔଷଧ ପ୍ରଦାନ କରାଯାଇଥିଲା। ଯାତ୍ରୀମାନଙ୍କ ଯାତାୟାତ ପାଇଁ ପ୍ରଶାସନ ପକ୍ଷରୁ ୪ଟି ସ୍ୱତନ୍ତ୍ର ବସର ବ୍ୟବସ୍ଥା କରାଯାଇଛି। ଶ୍ରଦ୍ଧାଳୁ ସମ୍ବଲପୁରରୁ ଟ୍ରେନ୍ ଯୋଗେ ଅଯୋଧ୍ୟା ଓ ବନାରସ ଅଭିମୁଖେ ଯାତ୍ରା କରିବେ। କାର୍ଯକ୍ରମ ପରିଚାଳନାରେ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗର ସମସ୍ତ କର୍ମଚାରୀ ଏବଂ ନୀଳାଞ୍ଚଳ ଦୀପ ସହଯୋଗ କରିଥିଲେ।

## ଅସହାୟ ପରିବାରକୁ ସହାୟ ହେଲା ବ୍ଲକ୍ ପ୍ରଶାସନ



ଦେଓଗାଁ, ୨୨।୯ (ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତ ଲୁହାଖାନ ଗାଁର ଏକ ପରିବାରକୁ ବ୍ଲକ୍ ପ୍ରଶାସନର ସହଯୋଗ କରିଛି। ଏହି ପରିବାରକୁ ଆବାସ ଘର ପାଇଁ କାର୍ଯ୍ୟାଦେଶ ପତ୍ର ମିଳିଛି। ପକ୍ଷାଘାତରେ ଶିକାର ସ୍ୱାମୀ ଅଶ୍ୱିନୀ ପ୍ରଧାନୀ ଓ ମାନସିକ ଅନଗ୍ରସର ପୁଅ କାହ୍ନାକୁ ଧରି ଅମ୍ବିକା ପ୍ରଧାନୀ ନାମ୍ନୀ ଜଣେ ମହିଳା ପ୍ରଥମେ ବ୍ଲକ ପ୍ରଶାସନ ଓ ପରେ ଜିଲ୍ଲା ପ୍ରଶାସନର ଫେରାଦ ହୋଇଥିଲେ। ମାନସିକ ଅନଗ୍ରସର ପୁଅର ହେଉନି ଆଧାର କାର୍ଡ ହୋଇ ପାରୁ ନ ଥିଲା। ପକ୍ଷାଘାତ ବାପାଙ୍କୁ ସହାୟତା ମିଳୁ ନ ଥିଲା। ବିଡିଓ ପ୍ରୀୟ ରଞ୍ଜନ କୁମାରଙ୍କ ନିର୍ଦ୍ଦେଶକ୍ରମେ ମାନସିକ ଅନଗ୍ରସର ପୁଅ କାହ୍ନାର ଅଧାରକାର୍ଡ କରାଯାଇଥିଲା। ତାଙ୍କ ବାପାଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଶେଷର ଘର ନିର୍ମାଣ କରିବାକୁ ସହଯୋଗ ମିଳିଛି।

## ସେବା ସଂକଳ୍ପ ଅଭିଯାନ



ବଲାଙ୍ଗିର, ୨୨।୯ (ସମିସ): ପୁଇଁନ୍ତଲା ବ୍ଲକ୍ ମଲମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନ ସମସ୍ତ ବିଦ୍ୟାଳୟରେ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ମଲମୁଣ୍ଡା ଆଞ୍ଚଳିକ ସାଧନ କେନ୍ଦ୍ରର ସାଧନ ସଂଯୋଜକ ପ୍ରମୋଦ ପଟେଲଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଦେଓଗାଁ: ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ କାର୍ଯ୍ୟାଳୟରେ ମଧ୍ୟ ସେବା ସଂକଳ୍ପ ଅଭିଯାନ ତଥା ସେବା ସେତୁ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରୀୟ ରଞ୍ଜନ କୁମାରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶଶି ଭୂଷଣ ପାଣିଗ୍ରାହୀ ଯୋଗ ଦେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସିଦ୍ଧାର୍ଥ ସେଠଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଏବିଡିଓ ପୁଷ୍ପାଞ୍ଜଳି ନାଏକ, ଉଡାର ସରପଞ୍ଚ ପଞ୍ଚମୀ ଦୀପ, ଇଓ ଲିଙ୍ଗରାଜ ସୁନା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଚିନ୍ମୟ ବେହେରା, ପଞ୍ଚାୟତ ଅଧିକାରୀ ସେନାପତି ମଙ୍ଗରାଜ ପ୍ରମୁଖ ଉପସ୍ଥିତ ଥିଲେ। କୁତୁର୍ଲା ଧ୍ରୁବାନନ୍ଦ କଲେଜରେ ମଧ୍ୟ ରାଜନୀତି ବିଜ୍ଞାନ ଅଧ୍ୟାପକ ବଳରାମ ପଧାନଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେହାଇଥିଲା। କଲେଜର ଅଧକ୍ଷ ପ୍ରମୋଦ ବଡପଣ୍ଡା, ଅଧ୍ୟାପକ ବିଜୟ ଜାଲ, ନବ କିଶୋର ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଓଗାଁ କଲେଜରେ ଷ୍ଟାର୍ଟଅପ ଓ ଇନୋଭେସନ ପ୍ରତିଯୋଗିତା



ଦେଓଗାଁ, ୨୨।୯ (ସମିସ): ଦେଓଗାଁ ପଞ୍ଚାୟତ ସମିତି ଡିଗ୍ରୀ କଲେଜରେ ଷ୍ଟାର୍ଟଅପ୍ ଓ ଇନୋଭେସନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷ ରମେଶ ଚନ୍ଦ୍ର ପ୍ରଧାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ଡ. ସୁରେଶ ପ୍ରସାଦ ଷଡଙ୍ଗୀ ଯୋଗ ଦେଇଥିଲେ। ଅଧାପକ ଆଶିଷ ପଣ୍ଡା ପରିଚାଳନା କରିଥିବା ବେଳେ ଉଦୟନାଥ ରଥ ଓ ରତିକ ମେହେର ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏଥିରେ ବିଏସ ଫ୍ରାଙ୍କଲିନ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ କୁନାଲ ସାହୁ ଦ୍ୱିତୀୟ ଓ ତପନ ଗଡତ୍ୟା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସାହିଲ ମେହେର ଓ ନିରଞ୍ଜନ ସେଠଙ୍କୁ ପୁରସ୍କୃତ କରାଯାଇଥିଲା।

## କନ୍ଧମାଳରେ ପୁଲିସର ଫ୍ଲାଗମାର୍ଚ୍ଚ



କନ୍ଧମାଳ, ୨୨।୯ (ସମିସ): କନ୍ଧମାଳ ଥାନା ଅଧୀନ ରୁଣ୍ଡିମହୁଲ ଓ ଉମା ଅଞ୍ଚଳରେ ପୁଲିସ ଫ୍ଲାଗମାର୍ଚ୍ଚ କରିଛି। ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତିଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ କରାଯାଇଛି। ଥାନାର ସମସ୍ତ ଷ୍ଟାଫ୍ ଓ ଆଇଆର୍ ଯବାନନଙ୍କୁ ନେଇ ଏହି ଫ୍ଲାଗ ମାର୍ଚ୍ଚ କରାଯାଇଥିଲା।

## ମୁରାସୁର ଦରବାର ଲାଗି କଳାକାର ବରଣ

ପଲଶାଗୋରା, ୨୨।୯ (ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ପଲଶାଗୋରା ସ୍ୱସ୍ତିକ କ୍ଲବ୍ ଦ୍ୱାରା ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ହେଉଥିବା ମୁରାସୁର ଦରବାର କାର୍ଯ୍ୟକ୍ରମ ପାଇଁ କଳାକାର ବରଣ କରାଯାଇଛି। ଏହି ଅବସରରେ ସ୍ୱସ୍ତିକ କ୍ଲବ ଉପଦେଷ୍ଟା ସୁଧୀର ପଣ୍ଡା, ସଭାପତି କୁନ୍ଦନ ଦନ୍ତା, ସମ୍ପାଦକ ସତ୍ୟନାରାୟଣ ପ୍ରଧାନଙ୍କ ସହ କମିଟି ଚିନୁ ମହାପାତ୍ର, ରଞ୍ଜନ ପଣ୍ଡା, ମୁନା ସାହୁ ରଞ୍ଜନ ମିଶ୍ର, କୁନା ଭୋଇ ଉପସ୍ଥିତିରେ ହୃଷିକେଶ ଭୋଇ, ନନ୍ଦିଘୋଷ ମହାପାତ୍ର, ସୁଦାମ ବିଶିଙ୍କୁ ନଡ଼ିଆ ଓ ପୁଷ୍ପ ମାଲ୍ୟ ଦେଇ ବରଣ କରାଯାଇଛି।

# ମାଧବ ମହାନନ୍ଦ ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶକ ଥିଲେ

କଣ୍ଟାବାଞ୍ଜି, ୨୨।୯ (ସମିସ)



ବଲାଙ୍ଗୀର ଜିଲ୍ଲାର ପୂର୍ବତନ ଜିଲ୍ଲା ଶିକ୍ଷାଧୀଶ ସ୍ୱର୍ଗତ ମାଧବ ମହାନନ୍ଦ କେବଳ ଜଣେ ଆଦର୍ଶ ଶିକ୍ଷକ ନ ଥିଲେ। ହଜାର ହଜାର ଛାତ୍ରଙ୍କ ପାଇଁ ସେ ଆଦର୍ଶ, ମାର୍ଗଦର୍ଶକ ଥିଲେ। ତାଙ୍କର ଶାନ୍ତ, ସରଳ ବ୍ୟବହାର ଓ ଶିକ୍ଷା ପ୍ରତି ନିଷ୍ଠା ସମସ୍ତଙ୍କୁ ପ୍ରେରଣା ଦେଉଥିଲା। କଣ୍ଟାବାଞ୍ଜି ସହରର ଶ୍ରୀହରି ଭବନଠାରେ ମଙ୍ଗଳବାର ଅନୁଷ୍ଠିତ ସ୍ମୃତିସଭାରେ ଏହି ମତ ପ୍ରକାଶ ପାଇଛି। ବରିଷ୍ଠ ଶିକ୍ଷକ ଈଶ୍ୱର ଚନ୍ଦ୍ର ଖମାରୀ ପ୍ରଦୀପ ପ୍ରଜ୍ୱଳନ କରି ସ୍ମୃତିସଭାର ଶୁଭାରମ୍ଭ କରିଥିଲେ। ରାମଚନ୍ଦ୍ର ସାହୁ, ଯୋଗୀନ୍ଦ୍ର ମହାନନ୍ଦ, ନିରଞ୍ଜନ ଜୈନ, ଅଶୋକ ଛାପଡିଆ, ସଞ୍ଜୟ ଖଣ୍ଡେଲୱାଲ, ଚୁଡାମଣି ବେହେରା, କିଶୋର ଡାଲମିଆ, ଅନୀଲ ଜୈନ, ସୂର୍ଯ୍ୟକାନ୍ତ ରଣା, ହେରମ୍ବ ବାଗ, ରମେଶ ମହାନନ୍ଦ, ରତୀନ୍ଦ୍ର ରାଏ, ବେଦବ୍ୟାସ ନାଗ, ରାଜେନ୍ଦ୍ର ବେହେରା, ଅମଜଦ ଖାନ, ନରେନ୍ଦ୍ର ସୁନା, ଅଗସ୍ତି ସୁନା, କିଶୋର ବରିହା, ନିଶିକାନ୍ତ ମହାପାତ୍ର, ପାର୍ଥିବ ମହାନନ୍ଦ, ସୁଧାଂଶୁ ମହାନନ୍ଦ, ଲକ୍ଷ୍ମୀକାନ୍ତ ମହାନନ୍ଦ, ନାରାୟଣ ମହାନନ୍ଦ, ଛୋଟୁସିଂ ସାଲୁଜା, ନରୋତ୍ତମ ମହାନନ୍ଦ ପ୍ରମୁଖ ଆଖପାଖ ଅଞ୍ଚଳର ତାଙ୍କର ଶତାଧିକ ଛାତ୍ର, ଶୁଭେଚ୍ଛୁ, ଶିକ୍ଷକ ଓ ପରିବାର ବର୍ଗ ଉପସ୍ଥିତ ରହି ନିଜ ନିଜର ସ୍ମୃତି ଓ ଅନୁଭୂତି ବାଣ୍ଟିଥିଲେ। ଛାତ୍ର ବିରଞ୍ଚି ନାରାୟଣ ଦାଶଙ୍କ ପରିଚାଳନାରେ ଏହି ସ୍ମୃତିଚାରଣ ସଭାରେ ଆୟୋଜିତ ହୋଇଥିଲା।

● ଫ୍ରି' ଫାୟାର ଗେମ୍ ଖେଳିବାକୁ ବାରଣ କଲେ ମା'

## ଜୀବନ ହାରିଦେଲା ୧୬ ବର୍ଷର ପୁଅ

ରାଉରକେଲା, ୨୨।୯ (ସମିସ): ସ୍ଥାନୀୟ ରଘୁନାଥପାଲି ଥାନା ଜଳଦା ଫାଣ୍ଡି ଅଧୀନସ୍ଥ ଜଳଦା 'ସି' ବ୍ଲକ ନିକଟରେ ଏକ ଦୁଃଖଦ ଘଟଣା ଘଟିଛି । ଫ୍ରି ଫାୟାର ଗେମ୍ ଖେଳିବାକୁ ମା' ବାରଣ କରିବାରୁ ଜଣେ ଦଶମ ଶ୍ରେଣୀ ଛାତ୍ର ସୋମବାର ରାତିରେ ଜୀବନ ହାରିଦେଇଛନ୍ତି । ମୃତ ଛାତ୍ର ହେଲେ ନମନ ବାହାଦୁର (୧୬) । ଶୋଇବା ଘର ଭିତରେ ସେ ବେଡ୍‌ସିଟ୍‌ରେ ଫାଶୀ ଲଗାଇ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ । ମଙ୍ଗଳବାର ସକାଳୁ ଜଳଦା ଫାଣ୍ଡି ଅଧିକାରୀ ଦୀପୁନ ଦଳେଇ ସଦଳବଳ ପହଞ୍ଚି ଶବ ପଞ୍ଚନାମା ପରେ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଚଳାଇଛନ୍ତି । ପ୍ରାଥମିକ ତଦନ୍ତରୁ ଫ୍ରି ଫାୟାର ଗେମ୍ ଖେଳିବାକୁ ବାରଣ କରିବାରୁ ଏହି ଘଟଣା ଘଟିଥିବା ପୁଲିସ କହିଛି ।

ପ୍ରକାଶ ଯେ, ନମନ ନିୟମିତ ନିଜ ମୋବାଇଲ୍‌ରେ 'ଫ୍ରି ଫାୟାର ଗେମ୍' ଖେଳୁଥିଲେ । ସୋମବାର ରାତିରେ ଗେମ୍ ଖେଳିବାକୁ ନେଇ ତାଙ୍କ ମା' ପାଟି କରିଥିଲେ । ଏନେଇ ମା'-ପୁଅଙ୍କ ମଧ୍ୟରେ ଉଚ୍ଚବାଚ ହୋଇଥିଲା । ଫଳରେ ବିଳମ୍ବିତ ରାତିରେ ନମନ୍ ଆତ୍ମହତ୍ୟା ପରି ଚରମ ପଦକ୍ଷେପ ନେଇଥିବା କୁହାଯାଉଛି । ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଏସୀୟ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରିବେ ରାଉରକେଲା ଝିଅ ସ୍ୱସ୍ତି



ରାଉରକେଲା, ୨୨।୯ (ସମିସ): ଜାପାନରେ ଅନୁଷ୍ଠିତ ହେବାକୁ ଥିବା ଏସୀୟ କ୍ରୀଡ଼ା - ୨୦୨୬ ପ୍ରତିଯୋଗିତାରେ ଭାରତକୁ ପ୍ରତିନିଧିତ୍ୱ କରିବେ ରାଉରକେଲା ଝିଅ ଯୁବ ସାଇକ୍ଲିଷ୍ଟ ସ୍ୱସ୍ତି ସିଂହ । ଏହି ଯୁବ ସାଇକ୍ଲିଷ୍ଟ ୪ କିଲୋମିଟର ଟିମ୍ ପରସୁଟ୍ ଏବଂ ୱିମେନ୍ ମ୍ୟାଡିସନ୍ ଏହି ଦୁଇଟି ଇଭେଣ୍ଟରେ ପ୍ରତିଯୋଗିତା କରି ଦେଶ ତଥା ନିଜ ଗୃହ ସହରର ଆଶା ଓ ଆକାଂକ୍ଷାକୁ ବହନ କରିବେ । ଉଲ୍ଲେଖଯୋଗ୍ୟ ଯେ ସ୍ୱସ୍ତି ସିଂହ ହେଉଛନ୍ତି ରାଉରକେଲା ଇସ୍ପାତ କାରଖାନାର ଅକ୍ସିଜେନ୍ ପ୍ଲାଣ୍ଟରେ କନିଷ୍ଠ ଯନ୍ତ୍ରୀ ଭାବରେ କାର୍ଯ୍ୟରତ ଅମର ସିଂହ ଏବଂ ଉମା ଦେବୀଙ୍କ ଝିଅ । ସେ ଏପର୍ଯ୍ୟନ୍ତ ୨୦ରୁ ଅଧିକ ଜାତୀୟ ପଦକ ଏବଂ ଚାରୋଟି ଆନ୍ତର୍ଜାତୀୟ ପଦକ ଜିତିସାରିଛନ୍ତି । ଡିସେମ୍ବର ୨୦୨୫ରେ ରୁଦ୍ରପୁରଠାରେ ଅନୁଷ୍ଠିତ ୭୭ତମ ସିନିୟର ନ୍ୟାସନାଲ୍ ଟ୍ରାକ୍ ସାଇକ୍ଲିଂ ଚାମ୍ପିଅନ୍‌ସିପ୍‌ରେ ସେ ତିନୋଟି ସ୍ୱର୍ଣ୍ଣ ଏବଂ ଦୁଇଟି ରୌପ୍ୟ ପଦକ ଜିତିବା ପରେ ଟୁର୍ଣ୍ଣାମେଣ୍ଟର 'ଶ୍ରେଷ୍ଠ ମହିଳା ସାଇକ୍ଲିଷ୍ଟ' ଭାବେ ସମ୍ମାନିତ ହୋଇଥିଲେ । ଏସୀୟ କ୍ରୀଡ଼ାରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ତାଙ୍କର ମନୋନୟନ ତାଙ୍କ କ୍ରୀଡ଼ା ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ।

● ବଣାଇଁଗଡ଼ ମହାବିଦ୍ୟାଳୟ

## ୯ କୋଟି ଟଙ୍କାରେ ନିର୍ମାଣ ହେବ ବହୁମୁଖୀ ସଭାଗୃହ

ବଣାଇଗଡ଼, ୨୨।୯ (ସମିସ): ବଣାଇଁଗଡ଼ ମହାବିଦ୍ୟାଳୟରେ ଏକ ହଜାର ଛାତ୍ରଛାତ୍ରୀଙ୍କ କ୍ଷମତା ବିଶିଷ୍ଟ ଏକ ବହୁମୁଖୀ ସଭାଗୃହ ୯ କୋଟି ଟଙ୍କା ବ୍ୟୟରେ ନିର୍ମାଣ ପାଇଁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠିରୁ ମଞ୍ଜୁର କରାଯାଇଥିବା କହିଛନ୍ତି ସୁନ୍ଦରଗଡ଼ ଜିଲ୍ଲାପାଳ ଡ଼କ୍ଟର ଶୁଭଙ୍କର ମହାପାତ୍ର । ଏ ନେଇ ପୂର୍ବରୁ ବଣାଇଁଗଡ଼ ମହାବିଦ୍ୟାଳୟ ଆଲୁମିନି ବା ପୁରାତନ ଛାତ୍ର ସଂସଦ ତରଫରୁ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଏବଂ ଜିଲ୍ଲାପାଳ ସୁନ୍ଦରଗଡ଼ଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏନେଇ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ତରଫରୁ ରାସ୍ତା ଓ କୋଠାବାଡ଼ି ରାଉରକେଲା ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଏହାର ଆନୁମାନିକ ବ୍ୟୟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ତତ୍‌ସହିତ ବଣାଇଁଗଡ଼ ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ତରଫରୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ କାର୍ଯ୍ୟାଳୟରେ ଡିପିଆର ପ୍ରଦାନ କରାଯାଇଥିଲା । ଏହିସବୁ ଦଲିଲ ପାଇଲା ପରେ ଜିଲ୍ଲାପାଳ ଡ଼କ୍ଟର ଶୁଭଙ୍କର ମହାପାତ୍ର ଗତ ୩ ଦିନ ତଳେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପାଣ୍ଠି ତରଫରୁ ୯ କୋଟି ଟଙ୍କା ମଞ୍ଜୁର କରାଯାଇଥିବା ସୋମବାର କୋଇଡ଼ାଠାରେ ଅନୁଷ୍ଠିତ ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଶୁଣାଣି କାର୍ଯ୍ୟକ୍ରମରେ ସୂଚନା ଦେଇଛନ୍ତି । ଉପସ୍ଥିତ ଥିବା ରାସ୍ତା ଓ କୋଠାବାଡ଼ି ରାଉରକେଲା ଡିଭିଜନ ଅଧୀକ୍ଷଣ ଯନ୍ତ୍ରୀ ଯଶସ୍ୱିନୀ ମିଶ୍ର ଖୁବ୍‌ଶୀଘ୍ର ଏନେଇ ଟେଣ୍ଡର ଆହ୍ୱାନ କରାଯିବ ବୋଲି କହିଛନ୍ତି ।

## ଆର୍‌ଏସ୍‌ପିରେ ଆଣ୍ଟି-ବ୍ରାଇବରୀ ମ୍ୟାନେଜମେଣ୍ଟ ସିଷ୍ଟମ୍ କାର୍ଯ୍ୟକାରିତାର ସମୀକ୍ଷା




ରାଉରକେଲା, ୨୨।୯ (ସମିସ): ରାଉରକେଲା ଇସ୍ପାତ କାରଖାନାର ମନ୍ଥନ କନଫରେନ୍ସ ହଲ୍‌ରେ ଆଣ୍ଟି-ବ୍ରାଇବରୀ ମ୍ୟାନେଜମେଣ୍ଟ ସିଷ୍ଟମ୍ କାର୍ଯ୍ୟକାରିତାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଆରଏସପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏବଂ ସମସ୍ତ ନିର୍ବାହୀ ନିର୍ଦ୍ଦେଶକ, ଓଡ଼ିଶା ଗ୍ରୁପ୍ ଅଫ୍ ମାଇନ୍ସ ସମେତ ଆର୍‌ଏସ୍‌ପିରେ ଆଣ୍ଟି-ବ୍ରାଇବରୀ ମ୍ୟାନେଜମେଣ୍ଟ ସିଷ୍ଟମ୍‌ର କାର୍ଯ୍ୟକାରିତା ଏବଂ ପ୍ରଭାବଶାଳୀତା ସମ୍ପର୍କରେ ସମୀକ୍ଷା କରିଥିଲେ । ବୈଠକରେ ନିୟମାବଳୀଗୁଡ଼ିକର ପାଳନ ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଏକ ଉପସ୍ଥାପନା ପ୍ରଦର୍ଶିତ ହୋଇଥିଲା । ସମୀକ୍ଷାରେ କ୍ରମାଗତ ସୁଧାର ପାଇଁ ପ୍ରସ୍ତାବଗୁଡ଼ିକ ଉପରେ ବିଚାର କରାଯାଇଥିଲା, ଯେଉଁଥିରେ କର୍ମଚାରୀ ତାଲିମ, ବିଭିନ୍ନ ଅଂଶୀଦାରଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମର ବାର୍ଷିକ ସୂଚୀ, ଏବଂ ନଲେଜ୍ ମ୍ୟାନେଜମେଣ୍ଟ ପୋର୍ଟାଲ୍ ମାଧ୍ୟମରେ ଏବିଏମଏସ ତଥ୍ୟର ବ୍ୟାପକ ପ୍ରସାର ଅନ୍ତର୍ଭୁକ୍ତ । ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ହେଉଛି ଏବିଏମ୍‌ଏସ୍ ଢାଞ୍ଚାକୁ ସୁଦୃଢ଼ କରିବା ଏବଂ ଆର୍‌ଏସ୍‌ପି ଓ ଏହାର ଖାଦାନଗୁଡ଼ିକରେ ନୈତିକତା ଏବଂ ସ୍ୱଚ୍ଛତାକୁ ଅଧିକ ପ୍ରୋତ୍ସାହିତ କରିବା, ଯାହା ନୈତିକ ଶାସନ ଏବଂ ଲାଞ୍ଚ କାରବାର ପ୍ରତି ଶୂନ୍ୟ ସହନଶୀଳତା ପାଇଁ ସେଲ୍‌ର ପ୍ରତିବଦ୍ଧତାକୁ ଦୋହରାଉଛି ।

ମରଣଯନ୍ତା ପାଲଟିଛି ୧୪୩ନଂ. ଜାତୀୟ ରାଜପଥ

# ଦୁର୍ଘଟଣାରେ ଚାଲିଗଲା ବିଏସ୍‌ଏଫ୍ ଯବାନଙ୍କ ଜୀବନ

ରାଉରକେଲା, ୨୨।୯ (ସମିସ)



ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା । — ୭ ଘଣ୍ଟା ଧରି ରାସ୍ତାରୋକ୍; ଯବାନଙ୍କୁ ଗାର୍ଡ ଅଫ୍ ଅନର୍

କରମା ଛୁଟିରେ ଆସିଥିଲେ ଘରକୁ । ହେଲେ ବୀରମିତ୍ରପୁର ଦେଇ ଝାଡଖଣ୍ଡ ଯାଇଥିବା ଖାଲଖମା ଭର୍ତ୍ତି ବିପର୍ଯ୍ୟସ୍ତ-୧୪୩ ନଂ. ଜାତୀୟ ରାଜପଥ ନେଇଗଲା ବିଏସ୍‌ଏଫ୍ ଯବାନଙ୍କ ଜୀବନ । ସୁନ୍ଦରଗଡ ଜିଲ୍ଲାର ବୀରମିତ୍ରପୁର ଥାନା ଅନ୍ତର୍ଗତ ବିର୍ସାମୁଣ୍ଡା ବସଷ୍ଟାଣ୍ଡ ସ୍ଥିତ ରାଣୀସତୀ ମନ୍ଦିର ନିକଟରେ ସୋମବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଘଟିଛି ଏହି ଦୁଃଖଦ ଘଟଣା । ମୃତ ଯବାନ ହେଲେ ଭର୍ତ୍ତୁ ଭଗତ(୪୭) ।

ଏହାକୁ ନେଇ ବୀରମିତ୍ରପୁର ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଜାତୀୟ ରାଜପଥର ଦୟନୀୟ ଅବସ୍ଥା ଯୋଗୁଁ ଏନ୍‌ଏଚ୍‌ଏଆଇ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ସୋମବାର ଶତାଧିକ ସ୍ଥାନୀୟ ବାସିନ୍ଦା ମୃତଦେହକୁ ରାଜପଥ ଉପରେ ରଖି ରାସ୍ତାରୋକ କରିଥିଲେ । ଅତ୍ୟନ୍ତ ଖରାପ ହୋଇପଡ଼ିଥିବା ଏହି ରାସ୍ତାର ତୁରନ୍ତ ମରାମତି ଏବଂ ଦୁର୍ଘଟଣା ରୋକିବାକୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ । ସୋମବାର ରାତି ପ୍ରାୟ ୧୧ଟାରୁ ମଙ୍ଗଳବାର ସକାଳ ୬ଟା ପର୍ଯ୍ୟନ୍ତ ରାସ୍ତାରୋକ ଜାରି ରହିଥିଲା । ଫଳରେ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା ।

ସୂଚନାଯୋଗ୍ୟ ଯେ, ୨୦୦୪ ମସିହାରେ ବିଏସଏଫ୍‌ରେ ଯୋଗ ଦେଇଥିବା ଭର୍ତ୍ତୁ ଭଗବ ବର୍ତ୍ତମାନ ଚଣ୍ଡିଗଡ଼ରେ ମେଜର ସୁବେଦାର ଭାବେ କାର୍ଯ୍ୟରତ ଥିଲେ । କରମା ପୂଜା ଛୁଟିରେ ସେ ଘରକୁ ଆସିଥିବା ବେଳେ ନିଜ ଶ୍ୱଶୁର ଘରକୁ ଯାଇଥିଲେ । ସୋମବାର ରାତିରେ ସ୍କୁଟି ଯୋଗେ ଘରକୁ ଫେରୁଥିବାବେଳେ ବୀରମିତ୍ରପୁରର ଆଲେକ୍‌ଜାଣ୍ଡାର ସରକାରୀ ସ୍କୁଲ୍ ସମ୍ମୁଖରେ ପଛପଟୁ ଆସୁଥିବା ଏକ ଟ୍ରେଲର ତାଙ୍କ ସ୍କୁଟିକୁ ଜୋର୍‌ରେ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା । ଖବର ପାଇ ବୀରମିତ୍ରପୁର ପୁଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀ ଓ ମୃତକଙ୍କ ପରିବାର ସହ ଆଲୋଚନା କରିବା ପରେ ବୁଝାଶୁଝା ଓ ଆଶ୍ୱାସନ ଦିଆଯାଇଥିଲା । ଏହାପରେ ରାସ୍ତା ଅବରୋଧ ହଟିଥିଲା ଏବଂ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା । ପୁଲିସ ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

ସୁବେଦାର ଭର୍ତ୍ତୁ ଭଗତଙ୍କ ମୃତ୍ୟୁ ଖବର ପାଇ ବିଏସ୍‌ଏଫ୍‌ର ବରିଷ୍ଠ ଅଧିକାରୀ ଓ ଯବାନମାନେ ମଧ୍ୟ ଘଟଣା ସ୍ଥଳରେ ପହଞ୍ଚିଥିଲେ । ଦେଶ ସେବାରେ ନିୟୋଜିତ ଏହି ଯବାନଙ୍କୁ ଶେଷ ବିଦାୟ ଦେବାକୁ ବିଏସଏଫ ପକ୍ଷରୁ ସାମରିକ ସମ୍ମାନ ସହ ଗାର୍ଡ ଅଫ୍ ଅନର୍ ଦିଆଯାଇଥିଲା । ବିଏସଏଫ ଯବାନମାନେ ନିଜ ସାଥୀଙ୍କୁ ଶେଷ ସଲାମୀ ଦେଇଥିଲେ । ଏହି ଦୃଶ୍ୟର ଘଟଣାସ୍ଥଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା ।

ସୂଚନାଯୋଗ୍ୟ ଯେ ବୀରମିତ୍ରପୁର ଦେଇ ଯାଇଥିବା ୧୪୩ ନମ୍ବର ଜାତୀୟ ରାଜପଥରେ ବିପର୍ଯ୍ୟସ୍ତ ରାସ୍ତା ଯୋଗୁ ବାରମ୍ବାର ଘଟୁଥିବା ଦୁର୍ଘଟଣା ଓ ଧନଜୀବନ ହାନିକୁ ନେଇ ଆନ୍ଦୋଳନକାରୀମାନେ ଗଭୀର ଉଦବେଗ ପ୍ରକାଶ କରିଛନ୍ତି । ତୁରନ୍ତ ରାସ୍ତା ମରାମତି ସହ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିବାକୁ ସ୍ଥାନୀୟ ଜନସାଧାରଣ ଜାତୀୟ ରାଜପଥ ପ୍ରାଧିକରଣ ନିକଟରେ ଦୃଢ଼ ଦାବି ଜଣାଇଛନ୍ତି ।

ଏସ୍‌ପିସିବି ପକ୍ଷରୁ ବିଶ୍ୱ ଓଜୋନ ଦିବସ

## ନୂତନ ଜ୍ଞାନକୌଶଳ ଆପଣାଇବା ସହ ଓଡ଼ିଏସ୍ ହ୍ରାସ ପାଇଁ ଆହ୍ୱାନ



ରାଉରକେଲା, ୨୨।୯ (ସମିସ): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ରାଉରକେଲା ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଆରଏସପି ସ୍ଥିତ ସିପିଟିଆଇ ଅଡିଟୋରିୟମରେ 'ଶୀତଳ ପୃଥିବୀ ପାଇଁ ବିଶ୍ୱସ୍ତରୀୟ ପଦକ୍ଷେପ' ଥିମ୍‌ରେ ବିଶ୍ୱ ଓଜୋନ ଦିବସ - ୨୦୨୬ ଆଜି ପାଳିତ ହୋଇଯାଇଛି ।

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅତିରିକ୍ତ ମୁଖ୍ୟ ପରିବେଶ ବୈଜ୍ଞାନିକ ତଥା ରାଉରକେଲା ଆଞ୍ଚଳିକ ଅଧିକାରୀ ଡକ୍ଟର ଅନୁପ କୁମାର ମଲ୍ଲିକ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସେ ପୃଥିବୀ ପୃଷ୍ଠର ଉତ୍ତାପ ବୃଦ୍ଧି, ଓଜୋନ ସ୍ତର ପ୍ରଭାବିତ ହେବା, ଜଳବାୟୁ ପରିବର୍ତ୍ତନର ପ୍ରଭାବ ପ୍ରଭୃତି ନେଇ ଉଦବେଗ ପ୍ରକାଶ କରିଥିଲେ । ଶୀତଳ ପୃଥିବୀ ପାଇଁ ବିଭିନ୍ନ ସ୍ତରରେ ଉଦ୍ୟମ ଜରୁରୀ ବୋଲି ସେ କହିଥିଲେ । ଏଦିଗରେ ବିଭାଗ ପକ୍ଷରୁ ସିଏନଏଫ ହ୍ରାସ ଓ ବିକଳ୍ପ ବ୍ୟବସ୍ଥା ସହ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆରଏସପିର ମୁଖ୍ୟ ମହାପ୍ରବନ୍ଧକ ପ୍ରମୋଦ ଚନ୍ଦ୍ର ଦାଶ ଶୀତଳ ପୃଥିବୀ ପାଇଁ ସବୁଜ ଇସ୍ପାତ ଉତ୍ପାଦନ ବିଷୟରେ ଆଲୋଚନା କରିଥିଲା ବେଳେ ଜେଏସଡବ୍ଲୁ ଷ୍ଟିଲ ଲିମିଟେଡ ବଡବିଲର ଉପାଧ୍ୟକ୍ଷ ତଥା ମୁଖ୍ୟ-ପରିବେଶ ସୁରେଶ ମହାପାତ୍ର 'ଲୁହାପଥର ଖଣି ଓ ପରିଷ୍କରଣରେ ପରିବେଶ ଅନୁକୂଳ ପଦ୍ଧତି' ଉପରେ ଆଲୋକପାତ କରିଥିଲେ । ସେହିପରି ଏନଆଇଟି, ରାଉରକେଲାର ଖଣି ଇଞ୍ଜିନିୟରିଂ ବିଭାଗର ପ୍ରଫେସର ଡକ୍ଟର ଏଚ. ବି. ସାହୁ 'ଶୀତଳ ପୃଥିବୀ ପାଇଁ ଖଣି: ଜଳବାୟୁ କାର୍ଯ୍ୟାନୁଷ୍ଠାନ ପାଇଁ ପରିବେଶ ପରିଚାଳନା ଓ ସ୍ଥାୟୀ ଖଣି କାର୍ଯ୍ୟ' ବିଷୟରେ ବକ୍ତବ୍ୟ ଦେଇଥିଲେ ।

ରାଉରକେଲାର ଆଞ୍ଚଳିକ ପରିବହନ ଅଧିକାରୀ ସୁସ୍ମିତା ବେହେରା 'ସ୍ଥାୟୀ ପରିବହନ ଓ ଯାନବାହନ ଧୂଆଁ ହ୍ରାସ' ବିଷୟରେ ମତ ରଖି ଯାନବାହାନର ପ୍ରଦୂଷଣ ଯାଞ୍ଚ ସହ ଇଭି ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଇଂରାଜୀ ଓ ହିନ୍ଦୀରେ ମିଶନ ଲାଇଫ ଶପଥ ପାଠ କରାଯିବା ସହ ଅତିଥିମାନଙ୍କୁ ସ୍ମାରକୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ପରେ 'ଆମ ଖାଦ୍ୟ ଆମ ସଂସ୍କୃତି' ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା । ଉପ ପରିବେଶ ଯନ୍ତ୍ରୀ ଇଂ ବିଜୟ ଭୋଇ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

## 'ବେଟି ବଚାଓ ବେଟି ପଢ଼ାଓ' ସମନ୍ୱୟ ବୈଠକ




ରାଉରକେଲା, ୨୨।୯ (ସମିସ): ସ୍ଥାନୀୟ ସଦ୍‌ଭାବନା ଭବନଠାରେ 'ବେଟି ବଚାଓ ବେଟି ପଢାଓ' ଅନ୍ତର୍ଭୁକ୍ତ ଜିଲ୍ଲାସ୍ତରୀୟ ସମନ୍ୱୟ ବୈଠକ ଓ 'ଶିଶୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ ଏବଂ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଫିସର ଉପସ୍ଥିତ ରହି ଆଲୋଚନା କରିଥିଲେ । ସେହିଭଳି ବାଲ୍ୟ ବିବାହ ପ୍ରତିରୋଧ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ତାହା ଉପରେ ମଧ୍ୟ ତଥ୍ୟ ଉପସ୍ଥାପନ କରାଯାଇଥିଲା । ଜିଲ୍ଲା ଶିକ୍ଷା ଅଧିକାରୀ ଛାତ୍ରୀମାନଙ୍କ ଶିକ୍ଷା ପାଇଁ କଣ କଣ ସୁବିଧା ସୁଯୋଗ ରହିଛି ଆଲୋଚନା କରିଥିଲେ । ସେହିପରି ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପୁଲିସ ବିଭାଗ, ଶ୍ରମ ବିଭାଗ ନିଜ ନିଜ ବିଭାଗରେ ଶିଶୁ ମାନଙ୍କ ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ଗ୍ରାମ ଶିଶୁ ସୁରକ୍ଷା କମିଟିର ନିୟମିତ ବୈଠକ, କିଶୋର ଟ୍ରାକିଙ୍ଗ ଖାତା ପୂରଣ, ଓ ବାଲ୍ୟ ବିବାହ ମୁକ୍ତ ଗ୍ରାମ ଓ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଘୋଷଣା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା ।

## ଟ୍ରେନ୍‌ରୁ ଚୋରି ଯାଇଥିବା ଯାତ୍ରୀଙ୍କ ସାମଗ୍ରୀ ଉଦ୍ଧାର; ଜଣେ ଗିରଫ



ରାଉରକେଲା, ୨୨।୯ (ସମିସ): ରାଉରକେଲା ରେଳ ଷ୍ଟେସନରେ ଜଣେ ଟ୍ରେନ୍ ଯାତ୍ରୀଙ୍କ ସାମଗ୍ରୀ ଚୋରି ମାମଲାରେ ଆର୍‌ପିଏଫ୍ ଫ୍ଲାଇଂ ସ୍କ୍ୱାଡ୍ ଏବଂ ସିଆଇବି/ସିକେପି ଟିମ୍ ମିଳିତ ଭାବେ ଜଣେ ଅଭିଯୁକ୍ତକୁ ଗିରଫ କରି ଚୋରି ସାମଗ୍ରୀ ଜବତ କରିଛନ୍ତି । ଏହି ଘଟଣାଟି ସେପ୍ଟେମ୍ବର ୨୧ରେ ଘଟିଥିଲା । ସୂଚନା ମୁତାବକ, କୋଲକାତା ବାସିନ୍ଦା ମାନସ ଦତ୍ତ(୪୭) ଗୀତାଞ୍ଜଳି ଏକ୍ସପ୍ରେସର ଏ-୨ କୋଚ୍‌ର ଯାତ୍ରା କରୁଥିଲେ । ରାଉରକେଲା ରେଳ ଷ୍ଟେସନରେ ସେ କିଛି ସମୟ ପାଇଁ ଶୌଚାଳୟକୁ ଯାଇଥିବା ବେଳେ ତାଙ୍କର ଏକ ଲେଦର ବ୍ୟାଗ୍ ଚୋରି ହୋଇଯାଇଥିଲା । ଉକ୍ତ ବ୍ୟାଗ୍‌ରେ ଦୁଇଟି ଲାପ୍‌ଟପ୍, ତିନୋଟି ମୋବାଇଲ୍ ଫୋନ୍, ପାସପୋର୍ଟ, ପାନ୍ କାର୍ଡ, ହାର୍ଡ ଡିସ୍କ, ମୂଲ୍ୟବାନ ଘଣ୍ଟା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଓ ଅନ୍ୟାନ୍ୟ ସାମଗ୍ରୀ ଥିଲା । ଅଭିଯୋଗ ମିଳିବା ପରେ ୪ ନମ୍ବର ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରାଯାଇ ଅଭିଯୁକ୍ତକୁ ଚିହ୍ନଟ କରାଯାଇଥିଲା । ଏହାପରେ ୨୨ ତାରିଖ ପୂର୍ବାହ୍ନ ସାଢେ ୧୦ଟରେ ଆର୍‌ପିଏଫ୍ ଫ୍ଲାଇଂ ସ୍କ୍ୱାଡ୍ ଏବଂ ସିଆଇବି/ସିକେପି ଟିମ୍ ରାଉରକେଲା ରେଳ ଷ୍ଟେସନର ୧ ନମ୍ବର ପ୍ଲାଟଫର୍ମ ସ୍ଥିତ ସିକେପି ପାଶ୍ୱର୍ ନିକଟରେ ଉକ୍ତ ସନ୍ଦିଗ୍ଧ ବ୍ୟକ୍ତିକୁ ଠାବ କରିଥିଲେ । ପଚରାଉଚରାବେଳେ ତାଙ୍କ ନାମ ଫରହାନ ତସିର ଖାନ (୩୯) ବୋଲି ଜଣାପଡିଥିଲା । ତଲାସୀ ବେଳେ ତା' ନିକଟରୁ ଗୀତାଞ୍ଜଳି ଏକ୍ସପ୍ରେସରୁ ଚୋରି ହୋଇଥିବା ବ୍ୟାଗ୍ ମିଳିଥିଲା । ଆରପିଏଫ୍ ସମସ୍ତ ଜବତ ସାମଗ୍ରୀ ସହିତ ଅଭିଯୁକ୍ତକୁ ରାଉରକେଲା ଜିଆରପି ଥାନାରେ ହାଜର କରିଥିଲେ । ଏହି ଘଟଣାରେ ରାଉରକେଲା ଜିଆରପି ପକ୍ଷରୁ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଜାରି ରହିଛି ।

## ଦ୍ୱିତୀୟ ପାଟୁଳି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; କେଏଫ୍‌ଏ ଚାମ୍ପିଅନ୍







କୋଇଡ଼ା, ୨୨।୯ (ସମିସ): କୋଇଡ଼ା ବ୍ଲକ ପାଟମୁଣ୍ଡା ପଞ୍ଚାୟତ ପାଟୁଳି ମିନି ଷ୍ଟାଡିୟମ୍‌ରେ ତିନିଦିନ ଧରି ଚାଲିଥିବା ଦ୍ୱିତୀୟ ପାଟୁଳି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ଜୟ ଯୋଡା ପାଟ(ଜେଜେପି) ପାଟୁଳି ୟୁଥ୍ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୩୨ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମୁକାବିଲା କେଏଫ୍‌ଏ ବନାମ୍ କଳମଙ୍ଗ ଆକାଶ ସଫ୍ଟି କ୍ଲବ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏଥିରେ କେଏଫ୍‌ଏ ୨-୦ ଗୋଲ୍‌ରେ ଜିତି ଚଳିତ ବର୍ଷର ଚାମ୍ପିଅନ୍ ଟାଇଟଲ୍ ହାସଲ କରିଛି ।

ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସମାଜସେବୀ କୁଶ ଆପଟ ଓ ଅନ୍ୟ ଅତିଥି ଗହଣରେ କୋଇଡା 'ଖ' ଜିଲ୍ଲା ପରିଷଦ ସଦସ୍ୟ ଇଂ ଅଶୋକ କୁମାର ନାଏକ, ପୂର୍ବତନ ବିଜେଡି ଜିଲ୍ଲା ସଭାପତି ତଥା ସରପଞ୍ଚ ଅବିନାଶ ସୁମନ ବାଗେ, ସମାଜସେବୀ ମହେଶ୍ୱର ଘଣ, ବୁଧୁ ପାତ୍ର, କରୁଣା କର ପାତ୍ର, ପ୍ରଫୁଲ ବାରିକ, ଦୀନବନ୍ଧୁ ନାଏକ ପ୍ରମୁଖ ଯୋଗଦେଇ ଚାମ୍ପିଅନ୍ ଦଳକୁ ୫୦ ହଜାର ନଗଦ ସହ ଟ୍ରଫି, ଉପବିଜେତା ଦଳକୁ ୩୦ ହଜାର ନଗଦ ସହ ଟ୍ରଫି, ତୃତୀୟ ସ୍ଥାନରେ ଥିବା ଦଳକୁ ୨୦ ହଜାର ନଗଦ ସହ ଟ୍ରଫି ଓ ଚତୁର୍ଥ ସ୍ଥାନରେ ଥିବା ଦଳକୁ ୧୦ ହଜାର ନଗଦ ସହ ଟ୍ରଫି ପ୍ରଦାନ କରିଥିଲେ । ଏହା ବ୍ୟତୀତ ଦୁଇ ଗୋଟି ମହିଳା ଦଳ ପକ୍ଷରୁ ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା । କ୍ଲବ୍ ପକ୍ଷରୁ ସଭାପତି ଚମ୍ପକ ନାଏକ ଓ ଅନ୍ୟାନ୍ୟ ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ ।

## ନୀଳାଚଳ ଯୁବ ପରିଷଦ ପକ୍ଷରୁ ଗଣେଶ ପୂଜାରେ ପ୍ରସାଦ ବଣ୍ଟନ



ରାଉରକେଲା, ୨୨।୯ (ସମିସ): ସ୍ଥାନୀୟ କୋଏଲନଗର ସ୍ଥିତ ସି-ବ୍ଲକ୍ ଠାରେ ନୀଳାଚଳ ଯୁବ ପରିଷଦ ପକ୍ଷରୁ ପ୍ରତିବର୍ଷ ପରି ଚଳିତବର୍ଷ ଗଣେଶ ପୂଜା ୪ ଦିନ ଧରି ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ସହ ପ୍ରସାଦ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କୁନି କୁନି ପିଲାମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଆକର୍ଷଣୀୟ ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା । ଦେବଦତ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ବିଜେଡି ନେତା ବୀରେନ ସେନାପତି ଓ ଦେବୁ କୁମାର ପ୍ରମୁଖ ଯୋଗ ଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ । ଏହି ଅବସରରେ ଶତାଧିକ ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରା ଯାଇଥିଲା ।

# ରାଉରକେଲାରେ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୭୧ ହଜାର ୨୧

ରାଉରକେଲା, ୨୨।୯ (ସମିସ)




ରାଉରକେଲା ଅତିରିକ୍ତ ଜିଲ୍ଲାପାଳ (ଏଡିଏମ୍)ଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଏହି ଅବସରରେ ଅନୁଷ୍ଠିତ ବୈଠକରେ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନେ ଉପସ୍ଥିତ ଥିଲେ । ରାଉରକେଲା ଅତିରିକ୍ତ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଦାୟିତ୍ୱରେ ଥିବା ଆର୍‌ଏମ୍‌ସି ଡେପୁଟି କମିଶନର ପଲ୍ଲବୀ ନାୟକ ପ୍ରକାଶିତ ଚୂଡ଼ାନ୍ତ ତାଲିକା ଅନୁସାରେ ବୀରମିତ୍ରପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଭୋଟର ତଥା ପୋଲିଂ ଷ୍ଟେସନ ସମ୍ପର୍କିତ ତଥ୍ୟ ଉପସ୍ଥାପନ କରିଥିଲେ । ରଘୁନାଥପାଲି ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୪୩ ହଜାର ୩୪୮ । ଏଥିରେ ୭୧ ହଜାର ୫୬୮ ପୁରୁଷ ଓ ୭୧ ହଜାର ୭୬୮ ଜଣ ମହିଳା ଏବଂ ୧୨ ଜଣ ତୃତୀୟ ଲିଙ୍ଗୀ ଭୋଟର ସାମିଲ ଅଛନ୍ତି । ସେହିପରି ପାନପୋଷ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ରାଉରକେଲା ଓ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପାଇଁ ଏସ୍‌ଆଇଆର୍-୨୦୨୬ ଅଧୀନରେ ଏହି ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବା ସହ ଭୋଟର ତାଲିକା ସଂଶୋଧନର ନିର୍ଦ୍ଧାରିତ ପର୍ଯ୍ୟାୟ ସଫଳତାର ସହ ସମାପ୍ତ ହୋଇଥିଲା । ପାନପୋଷ ଉପଜିଲ୍ଲାପାଳ ଚନ୍ଦ୍ରକାନ୍ତ ମଲ୍ଲିକ ଓ ଅତିରିକ୍ତ ଉପଜିଲ୍ଲାପାଳ ଚାନ୍ଦିନୀ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ କରିଥିଲେ ।

ଚୂଡ଼ାନ୍ତ ତାଲିକା ଅନୁସାରେ ରାଉରକେଲା ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟରଙ୍କ ସଂଖ୍ୟା ୧ ଲକ୍ଷ ୭୧ ହଜାର ୨୧ । ଏଥିରେ ୮୬ ହଜାର ୩୮୦ ଜଣ ପୁରୁଷ ରହିଥିବା ବେଳେ ୮୪ ହଜାର ୬୧୬ ଜଣ ମହିଳା ଏବଂ ୨୫ ଜଣ ତୃତୀୟ ଲିଙ୍ଗୀ ଭୋଟର ସାମିଲ ଅଛନ୍ତି । ସେହିପରି ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟରଙ୍କ ସଂଖ୍ୟା ହେଉଛି ୨ ଲକ୍ଷ ୩୦ ହଜାର ୫୯୧ । ଏଥିରେ ୧ ଲକ୍ଷ ୧୩ ହଜାର ୫୫୧ ଜଣ ପୁରୁଷ ରହିଥିବା ବେଳେ ୧ ଲକ୍ଷ ୧୭ ହଜାର ୦୩୧ ଜଣ ମହିଳା ଏବଂ ୯ ଜଣ ତୃତୀୟ ଲିଙ୍ଗୀ ଭୋଟର ସାମିଲ ଅଛନ୍ତି । ଏହି ଅବସରରେ ଡେପୁଟି କଲେକ୍ଟର ପ୍ରାରବ୍ଧା ବଡପଣ୍ଡା, ତହସିଲଦାର ସଲମା ମାଝୀ, ଡେପୁଟି କମିଶନର ଅନିତା ରାୟ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫତିମା ଏକ୍କା ଉପସ୍ଥିତ ଥିଲେ ।

## ବଣାଇଁରେ ୨ ଲକ୍ଷ ୧୮ ହଜାର ୩୮୬ ଭୋଟର



ବଣାଇଁ, ୨୨।୯ (ସମିସ): ବଣାଇଁ ନିର୍ବାଚନମଣ୍ଡଳୀର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି । ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ସହକାରୀ ଜିଲ୍ଲାପାଳ ସ୍ୱାଗତିକା ଦଳପତି ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ନିର୍ବାଚନ ମଣ୍ଡଳୀରେ ମୋଟ ଭୋଟରଙ୍କ ସଂଖ୍ୟା ୨ ଲକ୍ଷ ୧୮ ହଜାର ୩୮୬ରେ ପହଞ୍ଚିଥିବାବେଳେ ଏଥିରେ ୧ ଲକ୍ଷ ୭ ହଜାର ୪୫୭ ପୁରୁଷ, ୧ ଲକ୍ଷ ୧୦ ହଜାର ୯୦୮ ମହିଳା ଏବଂ ୨୧ ଜଣ ତୃତୀୟଲିଙ୍ଗୀ ଭୋଟର ଅଛନ୍ତି । ବଣାଇଁ ନିର୍ବାଚନମଣ୍ଡଳୀରେ ପୁରୁଷଙ୍କ ତୁଳନାରେ ମହିଳା ଭୋଟରଙ୍କ ସଂଖ୍ୟା ଅଧିକ ରହିଛି । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଅନିରୁଦ୍ଧ ତ୍ରିପାଠୀ, ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀ, ବିଜେପି ପକ୍ଷରୁ ହେମନ୍ତ କୁମାର ସାହୁ, କଂଗ୍ରେସ ତରଫରୁ ଟୋପି ଚନ୍ଦନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ସକାଳ
THE SAKALA

# ସମ୍ପାଦକୀୟ



ସ୍ୱାଧୀନତା ହେଉଛି ଆବଶ୍ୟକତାର ଚେତନା।
-କାର୍ଲମାର୍କସ୍

## ପୁଲିସ୍ ଓ ଶୃଙ୍ଖଳା

ସାଧାରଣତଃ ଆଇନ ଓ ଶୃଙ୍ଖଳା ପରି ଶବ୍ଦ ଉଚ୍ଚାରଣ ହେଲେ ସ୍ୱତଃ ପୁଲିସ୍‌ର ଚିତ୍ର ସ୍ମରଣକୁ ଆସିଯାଏ। ଆଇନ ଓ ଶୃଙ୍ଖଳା ବଜାୟ ରଖିବାରେ ପୁଲିସ ପ୍ରଶାସନ ଯେତିକି ଦାୟିତ୍ୱବଦ୍ଧ, ଖୋଦ୍ ଆଇନ ଓ ଶୃଙ୍ଖଳାର ଅନୁପାଳନ ପାଇଁ ମଧ୍ୟ ତତୋଧିକ ବାଧ୍ୟ। ପୁଲିସ ଓ ଶୃଙ୍ଖଳା ସହିତ ଜଡ଼ିତ ସେହିଭଳି ଏକ ଖବର ନିକଟରେ ପ୍ରକାଶ ପାଇଛି, ଯାହା ବିତର୍କ ସୃଷ୍ଟି କରିଛି। ପୁଲିସ୍ ବିଭାଗରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀମାନେ(ସଂକ୍ଷେପରେ ପୁଲିସ୍) କର୍ତ୍ତବ୍ୟ ସମ୍ପାଦନ ବେଳେ ବା ଡ୍ୟୁଟିରେ ଥିବା ବେଳେ ରିଲ୍ସ(ମୋବାଇଲ୍ ଫୋନ୍‌ରେ ଫଟୋ/ଭିଡିଓ ଚିତ୍ର ଉତ୍ତୋଳନ ଓ ଜାରି) କରିପାରିବେ ନାହିଁ ବୋଲି କମିଶନରେଟ୍ ପୁଲିସ୍ ନିଷେଧାଦେଶ ଜାରି କରିଛି। ପୁଲିସର ଏଭଳି କାର୍ଯ୍ୟକଳାପ ଯୋଗୁଁ ଅନେକ ସମୟରେ ଗୋପନୀୟ ତଥ୍ୟ ପ୍ରଘଟ ହୋଇଯିବାର ଆଶଙ୍କା ରହୁଛି ବୋଲି ଉକ୍ତ ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି।

ରିଲ୍ସ କରିବା ଆଜିକାଲିର ଏକ ରୁଚିରେ ପରିଣତ ହେଲାଣି। ପୁଲିସ ବିଭାଗରେ କାମ କରୁଥିବା ଅଧିକାରୀ ଓ କର୍ମଚାରୀମାନେ ମଧ୍ୟ ରକ୍ତମାଂସଧାରୀ ମଣିଷ। ତେଣୁ ସେମାନେ ନିଜକୁ ଏହି ଦୁର୍ବାର ଆକର୍ଷଣରୁ ଦୂରେଇ ରଖି ନ ପାରିବା ବଡ଼ କଥା ନୁହେଁ। ଏହି ପୃଷ୍ଠଭୂମିରେ କମିଶନରେଟ୍ ପୁଲିସର ଏତାଦୃଶ ଶୃଙ୍ଖଳାଗତ ନିର୍ଦ୍ଦେଶନାମା ବା ମାର୍ଗଦର୍ଶିକା ଅନେକଙ୍କୁ ଆଶ୍ଚର୍ଯ୍ୟ କରିପାରେ। ଏଥିରେ କମିଶନରେଟ ପୁଲିସ କର୍ମଚାରୀମାନେ ଅସନ୍ତୁଷ୍ଟ ହୋଇପାରନ୍ତି ଏବଂ କହିପାରନ୍ତି ଯେ ଏହା ସେମାନଙ୍କର ବ୍ୟକ୍ତିଗତ ବ୍ୟାପାରରେ ହସ୍ତକ୍ଷେପ। ମାନବାଧିକାର କର୍ମୀଙ୍କ ପାଇଁ ମଧ୍ୟ ଏହା ଏକ ଅଗ୍ରହଣୀୟ ନିଷ୍ପତ୍ତି ହୋଇପାରେ।

ପୁଲିସ୍ ଏକ ଶୃଙ୍ଖଳିତ ପେସାଦାର ବାହିନୀ ହୋଇଥିବାରୁ ଅନେକ ଚାକିରି ସର୍ତ୍ତାବଳୀ ଓ ଆଚରଣ ସଂହିତା ମାନିବାକୁ ସେମାନେ ସଂକଳ୍ପବଦ୍ଧ। ସେମାନଙ୍କ ବେଶ ପୋଷାକ, ପରିପାଟୀ, କେଶବିନ୍ୟାସ ନିୟମବନ୍ଧ। ଏହାର ମୁଖ୍ୟ କାରଣ ହେଲା ପୁଲିସ୍ ବାହିନୀ ବା ସଂପୃକ୍ତ ବିଭାଗ ପେସାଦାରୀ ଦୃଷ୍ଟିକୋଣକୁ ଗୁରୁତ୍ୱ ଦିଏ ଏବଂ ତଦନୁସାରେ ନିଜର କର୍ମଚାରୀଙ୍କୁ ଶୃଙ୍ଖଳିତ ରଖେ। ଏଥିରେ ବ୍ୟତିକ୍ରମ ବା ବିଭ୍ରାଟ ଘଟିଲେ ବୃତ୍ତିଗତ ଓ ନିରାପତ୍ତା ଜନିତ ବିପଦ ସୃଷ୍ଟି କରିପାରେ। ଗଣହିଂସା ଓ ଗଣ୍ଡଗୋଳ ସମୟରେ ଏହା ଆହୁରି ଜଟିଳ ସମସ୍ୟା ସୃଷ୍ଟି କରିବାର ଆଶଙ୍କା ରହିଛି। ଖାକି ପୋଷାକ ପିନ୍ଧିଥିବା ଜଣେ ପୁଲିସ ରିଲ୍ସ କରୁଥିବା ଦେଖିଲେ ସାଧାରଣ ଲୋକଙ୍କ ମନରେ ପୁଲିସ ପ୍ରଶାସନ ପ୍ରତି ଏକ ଅବାନ୍ତର ଭାବନା ସୃଷ୍ଟି ହେବ। ଏହାଦ୍ୱାରା ପୁଲିସ ବାହିନୀର ଛବି ମଳିନ ହେବାର ଆଶଙ୍କା ମଧ୍ୟ ରହିଛି। ଏହି କାରଣରୁ କିଛିମାସ ତଳେ କମିଶନରେଟ୍ ପୁଲିସ୍ ପକ୍ଷରୁ କାର୍ଯ୍ୟରତ କର୍ମଚାରୀଙ୍କୁ ଶରୀରରେ ଟାଟୁ କରିବାକୁ ବାରଣ କରାଯାଇଥିଲା।

ଏଠାରେ ଶିକ୍ଷକ ଓ ଛାତ୍ର ସମ୍ପର୍କକୁ ଉଦାହରଣ ରୂପେ ନିଆଯାଇପାରେ। ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ଶୃଙ୍ଖଳା ବଜାୟ ରଖିବା ପାଇଁ ଶିକ୍ଷକ ସବୁବେଳେ ତାଗିଦ କରନ୍ତି। ଉଚ୍ଛୃଙ୍ଖଳିତ ଛାତ୍ରଛାତ୍ରୀଙ୍କୁ ସାବାଡ଼ କରିବା ପାଇଁ ବେଳେ ବେଳେ ଶିକ୍ଷକ/ଶିକ୍ଷୟତ୍ରୀ ଦଣ୍ଡବିଧାନ କରିବାର ଦେଖାଯାଏ(ବିଦ୍ୟାଳୟ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା ହୋଇଥିଲେ ମଧ୍ୟ ଶିକ୍ଷକ/ଶିକ୍ଷୟତ୍ରୀମାନେ ବେତ ମୋହରୁ ନିଜକୁ ଦୂରେଇ ପାରିନାହାନ୍ତି)। କିନ୍ତୁ ଶିକ୍ଷକ ଯଦି ଉଚ୍ଛୃଙ୍ଖଳିତ ହୁଅନ୍ତି ତେବେ ତାଙ୍କୁ ଜଗିବ ବା ତାଗିଦ କରିବ କିଏ? ଯେଉଁ ଶିକ୍ଷାନୁଷ୍ଠାନରେ ଖୋଦ୍ ଶିକ୍ଷକ/ଶିକ୍ଷୟତ୍ରୀ ଉଚ୍ଛୃଙ୍ଖଳିତ ସେହି ପରିବେଶରେ ବଢୁଥିବା ଛାତ୍ରଛାତ୍ରୀ ଅସାମାଜିକ ହେବା ନିଶ୍ଚିତ। ତେଣୁ ମଣିଷ ଶରୀରଧାରୀ ହେଲେ ମଧ୍ୟ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଅନେକ ସମୟରେ ନିଜ ଆବେଗକୁ ଯଥାସମ୍ଭବ ନିୟନ୍ତ୍ରଣରେ ରଖି ସଂଯମ ଓ ଶୃଙ୍ଖଳାର ଆଦର୍ଶ ସୃଷ୍ଟି କରିବାକୁ ହୁଏ। ପୁଲିସ ପାଇଁ ମଧ୍ୟ ଉପରୋକ୍ତ ଯୁକ୍ତି ପ୍ରଯୁଜ୍ୟ।

ଏହି ଆଲୋଚନା ପ୍ରସଙ୍ଗରେ ମନସ୍ତତ୍ତ୍ୱବିତ୍‌ଙ୍କ ଯୁକ୍ତିକୁ ଅଣଦେଖା କରାଯାଇ ନ ପାରେ। ସେମାନଙ୍କ ଯୁକ୍ତି ଅନୁଯାୟୀ ମାତ୍ରାଧିକ ଶୃଙ୍ଖଳା ବା ବେଡ଼ି ମନ ଓ ମସ୍ତିଷ୍କକୁ ଉତ୍‌କ୍ଷିପ୍ତ ଓ ବିଦ୍ରୋହୀ କରିପାରେ। ଏପରିକି ପୁଲିସ ଚାକିରି ପ୍ରତି ଆଦର ଓ ଆକର୍ଷଣ ହ୍ରାସ ପାଇପାରେ। ଆଜିର ସମୟରେ ଅପରାଧ, ଆଇନ ଶୃଙ୍ଖଳା, ଭିଭିଆଇପି ସୁରକ୍ଷା ଚିନ୍ତା ବଢ଼ିବା ସହିତ ପୁଲିସ ଉପରେ ଚାପ ବଢ଼ିବାରେ ଲାଗିଛି। ଅପରପକ୍ଷରେ ପୁଲିସ ବିଭାଗରେ ମାନବ ସମ୍ବଳ ଆନୁପାତିକ ଭାବେ ବୃଦ୍ଧି ଘଟୁନାହିଁ। ତେଣୁ ପୁଲିସ ବାହିନୀ ଅତ୍ୟଧିକ ମାନସିକ ଚାପରେ ରହୁଛନ୍ତି। ସେମାନେ ଯଦି କେତେବେଳେ କେମିତି କାର୍ଯ୍ୟଚାପ ହ୍ରାସ କରିବା କିମ୍ବା ବିନୋଦନ ପାଇଁ ରିଲ୍ସ କରି ମନକୁ ହାଲ୍‌କା କରିପାରୁଛନ୍ତି ସେଥିରେ ଆପତ୍ତି କାହିଁକି? ଆମ ବିଚାରରେ ଏ ସମ୍ପର୍କରେ ମାର୍ଗଦର୍ଶିକା/ନିର୍ଦ୍ଦେଶାବଳୀ ଜାରି କରିବା ପୂର୍ବରୁ ମନସ୍ତତ୍ତ୍ୱବିତ୍‌ମାନଙ୍କ ପରାମର୍ଶ ନେବା ସହିତ କର୍ମଚାରୀଙ୍କ ସହିତ ଆଲୋଚନା କରିଥିଲେ ଅଧିକ ଭଲ ହୋଇଥା'ନ୍ତା।

# ଓଡ଼ିଶାରେ ଭୋଟର-ବିରୋଧୀ ପ୍ରକ୍ରିୟା

**ଡ. ଅଜିତ କୁମାର ମିଶ୍ର**

ଗଣତନ୍ତ୍ରରେ ଭୋଟଦାନ ନାଗରିକର ମୌଳିକ ଅଧିକାର। ତେଣୁ ସ୍ୱାଧୀନତା ପରେ ଭାରତ ସ୍ତ୍ରୀ-ପୁରୁଷ, ଧନୀ-ଗରିବ ନିର୍ବିଶେଷରେ ସବୁ ସାବାଳକଙ୍କୁ ଭୋଟ ଅଧିକାର ଦେଇଆସିଛି। ଭୋଟଦାନ ପାଇଁ ସଠିକ ଭୋଟର ତାଲିକା ପ୍ରସ୍ତୁତି ଗୁରୁତ୍ୱପୂର୍ଣ୍ଣ। ତେଣୁ ପ୍ରତିବର୍ଷ ଦୁଇ ଥର ଭୋଟର ତାଲିକାର ସଂଶୋଧନ ଏକ ସ୍ୱାଭାବିକ ପ୍ରକ୍ରିୟା। ଏହାର ମୂଳ ଲକ୍ଷ୍ୟ ନୂଆ ଭୋଟରଙ୍କୁ ସାମିଲ କରିବା। ଏହି ପ୍ରକ୍ରିୟାରେ ମୃତଲୋକଙ୍କୁ ମଧ୍ୟ ବାଦ ଦିଆଯାଇଥାଏ। ତେବେ ପ୍ରଶ୍ନ ଉଠୁଛି ସାଧାରଣରେ ଏହା ବିଶେଷ ଆଲୋଚ୍ୟ ବିଷୟ ହୋଇ ନ ଥିବା ବେଳେ ବର୍ତ୍ତମାନର ସ୍ୱତନ୍ତ୍ର ସଘନ ସଂଶୋଧନ(SIR) ଜନସାଧାରଣଙ୍କ ଭିତରେ କାହିଁକି ଆଶଙ୍କା ସୃଷ୍ଟି କରିଛି? ଭାରତର ନିର୍ବାଚନ କମିଶନଙ୍କ SIRକୁ ନେଇ ବିରୋଧୀଦଳ ଓ ସାଧାରଣ ଜନତା କାହିଁକି ସନ୍ଦୀହାନ? ଭାରତର ଜନସଂଖ୍ୟାରେ ବୃଦ୍ଧି ଘଟୁଥିବା ବେଳେ ଭୋଟର ତାଲିକାରେ ତା'ର ପ୍ରତିଫଳନ କାହିଁକି ହେଉନାହିଁ? ଜଣେ ବୟସ୍କ ଭାରତୀୟ ନାଗରିକ ଯେପରି ମତାଧିକାରରୁ ବଞ୍ଚିତ ନ ହୁଏ, ତାହା ନିଶ୍ଚିତ କରିବା ଏହାର ଲକ୍ଷ୍ୟ। କିନ୍ତୁ SIR ଆଇନଗତ ହେଲେ ମଧ୍ୟ ନ୍ୟାୟସଙ୍ଗତ ଥିଲା ଭଳି ପ୍ରତୀୟମାନ ହୁଏ ନାହିଁ। ଓଡ଼ିଶା ପରିପ୍ରେକ୍ଷୀରେ ପ୍ରାୟ ୨୦ ଲକ୍ଷରୁ ଊର୍ଦ୍ଧ୍ୱ ସଂଖ୍ୟକ ଭୋଟର ବାଦ୍ ପଡ଼ିବା ତା'ର ଜ୍ୱଳନ୍ତ ନମୁନା କହିଲେ ଅତ୍ୟୁକ୍ତି ହେବ ନାହିଁ।

ଭାରତର ନିର୍ବାଚନ କମିଶନ ସମ୍ବିଧାନର ଧାରା ୩୨୪ ଅନୁଯାୟୀ, ୨୦୦୨ ମସିହା ପରଠାରୁ ଓଡ଼ିଶାରେ ଭୋଟର ତାଲିକାର ପ୍ରଥମ SIR ପ୍ରକ୍ରିୟା ସମ୍ପନ୍ନ କରିଛନ୍ତି। ୪୫,୨୫୦ ଜଣ ବୁଥ୍ ସ୍ତରୀୟ ଅଧିକାରୀଙ୍କୁ ନେଇ ୩୦ ମେ'ରୁ ୨୮ ଜୁନ୍ ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ତଥ୍ୟ ସଂଗ୍ରହ ଅଭିଯାନ ପରେ ୫ ଜୁଲାଇ ୨୦୨୬ରେ ୩,୧୩,୮୭,୦୩୪ ଜଣ ଭୋଟରଙ୍କୁ ନେଇ ଚିଠା ଭୋଟର ତାଲିକା ପ୍ରକାଶ ପାଇଥିଲା। ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମା ବୃଦ୍ଧି କରାଯିବା ପରେ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରିଛନ୍ତି। ଏଥିରେ ୩,୧୬,୩୨,୭୫୪ ଜଣ ଭୋଟରଙ୍କ ନାମ ସ୍ଥାନ ପାଇଛି, ଯାହା ଖସଡ଼ା ତାଲିକା ତୁଳନାରେ ୨,୪୫,୭୨୦ ଅଧିକ ଅଛି; ତଥାପି ଏହା SIR ପୂର୍ବର ୩,୩୩,୯୯,୫୯୧ ସଂଖ୍ୟକ ଭୋଟରଙ୍କ ତାଲିକା ତୁଳନାରେ ପ୍ରାୟ ୧୭.୬୭ ଲକ୍ଷ କମ୍ ପରିଲକ୍ଷିତ ହୋଇଛି।

ଐତିହାସିକ ତଥ୍ୟରୁ ଜଣାପଡ଼େ ଯେ ବାର୍ଷିକ ସଂକ୍ଷିପ୍ତ ସଂଶୋଧନ ପ୍ରକ୍ରିୟାରେ ସାଧାରଣତଃ ୨ ରୁ ୪ ଲକ୍ଷ ନାମ ବାଦ୍ ପଡ଼ିଥାଏ, ଯାହାର ମୁଖ୍ୟ କାରଣ ହେଉଛି ମୃତ୍ୟୁଜନିତ। ତଥାପି ଜୁନ୍ ୨୦୨୫ରୁ ମାର୍ଚ୍ଚ ୨୦୨୬ ମଧ୍ୟରେ ୭,୬୮,୫୨୧ଟି ନାମ ବାଦ୍ ଦିଆଯାଇଥିଲା ଏବଂ ପରବର୍ତ୍ତୀ SIR ଗଣନା ପର୍ଯ୍ୟାୟ (ମେ-ଜୁନ୍ ୨୦୨୬)ରେ ପୂର୍ବ SIR ତାଲିକାରୁ ୨,୦୧,୨,୫୫୭ଟି ନାମ ବାଦ୍ ଦିଆଯାଇଥିଲା। ସାଧାରଣ ସଂଶୋଧନ ପ୍ରକ୍ରିୟାଠାରୁ ଭିନ୍ନ, 'ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ' (SSR) ପ୍ରକ୍ରିୟା ସମୟରେ ଗ୍ରାମାଞ୍ଚଳର ଭୋଟରମାନଙ୍କୁ ସହାୟତା କରିବା ପାଇଁ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କୁ ଘରକୁ ଘର ଯାଇ ଓଡ଼ିଆ ଭାଷାରେ ଫର୍ମ ଯୋଗାଇବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଲକ୍ଷ୍ୟ କରାଯାଇଥିଲା ଯେ BLO ମାନଙ୍କ ପରିବର୍ତ୍ତେ ଭୋଟରମାନେ ହିଁ ପ୍ରାୟତଃ ସେମାନଙ୍କ ସହ ଯୋଗାଯୋଗ କରୁଥିଲେ। ଏହାବ୍ୟତୀତ, ଭୋଟରମାନଙ୍କୁ ସେମାନଙ୍କର ତଥ୍ୟ ସଂଗ୍ରହ ଫର୍ମର ଏକ ନକଲ ପ୍ରଦାନ କରିବାର ବାଧ୍ୟତାମୂଳକ ନିୟମକୁ ମଧ୍ୟ ବହୁଳ ଭାବରେ ଅଣଦେଖା କରାଯାଇଥିଲା। ଯାଞ୍ଚ ପ୍ରକ୍ରିୟା ସମୟରେ ଶାସକ ଦଳର ପ୍ରତିନିଧିମାନଙ୍କ ଉପସ୍ଥିତି ଏବଂ ହସ୍ତକ୍ଷେପ ନେଇ ମଧ୍ୟ ଚିନ୍ତା ପ୍ରକାଶ ପାଇଥିଲା, ଯାହାକୁ ନେଇ ବିରୋଧୀ ଦଳଗୁଡ଼ିକ ବିଭିନ୍ନ ସମୟରେ ଆପତ୍ତି ଉଠାଇଥିଲେ।

ବର୍ତ୍ତମାନର ଏହି ପ୍ରକ୍ରିୟାର ଲକ୍ଷ୍ୟ ଥିଲା ବନାନ, ବୟସ ଏବଂ ପିତାମାତାଙ୍କ ନାମ ସମ୍ବନ୍ଧୀୟ ତ୍ରୁଟିଗୁଡ଼ିକୁ ସୁଧାରିବା। ୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରୁଥିବା ନୂତନ ଭୋଟରମାନଙ୍କୁ 'ଫର୍ମ-୬' ମାଧ୍ୟମରେ ପଞ୍ଜୀକୃତ କରାଯିବାର ଥିଲା। ନାମ କିମ୍ବା ବୟସରେ ଥିବା ସାମାନ୍ୟ ମୁଦ୍ରଣ ଜନିତ ତ୍ରୁଟି ପାଇଁ ସମ୍ପୃକ୍ତ କ୍ଷେତ୍ର ସ୍ତରୀୟ ପଞ୍ଜୀକରଣ ଅଧିକାରୀ ( ERO/AERO) ଦ୍ୱାରା ଭୋଟରଙ୍କ ନାମ ସିଧାସଳଖ ବାଦ୍ ଦିଆଯିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଏଭଳି ଭୋଟରଙ୍କ ନାମ ତାଲିକାରୁ ହଟିଯିବାର ଆଶଙ୍କା ରହିଥିଲା। ଶୁଣାଣି ପରେ ୨୪,୦୭୦ ଜଣଙ୍କ ନାମ ବାଦ୍ ଦିଆଯିବା ଏବଂ ତଥ୍ୟଗତ ଅସଙ୍ଗତି ପାଇଁ ୪୫,୩୭,୬୧୩ଟି ନୋଟିସ୍ ଜାରି କରାଯିବା ଘଟଣା ସେହି ଆଶଙ୍କାକୁ ଦୂର କରିବାରେ ବିଶେଷ ସହାୟକ ହୋଇପାରିନାହିଁ।

ରେସ୍ନାଲାଇଜେସନ୍ ନାମରେ ପ୍ରତ୍ୟେକ ବୁଥ୍‌ରେ ଭୋଟର ସଂଖ୍ୟା ୧,୨୦୦ ମଧ୍ୟରେ ସୀମିତ ରଖିବା ପାଇଁ ୧୪୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ କେନ୍ଦ୍ର ସଂଖ୍ୟାକୁ ୩୮,୧୨୩ରୁ ୪୫,୨୫୦କୁ SIR ପ୍ରକ୍ରିୟା ଚାଲିଥିବା ମଧ୍ୟବର୍ତ୍ତୀକାଳୀନ ମଧ୍ୟରେ ବୃଦ୍ଧି କରାଯାଇଥିଲା। ଏହା ଯୋଗୁଁ ବ୍ୟାପକ ପ୍ରକ୍ରିୟାଗତ ସମସ୍ୟା ସୃଷ୍ଟି ହୋଇଥିଲା। କାରଣ ରାଜନୈତିକ ଦଳଗୁଡ଼ିକ ଭୋଟରଙ୍କ ସ୍ଥାନାନ୍ତରଣକୁ ଚିହ୍ନଟ କରିବାରେ କିମ୍ବା 'ବୁଥ୍ ସ୍ତରୀୟ ଏଜେଣ୍ଟ' (BLA) ମାନଙ୍କୁ ସମୟସୀମା ମଧ୍ୟରେ ପ୍ରଭାବଶାଳୀ ଭାବେ ନିୟୋଜିତ କରିବାରେ ଅସମର୍ଥ ହୋଇଥିଲେ। ଅଫିସିଆଲ୍ ୱେବସାଇଟରେ BLA ତାଲିକା ପ୍ରକାଶ ନ କରିବା କିମ୍ବା ସମ୍ପୃକ୍ତ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ERO) ଙ୍କୁ ଠିକ୍ ସମୟରେ ଅବଗତ ନ କରାଇବା ଯୋଗୁଁ ପ୍ରଶାସନିକ ସ୍ତରରେ ବଡ଼ ଧରଣର ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା। ଚିଠା ତାଲିକାରୁ ବାଦ୍ ପଡ଼ିଥିବା ପ୍ରକୃତ ଭୋଟରମାନେ 'ଦାବି ଓ ଆପତ୍ତି' ଦାଖଲ ଅବଧି (ଜୁଲାଇ ୫ ରୁ ଅଗଷ୍ଟ ୧୯) ମଧ୍ୟରେ ଫର୍ମ-୬ ଦାଖଲ କରିପାରିବେ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ଯେଉଁ ସ୍ପଷ୍ଟୀକରଣ ଦେଇଥିଲେ, ତାହା ଅନାବଶ୍ୟକ ବୋଲି ବିବେଚନା କରାଯାଇଥିଲା।

ତଥ୍ୟ ସଂଗ୍ରହ ବା ଗଣନା ପର୍ଯ୍ୟାୟରେ ୨୦ ଲକ୍ଷରୁ ଅଧିକ ଭୋଟରଙ୍କ ନାମ ବ୍ୟାପକ ଭାବେ ବାଦ୍ ଦିଆଯିବା ଘଟଣା ବିଶେଷକରି ପ୍ରବାସୀ ଶ୍ରମିକ ଏବଂ ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ବ୍ୟାପକ ଚିନ୍ତା ଓ ଅସନ୍ତୋଷ ସୃଷ୍ଟି କରିଥିଲା। ଏହା ମଧ୍ୟ ଆଶଙ୍କା ରହିଥିଲା ଯେ ଗଣନା ସମୟରେ ଉପସ୍ଥିତ ନ ଥିବା ବୟସ୍କ ଭୋଟରମାନେ ବାଦ୍ ପଡ଼ିଯାଇଥାଇପାରନ୍ତି। ରାଜନୈତିକ ଦଳଗୁଡ଼ିକୁ ଅନୁପସ୍ଥିତ, ସ୍ଥାନାନ୍ତରିତ, ମୃତ, ଦ୍ୱିତୀୟ ଥର ପଞ୍ଜୀକୃତ ସ୍ଥାନଗୁଡ଼ିକରେ ପହଞ୍ଚିବାରେ ଅସୁବିଧା ଏବଂ ଭୁଲ୍‌ବଶତଃ 'ଅନୁପସ୍ଥିତ' ବୋଲି ଚିହ୍ନଟ କରିବା ଭଳି ପ୍ରକ୍ରିୟାଗତ ଆହ୍ୱାନ ଯୋଗୁଁ ବ୍ୟାପକ ଚାପ ସୃଷ୍ଟି ହୋଇଥିଲା। ଏହା ଫଳରେ ଯୁକ୍ତିଯୁକ୍ତ ଅସଙ୍ଗତି (logical discrepancies) ପାଇଁ ଚିହ୍ନଟ ହୋଇଥିବା ୪୫,୩୭,୬୧୩ ଜଣ ଭୋଟରଙ୍କ ତଥ୍ୟରେ ଅଶୁଦ୍ଧତା ରହିବାର ଆଶଙ୍କା ବୃଦ୍ଧି ପାଇଥିଲା। ଯେଉଁ ଭୋଟରମାନଙ୍କ ନାମ ୨୦୦୨ ମସିହାର ରେକର୍ଡରେ ନାହିଁ କିମ୍ବା ଯେଉଁମାନେ ଜୁନ୍ ୨୮ ସୁଦ୍ଧା ଗଣନା ଫର୍ମ ଦାଖଲ କରିପାରି ନାହାନ୍ତି, ସେମାନଙ୍କୁ 'ଦାବି ଓ ଆପତ୍ତି' ସମୟରେ ଫର୍ମ-୬ ଏବଂ ଏକ ଘୋଷଣାନାମା ଦାଖଲ କରିବାକୁ ପଡ଼ିଥିଲା। ଦିନମଜୁରିଆ ଶ୍ରମିକମାନଙ୍କ ପାଇଁ ଏହା ଏକ ପ୍ରକାର ଜଟିଳ ହୋଇଥିଲା।

୩୦ ଦିନ ମଧ୍ୟରେ ୪୫,୨୫୦ଟି ମତଦାନ କେନ୍ଦ୍ରରେ ୩.୩୪ କୋଟି ଭୋଟରଙ୍କ ଯାଞ୍ଚ ପ୍ରକ୍ରିୟା ସମ୍ପାଦନ କରିବା ନିଶ୍ଚିତଭାବେ ଏକ ବିରାଟ ପରିଚାଳନାଗତ ଆହ୍ୱାନ ଥିଲା। ଫଳସ୍ୱରୂପ, ତ୍ରୁଟିପୂର୍ଣ୍ଣ ତଥ୍ୟ ଥିବା ଚିହ୍ନଟ ହୋଇଥିବା ୪୫,୩୭,୬୧୩ ଜଣ ଭୋଟରଙ୍କ ତଥ୍ୟରେ ଅମେଳ ରହିବାର ଆଶଙ୍କା ବୃଦ୍ଧି ପାଇଥିଲା। 'ଦାବି ଓ ଆପତ୍ତି' ଦାଖଲର ଶେଷ ତାରିଖକୁ ଅଗଷ୍ଟ ୪ରୁ ଅଗଷ୍ଟ ୧୯କୁ ଘୁଞ୍ଚାଇବା ଏବଂ ଚୂଡ଼ାନ୍ତ ତାଲିକା ପ୍ରକାଶନ ତାରିଖରେ ପରିବର୍ତ୍ତନ କରିବା ସୂଚିତ କରେ ଯେ 'ସ୍ୱତନ୍ତ୍ର ସଘନ ସଂଶୋଧନ' ପ୍ରକ୍ରିୟାଟି ତରବରିଆ ଭାବେ କାର୍ଯ୍ୟକାରୀ କରାଯାଇଥିଲା ଭଳି ମନେ ହୁଏ। ସ୍ଥାନାନ୍ତରିତ କିମ୍ବା ଅନୁପସ୍ଥିତ ଭୋଟରଙ୍କ କ୍ଷେତ୍ରରେ ବୁଥ୍‌ସ୍ତରୀୟ ଅଧିକାରୀ ଏବଂ ଅନୁମୋଦିତ ରାଜନୈତିକ ଦଳର ବୁଥ୍‌ସ୍ତରୀୟ ଏଜେଣ୍ଟଙ୍କ ଦ୍ୱାରା ମିଳିତ ଯାଞ୍ଚ ପାଇଁ ନିୟମାବଳୀ ଥିବା ସତ୍ତ୍ୱେ ପ୍ରକ୍ରିୟାଗତ କ୍ଷେତ୍ରରେ ବ୍ୟାପକ ବିଚ୍ୟୁତି ଘଟିଥିବା ସୂଚନା ମିଳିଛି। ଭୋଟରଙ୍କ ନାମ ହଟାଇବା ପାଇଁ ବହୁ ସଂଖ୍ୟାରେ ଫର୍ମ-୭ ଦାଖଲ କରିବାକୁ ସଂପୃକ୍ତ ପଞ୍ଜୀକରଣ ଅଧିକାରୀମାନଙ୍କୁ ବାଧ୍ୟ କରାଯାଇଥିବା ନେଇ ଅଭିଯୋଗ ରହିଛି। କେବଳ ଦାବି ଓ ଆପତ୍ତି ଦାଖଲ ସମୟରେ ହିଁ ଏଭଳି ୨୦,୭୦୭ଟି ଫର୍ମ-୭ ମାଧ୍ୟମରେ ନାମ ହଟାଇବା ଘଟଣା ରେକର୍ଡ କରାଯାଇଥିଲା।

୨୦୨୯ ସୁଦ୍ଧା ଏକ ଯାଞ୍ଚକୃତ ଓ ସଠିକ୍ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ଅନ୍ତର୍ଭୁକ୍ତୀକରଣକୁ ପ୍ରାଥମିକତା ଦେବା ଅତ୍ୟନ୍ତ ଜରୁରୀ; ଏଥିରେ ବିଫଳ ହେଲେ ଯୋଗ୍ୟ ଭୋଟରମାନେ ଭୋଟ୍ ଅଧିକାରରୁ ବଞ୍ଚିତ ହେବାର ଆଶଙ୍କା ରହିଛି। 'ସମସ୍ତେ ଭୋଟ ଦେବାକୁ ପଡ଼ିବ' ଠାରୁ 'ଶୁଦ୍ଧତା ପରୀକ୍ଷାରେ ପାସ୍ ନ କଲେ କେହି ଭୋଟ ଦେଇ ପାରିବେନାହିଁ' - ନିଶ୍ଚିତଭାବେ ଏକ ଉଦବେଗଜନକ ଓ ଚିନ୍ତାର ବିଷୟ। ଏଠାରେ ସ୍ୱାଭାବିକ ଭାବରେ ସାଧାରଣ ନାଗରିକଙ୍କ ମନରେ ପ୍ରଶ୍ନ ଆସେ ଯେ, ବାଦ୍‌ପଡ଼ିଥିବା ଭୋଟରଙ୍କୁ ତାଲିକାଭୁକ୍ତ କରିବା ଲାଗି କ'ଣ ଆହୁରି ନ୍ୟାୟପାଳିକାର ସହାୟତା ଆବଶ୍ୟକ? ଯେଉଁ ଭାଟରମାନେ ଏହି ଜଟିଳ ପ୍ରକ୍ରିୟା ସହ ଅଭ୍ୟସ୍ତ ନୁହନ୍ତି, ସେମାନେ ପଞ୍ଜିକୃତ କରିବା ପାଇଁ କାହା ଦ୍ୱାର ଖଟ୍ ଖଟ୍ କରିବେ? ବାଦ୍ ପଡ଼ିଥିବା ଭୋଟର କ'ଣ ଅଣନାଗରିକ? ଯଦି ନୁହେଁ, ତେବେ ଭୋଟ୍ ଦେବା ଅଧିକାରରୁ ସେମାନେ କାହିଁକି ବଂଚିତ ହେବେ ? ଆମର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ପରିସ୍ଥିତି ଉପରେ ଏହାର ପ୍ରଭାବ କ'ଣ ହେବ? ଦେଶ ପ୍ରତି ସେମାନେ ଭାବାତ୍ମକ ଭାବରେ ଯୋଡ଼ି ହୋଇ ରହି ପାରିବେ ତ? ଏହିସବୁ ପ୍ରଶ୍ନ ସାଧାରଣ ନାଗରିକମାନଙ୍କ ମନରେ ଉଙ୍କିମାରିବା ସ୍ୱାଭାବିକ।

ପୂର୍ବତନ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ

# ବାଲ୍ୟ ବିବାହମୁକ୍ତ ସମାଜ: ଘୋଷଣା ନୁହେଁ, ସାମୂହିକ ସଂକଳ୍ପର ଆହ୍ୱାନ

**ଡା. ରାଜାରାମ ଷଡ଼ଙ୍ଗୀ**

ଯେଉଁ ବୟସରେ ହାତରେ ବହି ରହିବା କଥା, ସେହି ହାତରେ ଯଦି ବିବାହର ଶଙ୍ଖା-ସିନ୍ଦୂର ପିନ୍ଧାଇ ଦିଆଯାଏ, ତେବେ ତାହାକୁ ପରମ୍ପରା କହିବା ନା ସାମାଜିକ ଅନ୍ୟାୟ? ଯେଉଁ ବୟସରେ ଜଣେ ଶିଶୁ ନିଜ ଭବିଷ୍ୟତର ସ୍ୱପ୍ନ ଦେଖିବା କଥା, ସେହି ବୟସରେ ତାଙ୍କ ଉପରେ ବୈବାହିକ ଜୀବନର ଦାୟିତ୍ୱ ଲଦିଦେବା କୌଣସି ସଭ୍ୟ ସମାଜର ଗୌରବ ହୋଇପାରେ ନାହିଁ। ବାଲ୍ୟ ବିବାହ କେବଳ ଗୋଟିଏ ଆଇନ ଭଙ୍ଗର ଘଟଣା ନୁହେଁ; ଏହା ଏକ ଶିଶୁର ଶୈଶବ, ଶିକ୍ଷା, ସ୍ୱାଧୀନତା, ସୁରକ୍ଷା, ସମ୍ମାନ ଓ ଭବିଷ୍ୟତ ଉପରେ ଆଘାତ। ତେଣୁ ବାଲ୍ୟ ବିବାହ ବିରୋଧରେ ଲଢ଼େଇ କେବଳ ଆଇନର ଲଢ଼େଇ ନୁହେ - ଏହା ମାନବିକତାର ଲଢ଼େଇ, ଅଧିକାରର ଲଢ଼େଇ ଏବଂ ଆମ ସାମାଜିକ ବିବେକର ପରୀକ୍ଷା।

ବାଲ୍ୟ ବିବାହ ବିରୋଧରେ ଆଇନ ରହିଛି। ସରକାରୀସ୍ତରରେ ଅନେକ ଅଭିଯାନ ଚାଲିଛି। 'ବାଲ୍ୟ ବିବାହ ମୁକ୍ତ ଭାରତ' ଭଳି ଜାତୀୟ ଅଭିଯାନ ମଧ୍ୟ ଆରମ୍ଭ ହୋଇଛି। ତଥାପି ସାମାଜିକ ବାସ୍ତବତାରେ ଏହି କୁପ୍ରଥା ସମ୍ପୂର୍ଣ୍ଣ ଦୂର ହୋଇନାହିଁ। ଏହାର ମୂଳରେ



ରହିଛି ଦାରିଦ୍ର୍ୟ, ଅଶିକ୍ଷା, ଲିଙ୍ଗଭିତ୍ତିକ ଅସମାନତା, ସାମାଜିକ ଚାପ, ପରମ୍ପରାର ଭୁଲ ବ୍ୟାଖ୍ୟା ଏବଂ ଶିଶୁଙ୍କ ଅଧିକାର ସମ୍ପର୍କରେ ଅଜ୍ଞତା। ବିଶେଷକରି ଗ୍ରାମାଞ୍ଚଳରେ ଏହି ସମସ୍ୟାର ମୁକାବିଲା ପାଇଁ କେବଳ ସରକାରୀ ଅଧିକାରୀଙ୍କ ଉପରେ ନିର୍ଭର କଲେ ହେବ ନାହିଁ। ପଞ୍ଚାୟତିରାଜ ପ୍ରତିନିଧି, ଶିକ୍ଷକ, ଅଙ୍ଗନବାଡ଼ି କର୍ମୀ, ଆଶା କର୍ମୀ, ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଯୁବଗୋଷ୍ଠୀ, ଶିଶୁ ସୁରକ୍ଷା କମିଟି, ପୁଲିସ, ସ୍ୱେଚ୍ଛାସେବୀ ସଂଗଠନ ଓ ସାଧାରଣ ନାଗରିକ ସମସ୍ତଙ୍କୁ ଏହି ଲଢ଼େଇର ଅଂଶୀଦାର ହେବାକୁ ପଡ଼ିବ।

ଏଠାରେ ସବୁଠାରୁ ବଡ଼ ପ୍ରଶ୍ନ ହେଉଛି ଆମେ ବାଲ୍ୟ ବିବାହ ହେବା ପରେ ହସ୍ତକ୍ଷେପ କରିବୁ, ନା ବିବାହ ହେବା ପୂର୍ବରୁ ତାହାକୁ ରୋକିବୁ? ଏହି ଦୃଷ୍ଟିକୋଣରେ ପରିବର୍ତ୍ତନ ଅତ୍ୟନ୍ତ ଜରୁରୀ। ଏକ ଶିଶୁର ବିବାହ ରୋକିବା ନିଶ୍ଚିତ ଭାବେ ଏକ ସଫଳତା\ କିନ୍ତୁ ଏପରି ପରିସ୍ଥିତି ହିଁ କାହିଁକି ସୃଷ୍ଟି ହେଲା, ତାହାର ସାମାଜିକ କାରଣ ଦୂର କରିବା ତା'ଠାରୁ ବଡ଼ ଦାୟିତ୍ୱ। ଶିଶୁଙ୍କୁ କେବଳ 'ସୁରକ୍ଷାର ଅଧିକାରୀ' ଭାବେ ନୁହେଁ, ନିଜ ଜୀବନ ସମ୍ପର୍କରେ ମତ ରଖିବାର ଅଧିକାର ଥିବା ମଣିଷ ଭାବେ ଦେଖିବାକୁ ପଡ଼ିବ। ତାଙ୍କ ଶିକ୍ଷା ଜାରି ରହୁ, ସେମାନେ ନିଜ ଦକ୍ଷତା ବିକଶିତ କରନ୍ତୁ, ନିଜ ଭବିଷ୍ୟତ ସମ୍ପର୍କରେ ସ୍ୱପ୍ନ ଦେଖନ୍ତୁ, ଏହା ହିଁ ଏକ ସୁସ୍ଥ ସମାଜର ପରିଚୟ।

ଏହି ଅଭିଯାନରେ ଅଭିଭାବକଙ୍କ ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। 'ଝିଅକୁ ଶୀଘ୍ର ବିବାହ ଦେଇଦେଲେ ଦାୟିତ୍ୱ ସରିଗଲା' ପରି ମାନସିକତା ବଦଳିବା ଦରକାର। ଝିଅ କିମ୍ବା ପୁଅ ପ୍ରତ୍ୟେକ ପ୍ରଥମେ ଜଣେ ଶିଶୁ। ତାଙ୍କ ଶୈଶବକୁ ସୁରକ୍ଷିତ କରିବା ପରିବାର ଓ ସମାଜର ନୈତିକ ଦାୟିତ୍ୱ। ଓଡ଼ିଶାରେ ବାଲ୍ୟ ବିବାହ ବିରୋଧରେ ବିଭିନ୍ନ ସରକାରୀ ଓ ସାମାଜିକ ସଂଗଠନର ଉଦ୍ୟମ ନିଶ୍ଚିତ ଭାବେ ଆଶା ସୃଷ୍ଟି କରିଛି। ତୃଣମୂଳସ୍ତରରେ ମହିଳା ନେତୃତ୍ୱ, ଯୁବଗୋଷ୍ଠୀ ଓ ପଞ୍ଚାୟତିରାଜ ପ୍ରତିନିଧିଙ୍କ ସକ୍ରିୟତା ଏହି ଆନ୍ଦୋଳନକୁ ଆହୁରି ଶକ୍ତିଶାଳୀ କରିପାରେ। ପ୍ରତ୍ୟେକ ଗାଁ, ୱାର୍ଡ ଓ ପରିବାର ଯଦି ବାଲ୍ୟ ବିବାହ ବିରୋଧରେ ନିଜ ଦାୟିତ୍ୱ ଗ୍ରହଣ କରେ, ତେବେ ଏହି ଲଢ଼େଇ ନିଶ୍ଚିତ ଭାବେ ଏକ ନୂଆ ସାମାଜିକ ଆନ୍ଦୋଳନର ରୂପ ନେଇପାରିବ। ଆଜି ଆବଶ୍ୟକ କେବଳ ସଚେତନତା ନୁହେଁ, ସାହସୀ ପଦକ୍ଷେପ। କୌଣସି ଶିଶୁର ବାଲ୍ୟ ବିବାହର ସୂଚନା ମିଳିଲେ ନିରବ ଦର୍ଶକ ନ ହୋଇ ଆଇନସମ୍ମତ ଉପାୟରେ ସମ୍ପୃକ୍ତ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ଜଣାଇବା ଦରକାର। ଗୋଟିଏ ଶିଶୁକୁ ସୁରକ୍ଷା ଦେବା ଅର୍ଥ କେବଳ ଗୋଟିଏ ବିବାହ ରୋକିବା ନୁହେଁ, ଏହା ଏକ ଜୀବନକୁ ନିଜ ଭବିଷ୍ୟତ ବାଛିବାର ସୁଯୋଗ ଦେବା। ବାଲ୍ୟ ବିବାହମୁକ୍ତ ଓଡ଼ିଶା ଏବଂ ବାଲ୍ୟ ବିବାହମୁକ୍ତ ଭାରତ କେବଳ ସରକାରର ଲକ୍ଷ୍ୟ ନୁହେଁ, ଏହା ଆମ ସମସ୍ତଙ୍କର ସାମୂହିକ ସଂକଳ୍ପ ହେବା ଦରକାର। ଶୈଶବକୁ ସୁରକ୍ଷା ଦେଇପାରିଲେ ହିଁ ଆମେ ଏକ ସୁସ୍ଥ, ସମାନ ଓ ନ୍ୟାୟଭିତ୍ତିକ ସମାଜ ଗଢ଼ିପାରିବା।

ସମ୍ବଲପୁର, ମୋ: ୯୪୩୭୪୦୫୪୫୫

## ଦୟଣା ଚୋରୀ

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଅତୀତରେ ଜଣେ ପରମ ଜଗନ୍ନାଥଭକ୍ତ ପ୍ରଜାବତ୍ସଳ ପ୍ରଜାପ୍ରିୟ ସୁଶାସକ ଓଡ଼ିଶାରେ ରାଜତ୍ୱ କରୁଥିଲେ। ରାଜାଙ୍କର କିନ୍ତୁ ପଶା ଖେଳ ପ୍ରତି ପ୍ରବଳ ଦୁର୍ବଳତା ଥିଲା। ପଶା ଖେଳୁଥିବା ବେଳେ ବାହାର ଦୁନିଆରେ ଯାହାସବୁ ଘଟୁଥିଲା ସେଥିପ୍ରତି ତାଙ୍କର ନିଘା ରହୁ ନ ଥିଲା। ଶ୍ରୀମନ୍ଦିରରେ ଏକ ପରମ୍ପରା ଥିଲା ଯେ କୌଣସି ଦିନ ଦୁଆର ଫିଟା ସମୟରେ ଯଦି ଦେଖାଯାଏ ଯେ ମହାପ୍ରଭୁଙ୍କ ମସ୍ତକରୁ ଚନ୍ଦ୍ରିକା ଖସିପଡ଼ିଛି, ତେବେ ସେ ପ୍ରସାଦୀଚନ୍ଦ୍ରିକାକୁ ପଟୁଆରରେ ନେଇ ଗଜପତିଙ୍କୁ ସମର୍ପଣ କରାଯାଉଥିଲା। ଚନ୍ଦ୍ରଶେଖର ପଟ୍ଟନାୟକଙ୍କ ଦ୍ୱାରା ରଚିତ 'ନୀଳାଚଳ ମାଧୁରୀ'ରେ ଏ ସମ୍ପର୍କରେ ବିଶଦ ବର୍ଣ୍ଣନା ରହିଛି।

ଦିନେ ସକାଳେ ମହାପ୍ରଭୁଙ୍କ ଶ୍ରୀମସ୍ତକରୁ ଖସିପଡ଼ିଥିବା ଚନ୍ଦ୍ରିକାକୁ ବିଧି ଅନୁସାରେ ସେବକମାନେ ଛତ୍ରଚାମର ଧରି ପଟୁଆରରେ ଉଆସକୁ ନେଲେ। କିନ୍ତୁ ସେଦିନ ସକାଳୁ ସକାଳୁ ରାଜା ପଶା ଖେଳରେ ମଗ୍ନ ଥିଲେ। ସେବକମାନେ ପ୍ରସାଦୀ ଚନ୍ଦ୍ରିକା ଅର୍ପଣ କରନ୍ତେ, ରାଜା ଅନ୍ୟମନସ୍କ ଥିବାରୁ ଏବଂ ଡାହାଣ ହାତରେ ପଶା କାଠି ଧରି ଥିବାରୁ ଯନ୍ତ୍ରବତ୍ ବାମହାତରେ ସେ ନିର୍ମାଲ୍ୟକୁ ଗ୍ରହଣ କଲେ। ସେବକମାନେ ସେ ବ୍ୟତିକ୍ରମ ଦେଖି ନ ଦେଖିଲା ପରି ଚାଲିଗଲେ। କିଛିସମୟ ପରେ ରାଜା ପ୍ରକୃତିସ୍ଥ ହୋଇ ବୁଝିପାରିଲେ ଯେ ସେ ମହାପ୍ରଭୁଙ୍କର ଅବମାନନା କରିଛନ୍ତି। ଖେଳ ନିଶାରେ କରିଥିବା ଅପରାଧ ପାଇଁ ନିଜକୁ ଅନେକ ଧିକ୍କାର କଲେ ଏବଂ ପ୍ରାୟଶ୍ଚିତ କରିବା ପାଇଁ ବାମ ହାତକୁ କାଟି ଦେବାକୁ ନିଷ୍ପତ୍ତି ନେଲେ।

ରାଜା ନିଶ୍ଚିତ ଥିଲେ ଯେ ରାଣୀ, ପାରିଷଦ ଓ ପ୍ରଜାମାନେ ତାଙ୍କ ନିଷ୍ପତ୍ତିର ବିରୋଧ କରିବେ। କୌଣସି ଘାତକ ମଧ୍ୟ ଆଦେଶ ପାଳନ କରିବ ନାହିଁ। ତେଣୁ ସେ ମନ୍ତ୍ରୀଙ୍କୁ ଡାକି କହଲେ- 'କିଛିଦିନ ହେଲା ମୁଁ ଶୋଇଥିବା ବେଳେ କେହି ଜଣେ ତା'ର ଲମ୍ବ ହାତକୁ ଝରକା ବାଟେ ପୂରାଉଛି। ପଲଙ୍କରୁ ଉଠି ତା' ପାଖକୁ ଯିବାବେଳକୁ ସେ ହାତ ଅପସରି ଯାଇ ଉଭାନ୍ ହୋଇ ଯାଉଛି। ତା' ପରେ ମୁଁ ଆଉ ଶୋଇ ପାରୁନାହିଁ।'ମନ୍ତ୍ରୀ ଅନେକ ଚିନ୍ତା କରିବା ପରେ ଏହା ଭୂତପ୍ରେତମାନଙ୍କର କାମ ହୋଇଥାଇ ପାରେ ଭାବି ରାଜ୍ୟର ବଛା ବଛା ତାନ୍ତ୍ରିକମାନଙ୍କୁ ଡାକିଲେ। ତନ୍ତ୍ରବିଦ୍ୟା ପ୍ରୟୋଗ କରି ସେ ଅଞ୍ଚଳର ଭୂତପ୍ରେତମାନଙ୍କୁ ବାନ୍ଧି ପକେଇଲେ ବୋଲି ତାନ୍ତ୍ରିକମାନେ ଜଣେଇଲେ। ଏହା ସତ୍ତ୍ୱେ ରାଜା କହିଲେ ଯେ ଅଜଣା ହାତ ରାତିଅଧରେ ପୂର୍ବପରି ଝରକା ବାଟେ ପଶି ଆସୁଛି। ଏହାପରେ ବୁଦ୍ଧିମାନ ଓ ଅନୁଗତ ମନ୍ତ୍ରୀ ପ୍ରସ୍ତାବ ଦେଲେ- 'ଆଜି ଆପଣଙ୍କ ଶୋଇବା ପାଇଁ ଅନ୍ୟତ୍ର ବନ୍ଦୋବସ୍ତ କରାଯିବ। ଆପଣଙ୍କ ଶୋଇବା ଘରେ ଆଜି ରାତିରେ ମୁଁ ଖଣ୍ଡା ଧରି ଝରକା ପାଖରେ ଠିଆ ହୋଇ ରହିବି। ରାତିରେ ସେ ହାତ ପଶି ଆସିଲେ ହାଣି ଦେବି।' ମନ୍ତ୍ରୀଙ୍କ କଥା ଶୁଣି ରାଜା ଆଶ୍ୱସ୍ତ ହେଲେ ଯେ ପ୍ରାୟଶ୍ଚିତ ପାଇଁ ସେ କରିଥିବା ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଥିଲା।

ଯୋଜନା ମୁତାବକ ସେଦିନ ରାତିରେ ରାଜା ଅନ୍ୟଘରେ ଶୋଇଲେ। ମନ୍ତ୍ରୀ ଖଣ୍ଡା ଧରି ରାଜାଙ୍କ ଶୋଇବା ଘରେ ଜଗି ରହିଲେ। ରାତି ଅଧ ସମୟକୁ ରାଜା ଚୁପଚାପ ଉଠି ବାହାରକୁ ଚାଲିଗଲେ ଏବଂ ଶୋଇବା ଘର ଝରକା ବାଟେ ନିଜର ବାଆଁ ହାତ ଗଳେଇଲେ। ଆଗରୁ ପ୍ରସ୍ତୁତ ହୋଇ ରହିଥିବା ମନ୍ତ୍ରୀ ଏକା ଚୋଟକେ ହାତକୁ ଡେଣାଠାରୁ ଅଲଗା କରିଦେଲେ। ଏ ଭଲ ଖବରଟା ରାଜାଙ୍କୁ ଦେବାକୁ ଗଲା ବେଳକୁ ସେ ଶେଯରେ ପଡ଼ି ଯନ୍ତ୍ରଣାରେ ଛଟପଟ ହେଉଥିଲେ। ମନ୍ତ୍ରୀ ପ୍ରଥମେ କିଛି ବୁଝି ପାରିଲେ ନାହିଁ। କିଛି ସମୟପରେ ରାଜା ସ୍ଥିର ହୋଇ ସବୁକଥା କହିଲେ। ମନ୍ତ୍ରୀ ପରିତାପର ସହ ରାଜାଙ୍କ ଚିକିତ୍ସାର ବନ୍ଦୋବସ୍ତ କଲେ। ତା' ପରେ କାହାକୁ କିଛି ନ ଜଣେଇ ବଗିଚାର ଏକ ଅଣଆଡ଼ିଆ ଯାଗାରେ କଟା ହାତଟାକୁ ପୋତି ଦେଲେ। ସମୟକ୍ରମେ ରାଜାଙ୍କ କଟା ହାତ ଏକ ଗୁଳ୍ମ ରୂପେ ଭୂମି ଉପରକୁ ଉଠିଲା। ମହାପ୍ରଭୁଙ୍କ ପ୍ରତି ରାଜାଙ୍କର ଭକ୍ତି ସୁଗନ୍ଧିରେ ପରିଣତ ହୋଇ ସେ ଗୁଳ୍ମର ପତ୍ରକୁ ସୁଗନ୍ଧିତ କଲା। ବଗିଚାର ମାଳି ସେ ସୁଗନ୍ଧିରେ ଆକୃଷ୍ଟ ହୋଇ ଉତ୍ତମରୂପେ ସେ ଗଛର ଯତ୍ନ ନେବାକୁ ଲାଗିଲା।(କ୍ରମଶଃ...)

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ଦୃଷ୍ଟିହୀନ ମହିଳାଙ୍କୁ ଦୁଷ୍କର୍ମ, ଯୁବକ ଗିରଫ

ବିଷମ କଟକ,୨୨।୯(ସମିସ): ରାୟଗଡ଼ ଜିଲ୍ଲା ବିଷମକଟକ ଥାନା ଅଞ୍ଚଳରୁ ଆସିଛି ଏକ ଲଜ୍ଜାଜନକ ଘଟଣା। ଜଣେ ଦୃଷ୍ଟିହୀନ ମହିଳାଙ୍କୁ ଦୁଷ୍କର୍ମ ହୋଇଛି। ପୁଲିସ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ଗତ ଶନିବାର ଦିନ ଚାଟିକଣା ଅଞ୍ଚଳର ଦୃଷ୍ଟିହୀନ ମହିଳା ଜଣକ ତାଙ୍କ ସହଯୋଗୀ ପିଲାଙ୍କ ସହ ପାଖ ଜଙ୍ଗଲକୁ ଶୌଚ ପାଇଁ ଯାଇଥିଲେ। ମହିଳାଙ୍କର ଅସହାୟତାର ସୁଯୋଗ ନେଇ ଯୁବକ ଜଣକ ମହିଳାଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ କରି ପୀଡିତା ଏବଂ ତାଙ୍କ ପରିବାର ଲୋକେ ବିଷମ କଟକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ବିଷମ କଟକ ପୁଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଅଭିଯୁକ୍ତ ଯୁବକ ବାରୀଗୁଡ଼ା ଗ୍ରାମର ଗୋପାଳ କୃଷିକାଙ୍କୁ ଗିରଫ କରିଛି। ତାଙ୍କ ବିରୋଧରେ ବିଷମକଟକ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ଉଭୟଙ୍କ ଡାକ୍ତରୀ ମାଇନା ଶେଷ ହେବା ପରେ ଅଭିଯୁକ୍ତକୁ ମଙ୍ଗଳବାର ଦିନ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରିଣୀ ସମର୍ପିତା ସ୍ୱାଇଁ ସୂଚନା ଦେଇଛନ୍ତି।

# ଅକ୍ଟୋବର ୨୭ ଓ ୨୮ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ରାଇରଙ୍ଗପୁର ଗସ୍ତ



ବାରିପଦା, ୨୨।୯(ସମିସ): ଆସନ୍ତା ଅକ୍ଟୋବର ୨୭ ଓ ୨୮ ତାରିଖରେ ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୟୂରଭଞ୍ଜ ଜିଲ୍ଲାର ରାଇରଙ୍ଗପୁର ଗସ୍ତ କରିବେ। ଏହି ଦୁଇଦିନିଆ ଗସ୍ତ ଅବସରରେ ସେଠାରେ ଏକ ବିଶାଳ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରାଯିବ। ଏହି ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ରୋଗୀଙ୍କ ଉନ୍ନତ ଚିକିତ୍ସା ପାଇଁ ଦିଲ୍ଲୀରୁ ପ୍ରାୟ ୧୦୦ ଜଣ ବିଶେଷଜ୍ଞ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସ୍ଥାନୀୟ ଅଞ୍ଚଳବାସୀଙ୍କୁ

**ଆୟୋଜିତ ହେବ ବିଶାଳ ଚକ୍ଷୁ ଚିକିତ୍ସା ଶିବିର**

ଉନ୍ନତ ଚକ୍ଷୁ ସେବା ଯୋଗାଇଦେବା ଲକ୍ଷ୍ୟରେ ଏହି ମେଗା ଶିବିର ଆୟୋଜନ କରାଯାଉଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

# ସମ୍ଭାବ୍ୟ ବାତ୍ୟା ପାଇଁ ଘୁଞ୍ଚିଲା ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷା

କଟକ,୨୨।୯(ସମିସ): ସାମୁଦ୍ରିକ ଝଡ଼ 'ଅର୍ଣ୍ଣବ' ଆଶଙ୍କାକୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ)ଦ୍ୱାରା ପରିଚାଳିତ ଉଚ୍ଚ ପ୍ରାଥମିକ (ପଞ୍ଚମ ଶ୍ରେଣୀ) ବୃତ୍ତି ପରୀକ୍ଷା-୨୦୨୬କୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବରୁ ବିଜ୍ଞପ୍ତି ଅନୁଯାୟୀ ଏହି ପରୀକ୍ଷା ଆସନ୍ତା ସେପ୍ଟେମ୍ବର ୨୪ରେ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ଥିଲା। ମାତ୍ର ବାତ୍ୟା ପ୍ରଭାବକୁ ନଜରରେ ରଖି ଏହି ପରୀକ୍ଷା ଆସନ୍ତା ଅକ୍ଟୋବର୩ରେ ହେବ ବୋଲି ସ୍ଥିର କରାଯାଇଛି। ଏହି ଦିନ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ପରୀକ୍ଷା ଅନୁଷ୍ଠିତ ହେବ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଧୋଇଗଲା 'ମୌସୁମୀ'ର...

ଦିବଂଗତଙ୍କ ସ୍ମୃତି ଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶୋକପ୍ରସ୍ତାବ ଶେଷ ହେବାକ୍ଷଣି ବିଜେଡି ବିଧାୟକମାନେ ପାଠ୍ୟ ପୁସ୍ତକ ତ୍ରୁଟି ସଂକ୍ରାନ୍ତରେ ବିଜେଡି ସଦସ୍ୟ ହାତରେ ପୋଷ୍ଟର ଧରି ପ୍ରବଳ ହୋ ହଲ୍ଲା କରିଥିଲେ। ନିଉଟନ ହେଉଛନ୍ତି ପାଇଲଟ୍, ନିୟମଗିରି ଝାଡଖଣ୍ଡର, ନିମୁଡା ନିମୁଡା ଲେଖାଥିବା ପୋଷ୍ଟର ପ୍ରଦର୍ଶନ କରି ବିଜେଡି ବିଧାୟକମାନେ ପ୍ରତିବାଦ କରିବା ସହ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ।

ସେହିପରି କଂଗ୍ରେସ ବିଧାୟକମାନେ ଏମଏମଡିଆର ସଂଶୋଧନ ଆଇନ ଫେରସ୍ତ ଦାବିରେ ଗୃହ ମଧ୍ୟରେ ନାରାବାଜି ଜାରି ରଖିଥିଲେ। ଏହାବ୍ୟତୀତ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବିଜେଡି ଓ କଂଗ୍ରେସରୁ ନିଲମ୍ବିତ ବିଧାୟକମାନେ ମଧ୍ୟ ବାଚସ୍ପତିଙ୍କ ପୋଡିୟମ ତଳେ ନାରାବାଜି କରୁଥିବାର ଦେଖିବାକୁ ମିଳିଥିଲା। ଫଳରେ ବାଚସ୍ପତି ଗୃହକୁ ୧୧ଟା ୩୭ରୁ ୧ଟା ୧୦ ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଗୃହ ମୁଲତବୀ ହେବା ପରେ ବିଜେଡି ବିଧାୟକମାନେ ବିଧାନସଭାରୁ ଲୋୟର ପିଏମ୍‌ଜିରେ ପ୍ରତିବାଦ ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ୧ଟା ୧୦ ମିନିଟରେ ପୁନର୍ବାର ଗୃହ କାର୍ଯ୍ୟ ଆରମ୍ଭ ହେବା ପରେ ସମାନ ଢଙ୍ଗରେ ପ୍ରତିବାଦ ଜାରି ରଖିଥିଲେ ବିରୋଧୀ ସଦସ୍ୟ। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ବିଧାୟକମାନଙ୍କୁ ଗୃହ କାର୍ଯ୍ୟରେ ସହଯୋଗ ପାଇଁ ଅନୁରୋଧ କରିଥିଲେ। ବିରୋଧୀ ଦଳ ମୁଲତବୀ ପ୍ରସ୍ତାବ ଆଣିଥିବା ବେଳେ ଏହି ଆଲୋଚନାରେ ଭାଗ ନେବା ପାଇଁ ଉପ ବାଚସ୍ପତି ଅନୁରୋଧ କରିଥିଲେ। ମାତ୍ର ବିରୋଧୀ ହଟ୍ଟଗୋଳ ଜାରି ରଖିଥିଲେ। ଫଳରେ ଉପ ବାଚସ୍ପତି ଗୃହକୁ ୧ଟା ୧୧ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ଗୃହକାର୍ଯ୍ୟ ଆରମ୍ଭ ହେବା ମାତ୍ରେ ଗୃହରେ ସମାନ ପ୍ରତିବାଦ ଜାରି ରଖିଥିଲେ ବିରୋଧୀ। ବିରୋଧୀଙ୍କ ହଟ୍ଟଗୋଳ ମଧ୍ୟରେ ଗୃହରେ ୨ଟି ଅଧ୍ୟାଦେଶ ଓ ୬ଟି ବିଲ୍ ଉପସ୍ଥାପିତ ହୋଇଥିଲା। ମାତ୍ର ୧୧ ମିନି ଗୃହ ଚାଲିବା ପରେ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ବୁଧବାର ସକାଳ ୧୦ଟା ୩୦ ମିନିଟ ଯାଏଁ ମୁଲତବୀ ରଖିଛନ୍ତି।

ଗୃହ ବାହାରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ଯେ ଚଳିତ ବର୍ଷ ଶିକ୍ଷାବର୍ଷ ଆରମ୍ଭରୁ ସରକାର ଯେଉଁ ବହି ହେଲେ ସେଥିରେ ହଜାର ହଜାର ଭୁଲ ବାହାରିଲା। ସେହି ଭୁଲ୍ ପାଠ୍ୟ ପୁସ୍ତକରେ ପାଠ ପଢ଼ିବା ପାଇଁ ସରକାର ଛାତ୍ରଛାତ୍ରୀଙ୍କୁ ବାଧ କରାଗଲା। ଶିକ୍ଷାବର୍ଷ ଅଧା ସରିଗଲାଣି, ମାତ୍ର ଏଯାବତ୍ ଛାତ୍ରଚାତ୍ରୀଙ୍କୁ ସଂଶୋଧିତ ପାଠ୍ୟ ପୁସ୍ତକ ଯୋଗାଇ ଦିଆଯାଇପାରିଲା ନାହିଁ। ଆଜି ଯେହେତୁ ବିଧାନସଭା ଆରମ୍ଭ ହେଲା, ସରକାର ଗତକାଲି କେତେ ହଜାର ପୁସ୍ତକ ଦେଇଛନ୍ତି ବୋଲି କହୁଛନ୍ତି। ରାଜ୍ୟରେ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଥିବାବେଳେ ମାତ୍ର କିଛି ହଜାର ପୁସ୍ତକ ପ୍ରଦାନ କରିବା ଦୁର୍ଭାଗ୍ୟଜନକ। ତେଣୁ ଗଣଶିକ୍ଷା ମନ୍ତ୍ରୀ ତୁରନ୍ତ ଇସ୍ତଫା ଦିଅନ୍ତୁ। ଛାତ୍ରଛାତ୍ରୀଙ୍କୁ ତୁରନ୍ତ ସଂଶୋଧିତ ପାଠ୍ୟପୁସ୍ତକ ମିଳୁ ବୋଲି ଶ୍ରୀ ଆଚାର୍ଯ୍ୟ ଦାବି କରିଛନ୍ତି। ସେହିପରି ଗୃହ ବାହାରେ ପ୍ରତିକ୍ରିୟା ରଖି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ ଓଡ଼ିଶା ପ୍ରତି କେନ୍ଦ୍ର ଅନ୍ୟାୟ କରିଛି। ଏମଏମଡିଆର ସଂଶୋଧନ ଆଇନ ବଳରେ ଡବଲ ଇଞ୍ଜିନ ଓଡ଼ିଶାର ଅଧିକାରକୁ ଛଡ଼ାଇ ନେଇଛନ୍ତି। ଏହି କଳା ଆଇନ କାରଣରୁ ଓଡ଼ିଶା ବକେୟା ବାବଦରେ ଲକ୍ଷେ କୋଟି ଟଙ୍କା ହରାଇବାକୁ ଥିବାବେଳେ ବାର୍ଷିକ ୧୦ରୁ ୧୨ ହଜାର କୋଟି ଟଙ୍କା ହରାଇବାକୁ ଯାଉଛି। ଓଡ଼ିଶା ପ୍ରତି ଏପରି ଅବିଚାରକୁ କଂଗ୍ରେସ ଆଦୌ ବରଦାସ୍ତ କରିବ ନାହିଁ। ଓଡ଼ିଶାର ଏତେବଡ଼ କ୍ଷତି ହେଉଛି, ମୁଖ୍ୟମନ୍ତ୍ରୀ ଏହାର କିପରି ଭରଣା କରିବେ ସେନେଇ ଉତ୍ତର ରଖନ୍ତୁ। ଓଡ଼ିଶାର ବିକାଶ କିପରି ହେବ କୁହନ୍ତୁ। ଏହି ଅଧିବେଶନକୁ ବାତିଲ୍ କରି ସ୍ୱତନ୍ତ୍ର ଅଧିବେଶନ ଡାକିବାକୁ ଆମେ ଦାବି କରିଥିଲେ ହେଁ ବାଚସ୍ପତି ଏହାକୁ ଶୁଣିଲେ ନାହିଁ। ଏପରିକି ସ୍ୱତନ୍ତ୍ର ଆଲୋଚନା ଦାବିକୁ ମଧ୍ୟ ଗ୍ରହଣ କରାଗଲା ନାହିଁ। ତେଣୁ ଏହି କଳା ଆଇନ ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ଗୃହ ଭିତରେ ଏବଂ ବାହାରେ କଡ଼ା ଆନ୍ଦୋଳନ ହେବ ବୋଲି ଶ୍ରୀ କାଡାମ କହିଛନ୍ତି।

## ଦକ୍ଷିଣ ଓଡ଼ିଶାକୁ...

ଏହି ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି। ଏହି ଜିଲ୍ଲାରେ ବର୍ଷା ସାଙ୍ଗକୁ ପବନର ବେଗ ମଧ୍ୟ ୫୦-୬୦ କିମି ପର୍ଯ୍ୟନ୍ତ ରହିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ସେହିପରି ନୂଆପଡ଼ା, ବଲାଙ୍ଗିର, କନ୍ଧମାଳ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲ୍ଲାରେ ମଧ୍ୟ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ପବନର ବେଗ ୫୦-୬୦ କିମି ରହିବା ନେଇ ପାଣିପାଗ କେନ୍ଦ୍ର କହିଛି। ଏଥିପାଇଁ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ବାଲେଶ୍ୱରଠାରୁ ଗଞ୍ଜାମ ପର୍ଯ୍ୟନ୍ତ ଓ ଏହାର ସମୀନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ୨୪ରେ ମଧ୍ୟ ଅନେକ ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଏହି ଅବପାତର ଗତି ପୂର୍ବ ଅପେକ୍ଷା ଧୀମେଇ ଯାଇଛି। ତେଣୁ ୨୩ ସେପ୍ଟେମ୍ବର ରାତି ଆଡ଼କୁ ଏହା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ଅଧିକ ରହିଛି। ଏହା ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହେବ। ବର୍ଷାର ପରିମାଣ ପ୍ରଥମେ ଦକ୍ଷିଣ ଉପକୂଳ ଓଡ଼ିଶା, ବିଶେଷ କରି ଗଞ୍ଜାମ ଏବଂ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବୃଦ୍ଧି ପାଇବ ଏବଂ ୨୩-୨୪ ସେପ୍ଟେମ୍ବର ମଧ୍ୟରେ ସମଗ୍ର ଉପକୂଳବର୍ତ୍ତୀ ଅଞ୍ଚଳକୁ ବ୍ୟାପିବ। ଶକ୍ତିଶାଳୀ ବର୍ଷାବଳୟ ପ୍ରଭାବରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ପରବର୍ତ୍ତୀ ସମୟରେ ଏହା ପଶ୍ଚିମ ଦିଗରେ ସ୍ଥଳଭାଗ ଆଡ଼କୁ ଗତି କରିବା ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ତେଣୁ ୨୩-୨୪ରେ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିବା ଉଚିତ୍। ଉପକୂଳ ଓଡ଼ିଶାରେ ପ୍ରବଳ ବର୍ଷା, ସ୍ଥାନୀୟ ଜଳବନ୍ଦୀ ସମସ୍ୟା, ଝଟକା ପବନ ଏବଂ ଅଶାନ୍ତ ସମୁଦ୍ର ପାଇଁ ମଧ୍ୟ ସତର୍କ ରହିବା ଆବଶ୍ୟକ। ଓଡ଼ିଶା ପାଇଁ ମୁଖ୍ୟତଃ ଭାରି ବର୍ଷା ଏବଂ କେତେକ ସ୍ଥାନରେ ପ୍ରବଳରୁ ଅତ୍ୟନ୍ତ ପ୍ରବଳ ବର୍ଷା ହିଁ ଚିନ୍ତାର କାରଣ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ର କହିଛି, ଏହି ଗଭୀର ଅବପାତ ସ୍ଥଳଭାଗ ଛୁଇଁଲା ବେଳେ ପବନର ବେଗ ୫୫ରୁ ୬୫ କିମି ରହିବ ବୋଲି ଆକଳନ କରାଯାଇଛି। ଏହା ପ୍ରଭାବରେ ଧାନ ଓ ଅନ୍ୟାନ୍ୟ ଫସଲ ନଷ୍ଟ ହେବା ସହିତ କିଛି ଗଛର ଡାଳ ମଧ୍ୟ ଭାଙ୍ଗିପାରେ। ବିଶେଷକରି ପନିପରିବା ଗଛ କ୍ଷତି ହେବାର ସମ୍ଭାବନା ରହିଛି। ପୁରୁଣା ମାଟି ଘର ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ବିଶେଷକରି ଦକ୍ଷିଣ ଓଡ଼ିଶାରେ ଏହାର ଅଧିକ ପ୍ରଭାବ ପଡ଼ିବା ସହ ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଓ ମାଟି ଅତଡ଼ା ଖସିବାର ଆଶଙ୍କା ରହିଛି। ଅନ୍ୟପଟେ ପଶ୍ଚିମ-କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ୨୩ ରୁ ୨୪ ତାରିଖ ସନ୍ଧ୍ୟା ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ପବନର ବେଗ ବୃଦ୍ଧି ପାଇବ। ସମୁଦ୍ର ମଧ୍ୟରେ ପବନର ବେଗ ଘଣ୍ଟାପ୍ରତି ୫୫-୬୫ କିମିରୁ ଝଟକା ୭୫ କିମି ପର୍ଯ୍ୟନ୍ତ ହେବାର ସମ୍ଭାବନା ଅଛି। ଏଥିପାଇଁ ସମୁଦ୍ର ସ୍ଥିତି ଅଶାନ୍ତରୁ ଅତି ଅଶାନ୍ତ ରହିବାର ସମ୍ଭାବନା ଅଛି। ଫଳସ୍ୱରୂପ ମତ୍ସ୍ୟଜୀବୀଙ୍କୁ ୨୪ ତାରିଖ ପର୍ଯ୍ୟନ୍ତ ପଶ୍ଚିମ-କେନ୍ଦ୍ରୀୟ, ସଂଲଗ୍ନ ଉତ୍ତର-ପଶ୍ଚିମ ଏବଂ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗର ଏବଂ ଆନ୍ଧ୍ରପ୍ରଦେଶ-ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି।

## ଧାର୍ମିକ ସ୍ୱାଧୀନତା...

କ୍ରିଷ୍ଣାଙ୍କ ପକ୍ଷରୁ ଦାଖଲ କରାଯାଇଥିବା ପିଟିସନକୁ ବିଚାର ପାଇଁ ଗ୍ରହଣ କରି ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ଭି. ମୋହନଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ ୧୯୮୬ରେ ସୁପ୍ରିମ କୋର୍ଟ ବିଜୋଏ ଏମାନୁଏଲ ମାମଲାରେ ଦେଇଥିବା ରାୟରେ ଧାର୍ମିକ ସ୍ୱାଧୀନତାକୁ ସୁରକ୍ଷା ପ୍ରଦାନ କରାଯାଇଛି। ଜାତୀୟ ଗୀତକୁ ନେଇ କୌଣସି ବିବାଦ ନାହିଁ। ଗୀତର ଦୁଇଟି ପଦ କି ୪ଟି ପଦର ଗାନ କରାଯିବ, ତାହା ସରକାର ସ୍ଥିର କରିବେ। କିନ୍ତୁ ଧାର୍ମିକ ଦୃଷ୍ଟିରୁ ଯେଉଁମାନେ ଗାଇବାକୁ ମନାକରିବେ, ସେମାନଙ୍କୁ ଦଣ୍ଡିତ କରାଯାଇପାରିବ ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟାଙ୍କୁ ମାନ୍ୟବର ଖଣ୍ଡପୀଠ କହିଥିଲେ ଯେ ସରକାର ଯେଉଁ ସଂଶୋଧିତ ଆଇନ ଆଣିଛନ୍ତି, ତାହା ବିଜୋଏ ଏମାନୁଏଲ ମାମଲାରେ ସୁପ୍ରିମ କୋର୍ଟ ଦ୍ୱାରା ପ୍ରଦତ୍ତ ରାୟ ଦ୍ୱାରା ପରିଚାଳିତ ହେବା ଉଚିତ। ବିଜୋଏ ଏମାନୁଏଲ ମାମଲାରେ ସୁପ୍ରିମ କୋର୍ଟ ଯେଉଁ ଆଇନ କରିଛନ୍ତି, ତାହାକୁ ନେଇ କେହି ପ୍ରଶ୍ନ ଉଠାଇ ନାହାନ୍ତି। ଏହି ଆଇନ ଏବେ ବି କାଏମ ରହିଛି। ସୂଚନାଯୋଗ୍ୟ ଯେ ୧୯୮୬ରେ କେରଳ ସରକାର ବନାମ ବିଜୋଏ ଏମାନୁଏଲ ମାମଲାରେ ରାୟ ଦେଇ କହିଥିଲେ ଯେ ଧାର୍ମିକ ଦୃଷ୍ଟିରୁ ଜାତୀୟ ସଙ୍ଗୀତ ନଗାଇବା ଲାଗି ଜଣେ ନାଗରିକର ଅଧିକାର ରହିଛି। ତେବେ ଜାତୀୟ ସଙ୍ଗୀତ ଗାନ ବେଳେ ବ୍ୟକ୍ତି ଜଣକ ସମ୍ମାନ ସହିତ ନିରବ ରହିବା ଉଚିତ।

କ୍ରିଷ୍ଣା ତାଙ୍କ ପିଟିସନରେ ଯୁକ୍ତି କରିଥିଲେ ଯେ ବନ୍ଦେ ମାତରମର ଶେଷ ୪ଟି ପଦର ଗାନକୁ ସରକାର ଯେଭଳି ବାଧ୍ୟତାମୂଳକ କରିଛନ୍ତି, ତାହା ସମ୍ବିଧାନର ଧାରା ୧୪, ୧୫(୧), ୧୯(୧), ୨୧ ଏବଂ ୨୫(୧) ଭଳି ନାଗରିକର ମୌଳିକ ଅଧିକାରର ବିରୁଦ୍ଧାଚରଣ କରୁଛି।

## ମେହେଟ୍ଟା-ମୁରଲୀଧର...

ହେବ, ନକ୍ସଲ ଚିନ୍ତାଧାରା ଅନୁଯାୟୀ ନୁହେଁ। ମେହେଟ୍ଟାଙ୍କ ନକ୍ସଲପନ୍ଥୀ ଶବ୍ଦର ବ୍ୟବହାରକୁ ବିରୋଧ କରିଥିଲେ ମୁରଲୀଧର। ଏଭଳି ଶବ୍ଦ ବ୍ୟବହାରକୁ ପ୍ରତ୍ୟାହାର କରିବା ଲାଗି ସେ ଦାବି କରିଥିଲେ। ସେ କହିଥିଲେ ସରକାରଙ୍କର ଆଇନ ଅଧିକାରୀଙ୍କ ଠାରୁ ଏଭଳି ଶବ୍ଦ ବ୍ୟବହାର ଶୋଭା ପାଏନି। ଏହାକୁ ନେଇ ମେହେଟ୍ଟା ଏବଂ ମୁରଲୀଧରଙ୍କ ମଧ୍ୟରେ ଦୀର୍ଘ ସମୟ ଧରି ଯୁକ୍ତିତର୍କ ହୋଇଥିଲା। ଏହି ସମୟରେ ବରିଷ୍ଠ ଆଇନଜୀବୀ ସଂଜୟ ହେଗଡ଼େ କହିଥିଲେ ଯେ ଜଣେ ବ୍ୟକ୍ତି ତାର ମତାମତ ଉପସ୍ଥାପିତ କରିପାରିବ ଏବଂ ଏହାକୁ ନକ୍ସଲ ଚିନ୍ତାଧାରା ସହିତ ଯୋଡ଼ାଯିବା ଉଚିତ ନୁହେଁ। ଜଷ୍ଟିସ ବାଗଚି କହିଥିଲେ ଯେ ଜଣେ ବ୍ୟକ୍ତିକୁ ନକ୍ସଲପନ୍ଥୀ କହିଦେଲେ, ସେହି ବ୍ୟକ୍ତିର ସାମ୍ବିଧାନିକ ଅଧିକାର ଚାଲିଯିବ ନାହିଁ। ଅନ୍ୟପକ୍ଷରେ ମେହେଟ୍ଟା କହିଥିଲେ ଯେ ସେ କୌଣସି ବ୍ୟକ୍ତିକୁ ଲକ୍ଷ୍ୟ କରି ସେ ଏଭଳି ମନ୍ତବ୍ୟ ଦେଇ ନାହାନ୍ତି।

## ଲୋୟର ପିଏମଜିରେ...

ଦଳର ନେତା କ୍ଷୋଭ ପ୍ରକାଶ କରିଥିଲେ।

ଆଜି ବିଜେଡି ବିଧାୟକ ମାନେ ବିଧାନସଭାରୁ ଏକ ଶୋଭାଯାତ୍ରାରେ ଆସି ଧାରଣାସ୍ଥଳରେ ପହଞ୍ଚିଥିଲେ। ବର୍ଷାରେ ଭିଜି ଭିଜି ପ୍ରତିବାଦ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ ପ୍ରସନ୍ନ ଆଚାର୍ଯ୍ୟ, ପ୍ରମିଳା ମଲ୍ଲିକ, ଅଶୋକ ପଣ୍ଡା, ପ୍ରତାପ ଦେବ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ.ଅରୁଣ କୁମାର ସାହୁ, ନିରଞ୍ଜନ ପୂଜାରୀ, ବ୍ୟୋମକେଶ ରାୟ, ଗଣେଶ୍ୱର ବେହେରା, ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ସୁଲୋଚନା ଦାସ, ସଞ୍ଜୟ ଦାସବର୍ମା, ସୁଧୀର ସାମଲ, ପ୍ରଣବ ବଳବନ୍ତରାୟ, ପଦ୍ମନାଭ ବେହେରା, ସ୍ନେହାଙ୍ଗିନୀ ଛୁରିଆ, ସୁଲତା ଦେଓ, ଶର୍ମିଷ୍ଠା ସେଠୀ, ବ୍ରଜକିଶୋର ପ୍ରଧାନ, ନଳିନୀକାନ୍ତ ପ୍ରଧାନ, ଅଶ୍ୱୀନ କୁମାର ପାତ୍ର, ଗୌତମ ବୁଦ୍ଧ ଦାସ, ମାଧବ ଧଡା, ବର୍ଷା ସିଂ ବରିହା, ସଞ୍ଜୀବ କୁମାର ମଲ୍ଲିକ, କଳିକେଶ ନାରାୟଣ ସିଂଦେଓ, ମନ୍ମଥ ରାଉତରାୟ, ପ୍ରଶାନ୍ତ ବେହେରା, ରୋମାଞ୍ଚରଞ୍ଜନ ବିଶ୍ୱାଳ, ରୂପେଶ ପାଣିଗ୍ରାହୀ, ସାରଦା ପ୍ରସନ୍ନ ଜେନା, ବିଶ୍ୱରଞ୍ଜନ ମଲ୍ଲିକ, ସୁଜାତା ସାହୁ, ପ୍ରଦୀପ କୁମାର ଦୀଶାରୀ, ଦିବ୍ୟଶଙ୍କର ମିଶ୍ର, ଧ୍ରୁବଚରଣ ସାହୁ, ବଦ୍ରୀନାରାୟଣ ପାତ୍ର, ଅଭିମନ୍ୟୁ ସେଠୀ, ବିଭୂତି ଭୂଷଣ ବଳବନ୍ତରାୟ, ପ୍ରଦୀପ କୁମାର ସାହୁ, ମନୋହର ରନ୍ଧାରୀ, ଅଧିରାଜ ମୋହନ ପାଣିଗ୍ରାହୀ, ତୁଷାରକାନ୍ତୀ ବେହେରା, ସୁନିଲ କୁମାର ମହାନ୍ତି, ସୁଦର୍ଶନ ହରିପାଲ, ନୃସିଂହ ସାହୁ, ପ୍ରଦୀପ ମାଝୀ, ଯୋଗେଶ କୁମାର ସିଂ, ରୋହିତ ଯୋଶେ' ତିର୍କୀ, ସାରଦା ପ୍ରସାଦ ନାୟକ, ଝିନ୍ନ ହୀକ୍କାକା, ଦେବାଶିଷ ମାରାଣ୍ଡି, ଦେବେଶ ଆଚାର୍ଯ୍ୟ, ଅମରେଶ ପତ୍ରୀ, ସମେତ ଅନ୍ୟାନ୍ୟ ଯୁବ ଓ ଛାତ୍ର ନେତୃତ୍ୱମାନେ ଉପସ୍ଥିତ ଥିଲେ।

**NOTICE**

By virtue of an affidavit sworn before The Notary Public Salepur , Cuttack, dated 19.09.2026 I, Abdul Gaffar, S/O- Abdul Jabbar, Address At- Jholashahi, Post-Buxibazar, Ps-Mangalabag,Dist-Cuttack, Pin-753001, Odisha declare that I have changed the Name of my Daughter from Ronak Bano to Raunak Bano .Henceforth, she shall be known as **Raunak Bano** for all purposes.

Abdul Gaffar

**NOTICE**

By virtue of an affidavit sworn before The Executive Magistrate Salepur ,Cuttack, dated 18.09.2026 I, Anwari Begum, W/O- Samasher Khan, Address At Patana, Post-Mahasinghpur, PS - Salepur, Dist -Kataka,Odisha declare that I have changed the Name of my Daughter from SAZIYA PARWEEN to SADIYA PARWIN .Henceforth, she shall be known as **SADIYA PARWIN** for all purposes.

Anwari Begum

34001/847/2627

E-Mail I.D.-eepwdcuttack@gmail.com
Tel./ Fax No.(0671)-2304128

**OFFICE OF THE SUPERINTENDING ENGINEER**
**KATAKA (R&B) DIVISION NO.I: KATAKA**
**GOVERNMENT OF ODISHA "e" procurement Notice**
**e-procurement Notice for Building (E.I.) works**

**Bid Identification No. S.E. CTC(R&B) - 32 of 2026-27**

The Superintending Engineer, Kataka (R&B) Division No. I, Kataka on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for building work (E.I) as mentioned below.

1. No. of the Work :- **02 (Two) Nos. of E.I Works**
2. Date & time of availability of bid document in the portal :- **From dt.23/09/2026 to 5PM of dt.07/10/2026**
3. Last date / time of receipt of bids in the portal :- **5PM of dt.07/10/2026**
4. Date & time of opening of bids :- **11 A.M of dt. 08/10/2026**
5. Name and address of the Officer Inviting Bid :- **Superintending Engineer, Kataka (R&B) Division No. I, Kataka**

Further details can be seen from the e-procurement portal **"https://tendersodisha.gov.in"**

Er. Md. Shahbaz
Superintending Engineer
Kataka (R&B) Division No. I, Kataka

OIPR-34001/34091/1/26-27/0023

25001/1182/2627

E-mail: ee_rwsbkd@yahoo.com

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I ,BHADRAK**
**"e" Procurement Notice for Road & Building Works**
**Bid Identification No. Online Tender 5 of 2026-27**

1. Name of the Work :- Roads & Buildings
2. Total No. of Works :- 3 Nos
3. Estimated Cost :- Rs. 4.24 Lakh to Rs.16.95 Lakh
4. Class of Contractor :- "C" & "D" Class
5. Period of Completion :- As per Annexure
6. Type of Tender :- Single Cover
7. Other Details :-

| Procurement Officer | Bid Identification No. | Availability of Tender On-line for bidding | | Date of seeking of Tender | Date & Time of Opening of Tender |
|---|---|---|---|---|---|
| | | From | To | | |
| 1 | 2 | 3 | 3 | 4 | 5 |
| Executive Engineer, Rural Works Division-I, Bhadrak | Online-5 of 2026-27 | 03.10.2026 At 4.00 P.M | 13.10.2026 At- 5.00 P.M | 13.10.2026 At-2.00 P.M | 14.10.2026 At- 11.00 A.M. |

Further details can be seen from the e-procurement portal "https://tendersorissa.gov.in "

**N.B.**-Transparency Lottery date will be intimated later. Signed Scan copy of Schedule "A", "E" & "F" Sheet is mandatory. Non submission of the sheet may cause rejection of the bid.

Sd/-Er.Ganesh Chandra Hembram
Executive Engineer,
R.W. Division, Bhadrak

OIPR-25001/25060/1/26-27/0004

**OFFICE OF THE DISTRICT PROJECT COORDINATOR**
**SAMAGRA SHIKSHA, BOUDH**
Circuit House Campus, Boudh, P.O./Dist- BOUDH- 762 014
website : www.opepa.in email: dpcboudhssa.opepa@nic.in

ସମଗ୍ର ଶିକ୍ଷା
समग्र शिक्षा
Samagra Shiksha

27001/179/2627

No. 1354 | **TENDER CALL NOTICE** | Date 21.09.2026

Sealed tenders are invited from manufacturers, authorized dealers, suppliers, firms and agencies having valid GST Registration and PAN for supply, installation and commissioning of Resource Materials / Equipment required for operationalization of the Saksham Kendra (2nd Phase) approved under Samagra Shiksha at Govt. Nodal High School, Harabhanga, District- Boudh. The Supplier shall have to furnish offer price item wise as mentioned in the bid after going through the terms and conditions of the tender pulished in **Boudh district website** www.boudh.odisha.gov.in **and OSEPA website** www.osepa.odisha.gov.in.

The tender should reach the office through Registered / Speed Post to the undersigned on or before **01.10.2026 by 5.00 P.M.** The tenders shall be opened on **03.10.2025 at 10.00 A.M** in the presence of bidders or their authorized representatives. The undersigned reserves all rights to reject any or all tenders without assigning any reason thereof.

*By the order of Collector-cum-Chairman*

DEO-cum-DPC
Samagra Shiksha, Boudh

OIPR-27001/27138/1/26-27/0001

**GOVERNMENT OF ODISHA**
**PANCHAYATI RAJ & DRINKING WATER DEPTT.**
**OFFICE OF THE PANCHAYAT SAMITI , SOHELA**
At-Sohela, Po-SOHELA, Dist-Bargarh, Pin-768033
E-mail:- ori-sohella@od.gov.in

19001/264/2627

No. **3321** | Dt. **19.09.2026**

**National Competitive Bidding through e-procurement**
**Bid Identification No. 09 /2026-27**

The BDO, SOHELA on behalf of PANCHAYAT SAMITI, SOHELA invites Percentage bid through e-procurement in single cover system according to norm of e-Procurement system in on-line mode. Bid Documents consisting of work, Cost of Tender Paper, EMD, Time of Completion, Class of Contractor and the set of Terms and conditions and other necessary documents can be seen in Govt website, i.e www.tendersodisha.gov.in

1. Nature of Work : Building Construction work as mentioned in DTCN.
2. No. of works : 1 (One Nos.)
3. Estimate Cost : Rs. 1087930/-
4. Period of Completion : 150 Days
5. Class of Contractor : "D" Class
6. Date & Time of availability of Bid Documents in the portal for Bidding. : **11.00 AM on dt.21-09-2026 up to 05.00 PM on dt.01-10-2026**
7. Last date & time for receipt of Bids in the portal. : **01-10-2026 at 05.00 PM.**
8. Bid opening Date : **Dt.03-10-2026 at 11.00 AM**

The bidders have to participate in online bidding only. Further details can be seen from the website https://www.tendersodisha.gov.in

**Block Development Officer**
SOHELA

OIPR-19001/19411/1/26-27/0004

**NOTICE**

By virtue of an affidavit sworn before The Notary Public Salepur, Cuttack, dated 18.09.2026 I, Sunyashree Sahu , D/O-Bishnab Charan Sahu, Address at-Haripur, Post-Buxibazar, Ps-Purighat, Dist-Cuttack, Pin-753001, Odisha declare that I have changed my name from Sunya shree Pradhan to Sunyasree Sahu. Henceforth, I shall be known as **Sunyasree Sahu** for all purposes.

Sunyasree Sahu

**NOTICE**

By virtue of an affidavit sworn before Executive Magistrate, Salipur, dated 01.09.2026 I, Subas chandra Behera, S/O-Sindhu Behera Address at-Totapada, Post-Totapada,Ps-Kishorenagar, Dist-Cuttack,Pin-754131, Odisha declare that I have changed the Name of my Daughter from Supranna Behera to Suparna Behera. Henceforth, she shall be known as **Suparna Behera** for all purposes.

Subas chandra behera

**VEHICLE FOR SALE**

MARUTI ERTIGA VXI , Model - 2024, Registration No-OD-33-AP-6726, in as is where is condition. Contact: M/S Sundaram Finance Limited, BHUBANESWAR BRANCH Ph:9437575689, within 7 days

**AFFIDAVIT**

By virtue of an affidavit sworn before the Executive Magistrate, Bhubaneswar, dated 18/08/2026, CF No.- 923, I Ramesh Chandra Dalai, S/o- Late Magu Dalai, At-Arakhakuda, Po-Kudanagari, PS-Kudanagari, Dist-Kendrapara, Pin-754134, declare that I have changed my name from Tukuna Dalai to Ramesh Chandra Dalai. Henceforth, I shall be known as **Ramesh Chandra Dalai** for all purposes.

Ramesh Chandra Dalai

**AFFIDAVIT**

By virtue of an Affidavit, No. 436, Dated. 21.09.20026, before the Notary Public, Bhubaneswar, I, Kalyani Rajguru Mohapatra, W/o Subeejit Rajguru Mohapatra, Plot No-67, Anant Vihar, Phase-II, Pokhariput, Bhubaneswar, Odisha -751020 declare that I have changed my name from Pravu Kalyani Mohanty to Kalyani Rajguru Mohapatra. Henceforth, I shall be known as **Kalyani Rajguru Mohapatra** for all purposes.

Kalyani Rajguru Mohapatra

**AFFIDAVIT**

By virtue of an affidavit sworn before Notary Public R.K. Behera, Udala dated22-09-2026,I Sitarani Puthal, age 56, W/o- Rabinarayan Puthal At-Baripada Unit-3, Forest colony(Bhanjpur), Po/Ps-Bhanjpur, Dist- Mayurbhanj, declare that my original name is Sitarani Basa mention in my all documents. after marriage my title has been changed to Puthal, i.e Sitarani Puthal. Sitarani Puthal and Sitarani Basa is one and same person that is myself. Henceforth I will be known as **Sitarani Basa** for all purpose.

**AFFIDAVIT**

I, Pooja Behera, aged about 33 years, W/o-Sumitesh Hota, resident of At- Ward No.1, Mission Area, Khariar, PO/PS-Khariar, Dist- Nuapada, Odisha declared by this affidavit No. 1677, dtd-21/09/2026 that now onwards I shall be known as **POOJA HOTA** for all future purposes.

**ସର୍ବସାଧାରଣ ସୂଚନା**

ଏତଦ୍ୱାରା **OSCAR College of Science & Technology**, ଗୁଆଳିସିଂ ଡେରାବିଶ, କେନ୍ଦ୍ରାପଡା, ଓଡ଼ିଶାଙ୍କୁ ଅବଗତ କରାଯାଉଛି ଯେ, ସେମାନଙ୍କର **OR-29-5005**, ପଞ୍ଜୀକରଣ ନମ୍ବର ବିଶିଷ୍ଟ ବସ୍‌ଟି ଖରାପ ଓ ଚଳାଚଳ ଅନୁପଯୋଗୀ ଅବସ୍ଥାରେ ମରାମତି ପାଇଁ କମଳା ଅଟୋମୋବାଇଲ୍ସ, ପଳାଶୁଣି, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର, ପରିସରକୁ ଟାଣି ଅଣାଯାଇଥିଲା । ଉକ୍ତ ବସ୍‌ଟି ଗତ ୯ ବର୍ଷରୁ ଅଧିକ ସମୟ ଧରି ଆମ ପରିସରରେ ରହିଛି ।
ମାଲିକଙ୍କ ସହିତ ଯୋଗାଯୋଗ କରିବା ନିମନ୍ତେ ବାରମ୍ବାର ପ୍ରୟାସ କରାଯିବା ସହିତ ଶେଷ ଜଣାଥିବା ଠିକଣାକୁ ବିଜ୍ଞପ୍ତି ପଠାଯାଇଥିଲେ ମଧ୍ୟ, ସେଗୁଡିକ ଅପ୍ରାପ୍ତ ହୋଇ ଫେରିଆସିଛି ।
ଏହି ବିଜ୍ଞପ୍ତି ପ୍ରକାଶ ତାରିଖଠାରୁ **୧୫** ଦିନ ମଧ୍ୟରେ ସମସ୍ତ ବକେୟା **ସଂରକ୍ଷଣ, ହେପାଜତ, ରକ୍ଷଣାବେକ୍ଷଣ**, ମରାମତି ଏବଂ ଅନ୍ୟାନ୍ୟ ପ୍ରଯୋଜ୍ୟ ଖର୍ଚ୍ଚ ପ୍ରଦାନ କରି ଉକ୍ତ ଯାନଟିକୁ ନେଇଯିବା ପାଇଁ ବସ୍‌ର ମାଲିକଙ୍କୁ ଏହା ଅନ୍ତିମ ଭାବେ ଆହ୍ୱାନ କରାଯାଉଛି ।
ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ନୋଟିସ୍‌ର ଅନୁପାଳନ ନ କଲେ, ଉକ୍ତ ଯାନଟିକୁ **ପରିତ୍ୟକ୍ତ ଯାନ** ଭାବେ ବିବେଚନା କରାଯିବ ଏବଂ ଏହାର ସମସ୍ତ ବିପଦ, ଖର୍ଚ୍ଚ ଓ ଦାୟିତ୍ୱ ଏକମାତ୍ର ମାଲିକଙ୍କର ରହିବ । ଏହି ଯାନ ସମ୍ପର୍କିତ କୌଣସି ପ୍ରକାରର ଦାବି କିମ୍ବା ଦାୟିତ୍ୱ ପାଇଁ କମଳା ଅଟୋମୋବାଇଲ୍ସ ଦାୟୀ ରହିବ ନାହିଁ ଏବଂ ଆଉ କୌଣସି ପୂର୍ବ ସୂଚନା ନଦେଇ ଉକ୍ତ ଯାନଟିକୁ ନିଜ ଅଧିକାର ଅନୁଯାୟୀ ବିକ୍ରୟ/ନିଷ୍ପତ୍ତି କରିବାର ଅଧିକାର ସଂରକ୍ଷିତ ରହିବ ।

କମଳା ଅଟୋମୋବାଇଲ୍ସ
ପଳାଶୁଣି, ଥାନା: ମଞ୍ଚେଶ୍ୱର, ଭୁବନେଶ୍ୱର ପକ୍ଷରୁ

**AFFIDAVIT**

By virtue of an affidavit sworn before the Executive Magistrate, Nayagarh, affidavit No.-338, dt. 18.09.2026,I, Suryakant Swain, S/o Sarat Swain,At- Haripur, P.O.- Alibada, P.S.- Gadisagoda, Dist.- Puri -752017, do hereby declare that I have changed my name from Suryakanta Swain to Suryakant Swain and my father's name SHARAT SWAIN to SARAT SWAIN. Henceforth, I shall be known as **Suryakant Swain** for all purposes.

Sd/- Suryakant Swain

**AFFIDAVIT**

By virtue of an affidavit sworn before Executive Magistrate Pipili A.F. No. 5558, on dated 22.09.2026, I, **AKHTARI NISHA**, D/o Abdul Jahur Alli Khan resident of AT-Sultan Nagar, PO- Danogahir, PS-Pipili, DIST- Puri, Pin - 752104 have changed my name from **AKTRI NISHA** to **AKHTARI NISHA**. Henceforth, I shall be known as **AKHTARI NISHA** for all purposes.

Sd- AKHTARI NISHA

**AFFIDAVIT**

By virtue of an affidavit sworn before Executive Magistrate, Sohela vide no. 01 dtd. 22.9.2026, I, Ajanta Meher, S/o- Dasharathi Meher, R/o Village/Po.- Kuchipali, Ps.-Melchhamunda, Dist.- Bargarh state that, I have changed my minor son's name from **Sumit Meher** to **Jogendra Meher**. Henceforth he will be known as **Jogendra Meher** for all future purposes.

Sd/- Ajanta Meher

**AFFIDAVIT**

By Virtue of an affidavit sworn before in the Court of Executive Magistrate, Basudevpur. I,NAYANA MOHANTY,w/o-DHARNIDHAR MOHANTY of Resident At/Po- ERTAL Ps-Basudevpur Dist-Bhadrak . Declared by Affidavit Sl No: -7024 Dtd-22/09/2026,That, my actual name is NAYANA MOHANTY as per my Aadhar No-556xxxxxx033 But in my L.I.C. Policy No.586242141 my name wrongly mentioned as RINA MOHANTY instead of NAYANA MOHANTY, W/o- DHARNIDHAR MOHANTY is same and one person for all future purpose.

**AFFIDAVIT**

I, Ajay Agrawala, aged about 45 years, S/o-Narayan Lal Agrawall, resident of At- Bali Sahi, Ps- Town, Dist-Puri, Odisha, PIN- 752001, do hereby declare by this affidavit No.1967, dtd-22.09.2026, that now onwards I shall be known as **AJAY KUMAR AGRAWALA** for all future purposes.

**AFFIDAVIT**

I, Ajay Kumar Agrawala, aged about 45 years, S/o-Narayan Lal Agrawall, resident of At- Bali Sahi, Ps- Town, Dist- Puri, Pin-752001, Odisha do hereby declare for my minor daughter **Hansaveni Agrawala** by this affidavit No. 1968, dtd- 22/09/2026, that now onwards she shall be known as **HANSAVENI AGARWAL** for all future purposes.

**AFFIDAVIT**

I, Lalita Agrawal, aged about 40 years, W/o-Ajay Kumar Agrawala, resident of At- Bali Sahi, Ps- Town, Dist- Puri, Odisha, PIN- 752001, do hereby declare by this affidavit No.1966, dtd- 22.09.2026, that now onwards I shall be known as **LALITA AGRAWALA** for all future purposes.

**Notice (above 18 years of age)**

By virtue of an affidavit sworn before The Tahasildar cum Executive Magistrate, Suliapada, Mayurbhanj , dated 08-09-2026 I, Sri Suman Mohanta age 25, S/o of Sri Lombodar Mohanta,At-Bankati, Po- Ufalgadia, Ps-Suliapada, Dist- Mayurbhanj declare that my actual and correct name is Suman Mohanta, which is mentioned in my Metric Certificate. But in Aadhaar card my name is wrongly mentioned as Samal Mahanta. Suman Mohanta and Samal Mahanta is one and same person, i.e myself. Henceforth, I shall be known as Suman Mohanta for all purposes.

**(Suman Mohanta)**

ସକାଳ
THE SAKALA



### ମରାମତି ଅପେକ୍ଷାରେ ଅନେକ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ

# ନିର୍ମାଣ ପରେ ରକ୍ଷଣାବେକ୍ଷଣ ଅଭାବ; ବଢୁଛି ଦୁର୍ଘଟଣା ଆଶଙ୍କା

ଥୁଆମୂଳ ରାମପୁର, ୨୨।୯ (ସମିସ)



କଳାହାଣ୍ଡି ଜିଲ୍ଲାର ଦୁର୍ଗମ ଥୁଆମୂଳ ରାମପୁର ବ୍ଲକରେ ଆଜିବି ଅନେକ ଗାଁକୁ ସବୁଦିନିଆ ପକ୍କା ରାସ୍ତା ଖଣ୍ଡେ ନ ଥିବା ଯୋଗୁଁ ଏସବୁ ଗାଁ ଦୁର୍ଗମ ଇଲାକା ପାଲଟିଛି। ଇତିମଧ୍ୟରେ ବ୍ଲକର ଅନେକ ଗାଁ କୁ ଗମନାଗମନର ସୁବ୍ୟବସ୍ଥା ପାଇଁ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ସଡ଼କ ନିର୍ମାଣ ହେଇସାରିଛି। ହେଲେ ଦୀର୍ଘଦିନ ଧରି ମରାମତି ଅଭାବରୁ ଶୋଚନୀୟ ଅବସ୍ଥାରେ ପଡ଼ିରହିଥିବା ଅଭିଯୋଗ ହୋଇଛି। ଅନେକ ସ୍ଥାନରେ ରାସ୍ତାରେ ଗର୍ତ୍ତ ସୃଷ୍ଟି ହୋଇଥିବାବେଳେ ରାସ୍ତା ଉପରୁ ପିଚୁ ଉଠିବା ସହିତ ଭୁଶୁଡ଼ିପଡ଼ି ମରଣଯନ୍ତା ହୋଇପଡ଼ିଛି। ରାସ୍ତାର ଉଭୟ ପାର୍ଶ୍ୱରେ ଲଟାବୁଦା ବଢ଼ି ଯାତାୟାତ ପାଇଁ ରାସ୍ତା ସଂକୀର୍ଣ୍ଣ ହୋଇପଡ଼ିଥିବା ବେଳେ ଆଗକୁ ରାସ୍ତା ଥିଲେ ମଧ୍ୟ ଅଦୃଶ୍ୟ ସଦୃଶ। ସ୍ଥାନୀୟଲୋକଙ୍କ କହିବା ଅନୁଯାୟୀ, ରାସ୍ତା ନିର୍ମାଣ ପରେ ନିର୍ଦ୍ଦିଷ୍ଟ ସମୟ ପାଇଁ ରକ୍ଷଣାବେକ୍ଷଣ ବ୍ୟବସ୍ଥା ରହିଥିଲେ ମଧ୍ୟ ଅନେକ ରାସ୍ତାରେ ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ନିୟମିତ ଭାବେ ହେଉ ନ ଥିବା ଦେଖାଯାଉଛି। ଫଳରେ ରାସ୍ତାର ସ୍ଥିତି ଦିନକୁ ଦିନ ଖରାପ ହେଉଥିବା ଅଭିଯୋଗ ହେଉଛି। କର୍ଲାପାଟ କରଡାପଦର ଛକଠାରୁ ଚଉଦଗୁଡ଼ା, ପେରମଞ୍ଜି ଠାରୁ ଭେଜିଗୁଡ଼ା, କିଆପଦର-ସାପମୁଣ୍ଡି, କିଆପଦର-ଡାଲଗୁମା, ସାଇସୁରୁଣୀ-ନାକୁରୁଣ୍ଡି, ଗୁଣପୁର-ଜୁବାଙ୍ଗ-ପୁଷ୍ଟିଗୁଡ଼ା, ସାଇସୁରୁଣୀ-ହାଡ଼ଖୁର୍ସି, ସାଇସୁରୁଣୀ-ପୋଲିଂଗପଦର, ଦାବ୍ରିଗୁଡ଼ା-ରଣପୁର, କାଣିଗୁମା-କିଆପଦର, ନେହେଲା-ଡାଲଗୁମା, କାଣିଗୁମା-ତରାଗାଁ, ଅମଠାଗୁଡା-ତାଡ଼ିଗୁଡ଼ା, ଧୁଳିଗୁଡା-କରାଙ୍ଗ, ଥୁଆମୂଳ ଭଟାଗୁଡା-କୁମଜୋର-ପୋଖରୀଗୁଡା, ପୋଖରୀଗୁଡା-ଉପରଝାପି, ଉପରଝାପି-ତଳଝାପି, ତେନ୍ତୁଳିପଡ଼ା-ଟାଙ୍ଗରି, ତେନ୍ତୁଳିପଡ଼ା-ଢୋଲପାସ୍, ମାଳିଗାଁ-ସୂର୍ଯ୍ୟଗଡ଼, ଖମାରପଦର-ମୁଣ୍ଡିଘାଟି, ବେଣାଖମାର-ହାଡସିଲ୍, ତଳନାଗୀ-ବାହାଡାଘାଟ, ଥୁଆମୂଳ ରାମପୁର-ମେଲକୁନ୍ଦେଲ, ଥୁଆମୂଳରାମପୁର-ପୋଖରା ପ୍ରମୁଖ ରାସ୍ତା ଗୁଡିକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ବିଶେଷକରି ବର୍ଷା ଋତୁରେ ରାସ୍ତାରେ ଗର୍ତ୍ତ ଓ ଭଙ୍ଗା ଅଂଶ ଯୋଗୁଁ ଦୁଇଚକିଆ ଯାନ, ଚାରିଚକିଆ ଯାନ ଓ ଯାତ୍ରୀବାହୀ ଗାଡି ଚଳାଚଳରେ ସମସ୍ୟା ଦେଖାଦେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଦୁର୍ଗମ ଅଞ୍ଚଳ ହୋଇଥିବାରୁ ଏହି ରାସ୍ତାଗୁଡିକ ଉପରେ ଗ୍ରାମବାସୀଙ୍କ ଦୈନନ୍ଦିନ ଯାତାୟାତ ସହ ସାମଗ୍ରୀ ପରିବହନ ଓ ଜରୁରୀକାଳୀନ ସେବା ନିର୍ଭର କରିଥାଏ। ତେଣୁ ରାସ୍ତାଗୁଡିକର ଶୀଘ୍ର ମରାମତି, ଲଟାବୁଦା ସଫା ଏବଂ ଆବଶ୍ୟକ ରକ୍ଷଣାବେକ୍ଷଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ରାସ୍ତାଗୁଡିକର ନିର୍ମାଣ, ରକ୍ଷଣାବେକ୍ଷଣ ଓ ବର୍ତ୍ତମାନର ଦାୟିତ୍ୱ କେଉଁ ସଂସ୍ଥା କିମ୍ବା ଠିକାଦାରଙ୍କ ଅଧୀନରେ ରହିଛି ଏବଂ ରକ୍ଷଣାବେକ୍ଷଣ ପାଇଁ ଥିବା ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କାହିଁକି ହେଇପାରୁନି ତାହା ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଦୁର୍ଘଟଣା କିମ୍ବା ବଡ଼ ଅଘଟଣ ଘଟିବା ପୂର୍ବରୁ ଶୋଚନୀୟ ରାସ୍ତାଗୁଡ଼ିକର ସ୍ଥିତି ଅନୁଧ୍ୟାନ କରି ତୁରନ୍ତ ମରାମତି ଓ ରକ୍ଷଣାବେକ୍ଷଣ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ରକ୍ତଦାନ ଶିବିର; ୭୨ ୟୁନିଟ ସଂଗ୍ରହ



କେସିଙ୍ଗା, ୨୨।୯ (ସମିସ): ଅଖିଳ ଭାରତୀୟ ତେରାପନ୍ଥ ଯୁବକ ପରିଷଦ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଯୁବ ବ୍ୟାପାର କ୍ରୀଡା ମନ୍ତ୍ରାଳୟ ଏବଂ ରେଳ ମନ୍ତ୍ରାଳୟର ସହାୟତାରେ ରକ୍ତଦାନ ଶିବିର ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ମର୍ମରେ କେସିଙ୍ଗା ତେରାପନ୍ଥ ଭବନଠାରେ ମଙ୍ଗଳବାର ସକାଳ ୯ରୁ ରକ୍ତଦାନ ଶିବିର ଆରମ୍ଭ ହୋଇସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ସର୍ବ ମୋଟ ୭୨ ୟୁନିଟ ରକ୍ତ ସଂଗ୍ରହ ହୋଇଛି। କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜହରଲାଲ ମହାନନ୍ଦ ଓ ସାଥୀ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭାପତି ଅଭିଷେକ ଜୈନ, ଅରୁଣ ଜୈନ, କୁଲଦୀପ ଜୈନ, ସମ୍ପାଦକ ରାହୁଲ ଜୈନ, ବିରେନ୍ଦ୍ର ଜୈନ, ମନିଶ ଜୈନ, କୋଷାଧ୍ୟକ୍ଷ ମୁଦିତ ଜୈନ, ପ୍ରିନ୍ସ ଜୈନଙ୍କ ସମେତ ପରିଷଦର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ରିଷିଡ଼ା ଶିଶୁମନ୍ଦିରର ପ୍ରତିଷ୍ଠା ଦିବସ ପାଳିତ

କର୍ଲାମୁଣ୍ଡା, ୨୨।୯ (ସମିସ): କର୍ଲାମୁଣ୍ଡା ବ୍ଲକ ଅଧୀନ ରିଷିଡ଼ାଠାରେ ଥିବା ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର୨୬ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପରିଚାଳନା ସମିତି ସଭାପତି ହିରୋଜ କୁମାର ଚାନ୍ଦ ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ସୁରେଶ ଚନ୍ଦ୍ର ଜୈନ ମୁଖ୍ୟଅତିଥି, ପୂର୍ବତନ ସମ୍ପାଦକ ତଥା ପ୍ରଥମ ପରିଚାଳନା ସମିତି କୋଷାଧ୍ୟକ୍ଷ ନେମିଚନ୍ଦ ଜୈନ, ପ୍ରଥମ ପରିଚାଳନା ସମିତି ସଦସ୍ୟ ତଥା ରଜତ ଜୟନ୍ତୀ କମିଟି ସମ୍ପାଦକ ନରୋତ୍ତମ ସେଲମା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଧାନଚାର୍ଯ୍ୟ ବାସୁଦେବ ସେଲମା ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

## ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ




ମନମୁଣ୍ଡା, ୨୨।୯ (ସମିସ): ବୌଦ୍ଧ ଜିଲ୍ଲା ମନମୁଣ୍ଡାଥାନା ରକ୍ସା (ଦହ୍ୟା) ପଞ୍ଚାୟତର ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମନମୁଣ୍ଡା ଥାନା ଭାରପ୍ରାପ୍ତ ଅଧିକାରୀ ଚିରଞ୍ଜିବୀ ବେହେରା, ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ବିଭୂତି ଭୂଷଣ ଡାଙ୍ଗ ଯୋଗ ଦେଇଥିଲେ। ମହାବିଦ୍ୟାଳୟର ପ୍ରତିଷ୍ଠାତା ତଥା ପରିଚାଳନା କମିଟି ସଭାପତି କିଶୋର ମେହେର ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଗୋପବନ୍ଧୁ ରାଜହଂସ ମଞ୍ଚ ପରିଚାଳନା କରିଥିବା ବେଳେ ଅଧ୍ୟକ୍ଷ ସୁଶାନ୍ତ ଗୁରୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ରଫେସର ଗୋପବନ୍ଧୁ ବେହେରାଙ୍କ ସ୍ମୃତିରେ ଶୋକସଭା



ଭବାନୀପାଟଣା, ୨୨।୯ (ସମିସ): କଳାହାଣ୍ଡି ମାଟିର ଅମ୍ଲାନ ସନ୍ତାନ ପ୍ରଫେସର ଗୋପବନ୍ଧୁ ବେହେରା ଇହଲୀଳା ସମ୍ବରଣ କରିଥିଲେ। ଏଇ ଦୁଃଖଦ ଖବର ସମ୍ପ୍ରସାରିତ ହେବା ପରେ ସମଗ୍ର ଜିଲ୍ଲାରେ ଶୋକର ଛାୟା ଉପମଣ୍ଡିତ ହୋଇଥିଲା। ଏ ଅବସରରେ କଳାହାଣ୍ଡି ଲେଖକ କଳା ପରିଷଦ ଆନୁକୂଲ୍ୟରେ ସମ୍ପାଦକ ଭବନାଥ ରାୟଗୁରୁଙ୍କ ପରିଚାଳନାରେ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ଉପସ୍ଥିତିରେ ଏକ ଶୋକସଭା ଆୟୋଜିତ ହୋଇଥିଲା। ପ୍ରଫେସର ବେହେରା ଲେଖକ କଳା ପରିଷଦରେ ବହୁବର୍ଷ ଉପଦେଷ୍ଟା ରହି ନିଜର ବିଶେଷ ଅନୁଧ୍ୟାନରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ସହିତ କଳାହାଣ୍ଡି ଶିକ୍ଷା ବିକାଶ ନିମିତ୍ତ ଅନେକ ଚେଷ୍ଟା କରିଥିଲେ ବୋଲି ଲେଖକ କଳା ପରିଷଦ ସଭାପତି ଉମେଶ ଚନ୍ଦ୍ର ପଣ୍ଡା ନିଜ ବକ୍ତବ୍ୟରେ ଉପସ୍ଥାପନା କରିଥିଲେ।

### ● ଚିନ୍ତା ବଢ଼ାଉଛି କଳାହାଣ୍ଡିରେ ଲଗାଣ ବର୍ଷା

## ୨୫ ତାରିଖ ଯାଏଁ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନ ଛୁଟି

ଭବାନୀପାଟଣା, ୨୨।୯ (ସମିସ): ସୃଷ୍ଟ ହୋଇଥିବା ଗଭୀର ଅବପାତ ଯୋଗୁଁ ମଙ୍ଗଳବାର ସକାଳୁ କଳାହାଣ୍ଡି ଜିଲ୍ଲାର ବିଭିନ୍ନ ସ୍ଥାନରେ ଘଡ଼ଘଡ଼ି, ବିଜୁଳି ମାରିବା ସହ ପ୍ରବଳ ବର୍ଷା ଲାଗିରହିଛି। ଫଳରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏହି ଲଗାଣ ବର୍ଷା ବୁଧବାର ମଧ୍ୟ ଜିଲାରେ ଭୟଙ୍କରରୂପ ନେବାର ପୂର୍ବାନୁମାନରୁ ଆଶଙ୍କା କରି ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ନିରାପତ୍ତାକୁ ଧ୍ୟାନରେ ରଖି ଜିଲ୍ଲାର ସମସ୍ତ ସରକାରୀ/ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରିଛନ୍ତି ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ। ତେବେ, ଶିକ୍ଷକ ଏବଂ କର୍ମଚାରୀମାନେ ନିଜର ସ୍ୱାଭାବିକ ସ୍କୁଲ୍ କାର୍ଯ୍ୟରେ ଯୋଗ ଦେଇପାରିବେ ଏବଂ ବିଦ୍ୟାଳୟର ବାକି ଥିବା କାମଗୁଡ଼ିକୁ ସମ୍ପୂର୍ଣ୍ଣ କରିପାରିବେ ବୋଲି ଏହି ବିଜ୍ଞପ୍ତିରେ ସେ ପ୍ରକାଶ କରିଛନ୍ତି। ଅନ୍ୟପଟେ, ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀ ଏବଂ କ୍ଷେତ୍ର କର୍ମଚାରୀଙ୍କ ଛୁଟି ଆସନ୍ତା ୨୫ ତାରିଖ ପ୍ରର୍ଯ୍ୟନ୍ତ ବାତିଲ କରାଯାଇଛି। ଯଦି କୌଣସି ଅଧିକାରୀ ଓ କ୍ଷେତ୍ର କର୍ମଚାରୀ ଛୁଟିରେ ଥାଆନ୍ତି, ତେବେ ତୁରନ୍ତ ନିଜ ନିଜ ମୁଖ୍ୟାଳୟରେ ପହଞ୍ଚି ରିପୋର୍ଟ କରିବାକୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

## ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

ବୌଦ୍ଧ, ୨୨।୯ (ସମିସ): ବୌଦ୍ଧ ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ଅଭିଯାନର ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଭୁତି ଭୂଷଣ ନାୟକ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧି ଏବଂ ଗଣମାଧ୍ୟମ ପ୍ରତିନିଧିଙ୍କ ଉପସ୍ଥିତିରେ ଏହି ଚୂଡ଼ାନ୍ତ ତାଲିକାକୁ ଉନ୍ମୋଚନ କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଏହାପରେ ଭୋଟର ତାଲିକା ସଂଶୋଧନର ସମସ୍ତ ଦିଗ ଉପସ୍ଥାପନ କରିଥିଲେ। ୮୫-କନ୍ଧମାଳ ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର ୮୪, ୬୨୩ ଜଣ, ମହିଳା ଭୋଟର ୮୦, ୭୭୩ ଜଣ ଏବଂ ତୃତୀୟ ଲିଙ୍ଗ ଭୋଟର ୪ ଜଣଙ୍କ ସହିତ ମୋଟ ଭୋଟର ୧, ୬୫, ୪୦୦ ଜଣ ରହିଛନ୍ତି। ସେହିପରି ୮୬-ବୌଦ୍ଧ ନିର୍ବାଚନମଣ୍ଡଳୀରେ ପୁରୁଷ ଭୋଟର ୮୨, ୬୬୪ ଜଣ, ମହିଳା ଭୋଟର ୭୭, ୮୧୫ ଜଣ ଏବଂ ତୃତୀୟ ଲିଙ୍ଗ ଭୋଟର ୭ ଜଣଙ୍କ ସହ ମୋଟ ଭୋଟର ୧, ୬୦, ୪୮୬ ଜଣ ରହିଛନ୍ତି। ପୁରୁଷ ଭୋଟର ୧୬୭୨୮୭ ଜଣ, ମହିଳା ଭୋଟର ୧୫୮୫୮୮ ଜଣ ଏବଂ ତୃତୀୟ ଲିଙ୍ଗ ଭୋଟର ୧୧ ଜଣଙ୍କ ସହିତ ମୋଟ ଭୋଟର ୩୨୫୮୮୬ ଜଣ ରହିଛନ୍ତି। ତେବେ ଯଦି କୌଣସି ଯୋଗ୍ୟ ନାଗରିକଙ୍କ ନାମ ତାଲିକାରୁ ବାଦ୍ ପଡ଼ିଥାଏ ତେବେ ସେମାନେ ପୁନର୍ବାର ଆବେଦନ କରିବାକୁ ଜିଲ୍ଲାପାଳ ଆହ୍ୱାନ ଦେଇଛନ୍ତି। ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ଉପଜିଲ୍ଲାପାଳ ତଥା ଇଆରଓ ବିନୟ ଭୋଇ ଏବଂ ଡେପୁଟି କଲେକ୍ଟର (ନିର୍ବାଚନ) ମନସୀତ ସ୍ୱରୂପ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ। ବିଜେଡିର ସୀତାଂଶୁ ଶେଖର ମହାକୁଳ, ସନ୍ତୋଷ ନାୟକ, ଅନିକେତ ଦାନୀ, ଘନଶ୍ୟାମ ଦନ୍ତା ଓ ଦାମୋଦର ମିଶ୍ର, ବିଜେପିର ପ୍ରେମାନନ୍ଦ ମିଶ୍ର, ଉପସଭାପତି ଶ୍ୟାମ ସୁନ୍ଦର ପୁରୋହିତ, ବିପ୍ରଚରଣ ମହାନ୍ତି, ଧୀରେନ ପ୍ରଧାନ, କଂଗ୍ରେସର ସମରେଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।




## କୁତୁର୍ଲାରେ ନିର୍ମାଣହେବ ଷ୍ଟାଡିୟମ

ଦେଓଗାଁ, ୨୨।୯ (ସମିସ): ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓଙ୍କ ପ୍ରସ୍ତାବ କ୍ରମେ କୁତୁର୍ଲାଠାରେ ଦେଓଗାଁ ବ୍ଲକସ୍ତରୀୟ ଏକ ଉନ୍ନତ ଷ୍ଟାଡିୟମ ନିର୍ମାଣ ହେବାକୁ ଯାଉଛି। ଏଥିପାଇଁ ୧୪କୋଟି ୫୫ଲକ୍ଷ ୩୦ ହଜାର ଟଙ୍କାର ଅନୁଦାନ ଅର୍ଥରାଶି ମଞ୍ଜୁର ହୋଇଛି। ଆଜି ଏହି ଖବର ପ୍ରଚାରିତ ହେବାପରେ ଅଞ୍ଚଳବାସୀ ବଲାଙ୍ଗୀର ବିଧାୟକ କଳିକେଶନାରାୟଣ ସିଂଦେଓଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି। ଦେଓଗାଁ ବ୍ଲକଅଞ୍ଚଳରେ ବିକାଶ କାମ ଆଗେଇ ଚାଲିଛି। ତେଣୁ ସ୍ଥାନୀୟ ବିଧାୟକ କଳିକେଶ ସିଂଦେଓଙ୍କୁ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର କୃତଜ୍ଞତା ଜଣାଇଛନ୍ତି।

## ପଞ୍ଚାୟତ ନିର୍ବାଚନ ପ୍ରସ୍ତୁତି ନେଇ ଆଲୋଚନା

ଖଡ଼ିଆଳ, ୨୨।୯ (ସମିସ): ବିଜେପି ଖଡ଼ିଆଳ ବିଧାନସଭା ଅଧୀନ ରିଷିପିଟି ମଣ୍ଡଳର ନେହେନା ଶକ୍ତି କେନ୍ଦ୍ରଠାରେ ଶକ୍ତି କେନ୍ଦ୍ର ପ୍ରମୁଖ ନୀଳମ୍ବର ବାଗଙ୍କ ନେତୃତ୍ୱରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ମଣ୍ଡଳ ସଭାପତି ସୁଶାନ୍ତ କୁମାର ବିଶି, ମୁଖ୍ୟଅତିଥି ଲମ୍ବୋଦର ନିଆଲ, ମଣ୍ଡଳ ପ୍ରଭାରୀ ରାତ୍ର ନନ୍ଦ ମନହିଁରା, ସହପ୍ରଭାରୀ ଗୋବର୍ଦ୍ଧନ ମେହେର ଏବଂ ମଣ୍ଡଳ ସଂଗଠନ ପାଳକ ସଞ୍ଜୟ ତିୱାରୀ ପ୍ରମୁଖ ଯୋଗଦେଇଥିଲେ। ଏହାସହ ନେହେନା ଶକ୍ତି କେନ୍ଦ୍ର ଅନ୍ତର୍ଗତ ବିଭିନ୍ନ ବୁଥ୍‌ର ସଭାପତି, ସମ୍ପାଦକ, ବିଏଲଏ-୨, 'ମନ୍ କୀ ବାତ' ପ୍ରମୁଖ, ୱାର୍କସପ୍ ପ୍ରମୁଖ, ଲାଭାର୍ଥୀ ପ୍ରମୁଖଙ୍କ ସମେତ ଜିଲ୍ଲା, ମଣ୍ଡଳ ଓ ଶକ୍ତି କେନ୍ଦ୍ରସ୍ତରୀୟ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବୈଠକରେ 'ସେବା ସଂକଳ୍ପ ଅଭିଯାନ-୨୦୨୬'କୁ ସଫଳ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ସାଙ୍ଗଠନିକ ପ୍ରସ୍ତୁତି, ବୁଥ୍‌ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ଏବଂ କାର୍ଯ୍ୟକର୍ତ୍ତାଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା ହୋଇଥିଲା।

## ପରିତ୍ୟକ୍ତ ଅବସ୍ଥାରେ ଡାକ୍ତରଖାନା ବିଲ୍ଡିଂ




ଖଡ଼ିଆଳ, ୨୨।୯ (ସମିସ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ମଧ୍ୟସ୍ଥଳରେ ଥିବା ପୁରୁଣା ଡାକ୍ତରଖାନା ବିଲ୍ଡିଂ ଦୀର୍ଘଦିନ ହେଲା ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ପ୍ରାୟ ୫ ବର୍ଷ ପୂର୍ବେ ସହରରୁ ଡାକ୍ତରଖାନା ଚନାବେଡା ଗ୍ରାମପାଖକୁ ସ୍ଥାନାନ୍ତର ହେବାପରେ ଏହି ପରିସରର କୌଣସି ସୁବିନିଯୋଗ ହୋଇ ନ ଥିବାରୁ ସହରର ମୂଲ୍ୟବାନ ଜମି ଅବ୍ୟବହୃତ ହୋଇପଡ଼ିଛି। ସହରର ମଧ୍ୟଭାଗରେ ଥିବା ଏହି ପୁରୁଣା କୋଠାକୁ ଆବଶ୍ୟକ ହେଲେ ଭାଙ୍ଗି ଏହାର ସ୍ଥାନରେ ଆଧୁନିକ ଓ ବହୁମୁଖୀ ବିଲ୍ଡିଂ ନିର୍ମାଣ କରାଯିବାକୁ ସହରବାସୀଙ୍କ ପକ୍ଷରୁ ଦାବି ହୋଇଛି। ସେହିପରି ସହରର ବିଭିନ୍ନ ସ୍ଥାନରେ ଛୋଟଛୋଟ ମାର୍କେଟଗୁଡ଼ିକୁ ଏକତ୍ର କରି ଏଠାରେ ସୁସଜ୍ଜିତ ବ୍ୟବସାୟିକ କମ୍ପ୍ଲେକ୍ସ କରାଗଲେ ସହରର ବ୍ୟବସାୟିକ ବ୍ୟବସ୍ଥା ଅଧିକ ସୁସଂଗଠିତ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି। ଏପରି ବ୍ୟବସ୍ଥାହେଲେ ରାସ୍ତାକଡ଼ରେ ଅନିୟମିତ ଭାବେ ଦୋକାନ ବସିବା, ଯାତାୟାତ ଜାମ୍ ଓ ପାର୍କିଂ ସମସ୍ୟା ହ୍ରାସ ପାଇବା ସହ ସହରର ସୌନ୍ଦର୍ଯ୍ୟ ବଢ଼ିପାରିବ। ତେଣୁ ଖଡ଼ିଆଳ ସହରର ବିକାଶ ଓ ସୁନ୍ଦରୀକରଣ ଦୃଷ୍ଟିରୁ ଏହି ମୂଲ୍ୟବାନ ସ୍ଥାନର ସୁବିନିଯୋଗ କରିବା ସହ ପୁରୁଣା କୋଠାକୁ ଭାଙ୍ଗି ଆଧୁନିକ ବ୍ୟବସାୟିକ କମ୍ପ୍ଲେକ୍ସ ନିର୍ମାଣ ଏବଂ ସମସ୍ତ ମାର୍କେଟକୁ ଗୋଟିଏ ସ୍ଥାନରେ କରିବାକୁ ସହରବାସୀ ଦାବି କରିଛନ୍ତି।

## ବୀରମହାରାଜପୁରରେ ଅଭିଯୋଗ ଶୁଣାଣି

ବୀରମହାରାଜପୁର, ୨୨।୯ (ସମିସ): ସୁବର୍ଣ୍ଣପୁର ଜିଲ୍ଲାର ବୀରମହାରାଜପୁର ବ୍ଲକ ସଭାଗୃହରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀ ଓ ଉପଖଣ୍ଡ ପୁଲିସ ଅଧିକାରୀ ହେମନ୍ତ ରାଓ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗ ଓ ସମସ୍ୟା ଶୁଣିଥିଲେ। ୫୫ଟି ଅଭିଯୋଗ ଦରଖାସ୍ତ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫୧ଟି ବ୍ୟକ୍ତିଗତ, ୪ଟି ସାମୂହିକ ଦରଖାସ୍ତ ଗ୍ରହଣ ହୋଇଥିଲା। ଏହି ଅବସରରେ ଜିଲ୍ଲା ପରିଷଦ ସୁବର୍ଣ୍ଣପୁର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଉପ ଜିଲ୍ଲାପାଳ ସୁରେନ୍ଦ୍ର ମେହେର, ମୁଖ୍ୟ ଚିକିତ୍ସା ଓ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ ଏବଂ ନଳିନୀ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ ହାଂସଦା, ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ରେଖପୁର ଗୌନ୍ତିଆ ଟଙ୍କଧର ଭୋଇଙ୍କ ସ୍ମୃତିସଭା



ଭବାନୀପାଟଣା, ୨୨।୯ (ସମିସ): ଯାଦବ ସମାଜର ଭବାନୀପାଟଣା ଉପଖଣ୍ଡ ଏବଂ ନର୍ଲା ବ୍ଲକ ଯାଦବ ସମିତିର ସଭାପତି ଭାବେ ଦୀର୍ଘ ୪୪ ବର୍ଷ ଧରି କାର୍ଯ୍ୟ କରିଥିବା ରେଖପୁର ଗୌନ୍ତିଆ ଟଙ୍କଧର ଭୋଇଙ୍କ ଏକଦଶାହ ଦିବସ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ପୂର୍ବତନ ସଭାପତି ଡମ୍ବରୁଧର ଲହଜଲଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ ସଭାରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସଭାପତି ନୃପରାଜ ଯାଦବ, ଜିଲ୍ଲା ସାଧାରଣ ସମ୍ପାଦକ ତ୍ରିପୁରା ନାୟକ, ଜିଲ୍ଲା ଆଇନ ପରାମର୍ଶଦାତା ସଞ୍ଜୟଧଙ୍ଗଡ଼ାମାଝୀ, ଉତ୍କଳ ଯାଦବ ମହାସଭାର ମହିଳା ସଭାନେତ୍ରୀ ସଞ୍ଜୁକ୍ତା ବେହେରା, ଉତ୍କଳ ଯାଦବ ମହାସଭା ସମ୍ପାଦକ ଗୋବିନ୍ଦ ବନଛୋର, ଉତ୍କଳ ଯାଦବ ମହାସଭାର ପୂର୍ବତନ ଉପସଭାପତି ମହେନ୍ଦ୍ର ନାଏକ, ଉତ୍କଳ ଯାଦବ ମହାସଭାର ପୂର୍ବତନ ସମ୍ପାଦକ କିର୍ତ୍ତନ ନାଏକ, କଳାହାଣ୍ଡି ଜିଲ୍ଲା ଯୁବ ଯାଦବ ମହାସଭା ସଭାପତି ପିତବାସ ବେହେରା, କଳାହାଣ୍ଡି ଜିଲ୍ଲା ବିଜେପି ସଭାପତି ଯୁଗଳ କିଶୋର ପୋଢ, ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁ, ବରିଷ୍ଠ ଯାଦବ ନେତା ଚୁଡ଼ାମଣି ନାଏକ, ଶେଷଦେବ ପୋଢ, ଅଙ୍କୁର ଯାଦବ, ହୃଷିକେଶ ଭୋଇ, ଡାକେ ଲହଜଲ, ସିଦ୍ଧେଶ୍ୱର ଗହୀର, ଜ୍ୟୋତ୍ସ୍ନାମୟୀ ବଗର୍ତ୍ତି, ପଙ୍କଜ ବଗର୍ତ୍ତି, ପ୍ରଦୀପ ଧଙ୍ଗଡ଼ାମାଝୀ, ପ୍ରଫୁଲ୍ଲ ନାଏକ, ପ୍ରକାଶ ଚନ୍ଦ୍ର ଭୋଇ ପ୍ରମୁଖଙ୍କ ସହ ଅନେକ ବିଶିଷ୍ଟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ସୁଧୀର ଧଙ୍ଗଡ଼ାମାଝୀ ସଭା ସଂଯୋଜନା କରିଥିବାବେଳେ ପୁଅ ଟର୍ଜନ ଭୋଇ, ଷଡାନନ ଭୋଇ, ନାତି ଲୋହିତପ୍ରସାଦ ଭୋଇ, ଡିଙ୍ଗର ଭୋଇ, ଜ୍ଞାତି କୁଟୁମ୍ବ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ।

### ଧାନ ଚାଷରେ ରୋଗ ପୋକ

# ଉଜୁଡ଼ିଯାଉଛି ମାଇଲ୍ ମାଇଲ୍ ସୁନାର ଫସଲ

ଧର୍ମଗଡ଼, ୨୨।୯ (ସମିସ)



ଧର୍ମଗଡ଼ ବ୍ଲକର ଅନ୍ନଦାତାଙ୍କ ପିଛା ଛାଡୁନି ଦୁର୍ଦ୍ଦଶା। କେତେବେଳେ ପ୍ରକୃତିର ଦାଉ ତ କେତେବେଳେ ପ୍ରଶାସନିକ ଅବହେଳା, ସବୁ ସମୟରେ ବଳି ପଡୁଛି ସରଳ ଚାଷୀ। ଧାନ ବିହନ କିଣିବା ଠାରୁ ଆରମ୍ଭ କରି ବଜାରରେ ରାସାୟନିକ ସାର ଓ କୀଟନାଶକ ଔଷଧ କ୍ରୟ କରିବା ପର୍ଯ୍ୟନ୍ତ ସବୁ ସ୍ତରରେ ଦଲାଲ ଓ ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଶୋଷଣର ଶିକାର ହେଉଥିବା ଚାଷୀ ଏବେ ରୋଗ ପୋକର ପ୍ରାଦୁର୍ଭାବ ଯୋଗୁଁ ସମ୍ପୂର୍ଣ୍ଣ ମେରୁଦଣ୍ଡ ଭାଙ୍ଗି ପଡ଼ିଛି। ଠିକ୍ ଯେଉଁ ସମୟରେ ହାଡ଼ଭଙ୍ଗା ପରିଶ୍ରମ କରି ଧାନ ରୁଆ ବେଉସା କାମ ଶେଷ କରି ଚାଷୀ ଜମିରେ ଖତ ସାର ପ୍ରୟୋଗ କରିଥିଲା ଏବଂ କ୍ଷେତରେ ସବୁଜିମା ଦେଖି ଆଗାମୀ ଦିନରେ ସୁନାର ଫସଲ ଅମଳ ହେବାର ସ୍ୱପ୍ନ ଦେଖୁଥିଲା, ଠିକ୍ ସେତିକି ବେଳେ ଧାନ ଗଛରେ ଅଜଣା ରୋଗ ପୋକ ହୋଇ ଚାଷୀଙ୍କ ନିଦ ଓ ଭୋକ ହଜାଇ ଦେଇଛି। ଧର୍ମଗଡ଼ ବ୍ଲକ ଦଣ୍ଡପାଟ ଅଞ୍ଚଳରେ ଏବେ ଏଭଳି ରୋଗ ପୋକର ବ୍ୟାପକ ପ୍ରକୋପ ସମଗ୍ର ଚାଷୀକୁଳ ପାଇଁ ଏକ ବଡ଼ ବିପତ୍ତି ସଦୃଶ ଉଭା ହୋଇଛି। ସୂଚନା ଅନୁଯାୟୀ, ଏହି ଅଞ୍ଚଳର ବେହେରା, ପର୍ଲା, ଜୟନ୍ତପୁର, ଧଅଁରପୁର ଏବଂ ଛନ୍‌ଟାଣବାହେଲି ଆଦି ପ୍ରମୁଖ ପଞ୍ଚାୟତର ଶତାଧିକ ହେକ୍ଟର ଚାଷ ଜମିରେ ଏହି ମାରାତ୍ମକ ରୋଗ ପୋକ ଖୁବ୍ ଦ୍ରୁତ ଗତିରେ ବ୍ୟାପିବାରେ ଲାଗିଛି। ଧାନ ଫସଲରେ ମୁଖ୍ୟତଃ ପତ୍ର ପୋଡା ଏବଂ ଗଣ୍ଠି ପୋକ ବା କାଣ୍ଡବିନ୍ଧା ଲାଗି ରହିଥିବା ଦେଖାଯାଇଛି। ସ୍ଥିତି ଏଭଳି ହୋଇଛି ଯେ, ରୁଆ ଯାଇଥିବା ଧାନ ଗଛଗୁଡ଼ିକ ଏବେ ଧୀରେଧୀରେ ଜଳିଯିବା ବା ପୋଡିବା ଆରମ୍ଭ ହୋଇଛି। ପ୍ରଥମେ ପତ୍ରଗୁଡ଼ିକର ଅଗ୍ରଭାଗ ହଳଦିଆ ହୋଇଯାଉଛି ଏବଂ ପରେ ପରେ ସମ୍ପୂର୍ଣ୍ଣ ଗଛ ଶୁଖି ଶୁଖି ମରିଯାଉଛି। କ୍ଷେତକୁ ଚାହିଁଲେ ଚାଷୀର ଆଖିରୁ ଲୁହ ଧାର ଛୁଟୁଛି, କାରଣ ଯେଉଁ ଫସଲକୁ ସେ ନିଜ ସନ୍ତାନ ଭଳି ପାଳିଥିଲା, ତାହା ଆଖି ସାମ୍ନାରେ ନଷ୍ଟ ହୋଇଯାଉଛି। ସବୁଠାରୁ ଉଦ୍‌ବେଗଜନକ ବିଷୟ ହେଉଛି, ଏହି ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଚାଷୀମାନେ ନିଜ ପକେଟରୁ ଗଣ୍ଡିଲି ଧନ ଖର୍ଚ୍ଚ କରି ବଜାରରୁ ବିଭିନ୍ନ ପ୍ରକାରର ଅଧିକ ଦାମୀ କୀଟନାଶକ ଓ ରୋଗନାଶକ ଔଷଧ ଆଣି ବାରମ୍ବାର ପ୍ରୟୋଗ କରୁଥିଲେ ମଧ୍ୟ ସଂକ୍ରମଣ ଥମିବାର ସାମାନ୍ୟତମ ଲକ୍ଷଣ ଦେଖାଯାଉ ନାହିଁ। ସ୍ଥାନୀୟ ବଜାରରେ କେତେକ ଅସାଧୁ ବ୍ୟବସାୟୀ ଚାଷୀଙ୍କ ଅସହାୟତାର ସୁଯୋଗ ନେଇ ଅନୁମୋଦନହୀନ ଓ ନିମ୍ନମାନର କୀଟନାଶକ ବିକ୍ରି କରୁଥିବା ନେଇ ମଧ୍ୟ ଗୁରୁତର ଅଭିଯୋଗ ହେଉଛି। ଏହା ଦ୍ୱାରା ଚାଷୀର କୃଷି ଖର୍ଚ୍ଚ ଦ୍ୱିଗୁଣିତ, ତ୍ରିଗୁଣିତ ହୋଇ ଚାଲିଛି ସିନା, କିନ୍ତୁ କ୍ଷେତରୁ ପୋକ ମରୁନାହାନ୍ତି କି ଗଛ ବଞ୍ଚୁନାହିଁ। ଚାଷୀମାନେ ନିଜ ଜମିକୁ ବଞ୍ଚାଇବା ପାଇଁ ସୁନା ଗହଣା ବନ୍ଧକ ରଖି, ସୋସାଇଟିରୁ କରଜ କରି କିମ୍ବା ଗାଁ ମହାଜନଙ୍କ ଠାରୁ ଚଢ଼ା ସୁଧରେ ବେସରକାରୀ ଋଣ ଆଣି ଚାଷରେ ପୁଞ୍ଜି ଲଗାଇଥିଲେ। ଏବେ ଫସଲ ସମ୍ପୂର୍ଣ୍ଣ ମୂଳପୋଛ ହେବାକୁ ବସିଥିବାରୁ ଆଗାମୀ ଦିନରେ କରଜ କେମିତି ସୁଝିବେ ଏବଂ ପରିବାର କେମିତି ପ୍ରତିପୋଷଣ କରିବେ, ସେହି ଚିନ୍ତା ଚାଷୀଙ୍କୁ ଘାରିଛି। ଏହି ସଙ୍କଟଜନକ ସ୍ଥିତିକୁ ଦୃଷ୍ଟିରେ ରଖି ତୁରନ୍ତ ରାଜ୍ୟ ସରକାର ଓ କୃଷି ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ହସ୍ତକ୍ଷେପ କରିବାକୁ ଦାବି ହୋଇଛି। ଏକ ସ୍ୱତନ୍ତ୍ର କୃଷି ବିଶେଷଜ୍ଞ ଦଳ ତୁରନ୍ତ ଦଣ୍ଡପାଟ ଅଞ୍ଚଳର ବେହେରା, ପର୍ଲା, ଜୟନ୍ତପୁର ଭଳି ପ୍ରଭାବିତ ପଞ୍ଚାୟତଗୁଡ଼ିକୁ ପଠାଯାଇ ମାଟି ଓ ଗଛର ପରୀକ୍ଷା କରାଯାଉ। ଏହା ସହିତ ସରକାରୀ ସ୍ତରରେ ମାଗଣାରେ ସଠିକ୍ ଓ ଅନୁମୋଦିତ କୀଟନାଶକ ଔଷଧ ଯୋଗାଇ ଦିଆଯାଉ। ସର୍ବୋପରି, ଯେଉଁ ଚାଷୀମାନଙ୍କର ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଗଲାଣି, ସେମାନଙ୍କ କ୍ଷୟକ୍ଷତିର ତୁରନ୍ତ ଆକଳନ କରାଯାଇ ଉପଯୁକ୍ତ ସରକାରୀ ସହାୟତା, ମରୁଡ଼ି ସହାୟତା ଏବଂ ଫସଲ ବୀମା ରାଶି ପ୍ରଦାନ କରାଯାଉ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଏବଂ ବିଭିନ୍ନ ଚାଷୀ ସଙ୍ଗଠନ ଜୋରଦାର ଦାବି କରିଛନ୍ତି।

# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

ଦେବଗଡ଼,୨୨।୯(ସମିସ)




ଦେବଗଡ଼ ଜିଲ୍ଲାର କେତେକ ଭୂମିହୀନ ଆଦିବାସୀ ଜଙ୍ଗଲ ଜମି ଆଇନ ଅନୁଯାୟୀ ଜଙ୍ଗଲ ଜମି ସ୍ୱୀକୃତି ଶିରୋନାମା ଅଧିକାର ପାଇଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହାଫଳରେ ଗରିବ ଭୂମିହୀନ ଆଦିବାସୀ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାର ସ୍ଥାୟୀ ସମାଧାନ ଦାବିରେ ଆଜି ଭୂମିହୀନ ସଂଗ୍ରାମୀ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜଙ୍ଗଲ ଜମି ସ୍ୱୀକୃତି ଶିରୋନାମା ପାଇଥିବା ପଟ୍ଟାକୁ ଭୂ-ଲେଖରେ ସଂଯୋଗ କରିବା, ମଣ୍ଡିରେ ଧାନ ବିକ୍ରି ପାଇଁ ଜଙ୍ଗଲ ଜମି ପଟ୍ଟାକୁ କାର୍ଯ୍ୟକାରୀ କରିବା, ଜଙ୍ଗଲ ଜମି ପଟ୍ଟା ପାଇଥିବା ବ୍ୟକ୍ତିଙ୍କୁ ସମବାୟ ସମିତିରେ ଚାଷୀ ମାନ୍ୟତା ଦେଇ ସଭ୍ୟ ପାଇଁ ସ୍ୱୀକୃତି ଦେବା, ଜଙ୍ଗଲ ଜମି ଉପରେ ସରକାରୀ ଅନୁଦାନ ରାଶିରେ ଜମି ତିଆରି ଓ ଉନ୍ନତି କରଣ, ପୋଖରୀ ଖନନ ମାଛ ଚାଷ, ଫଳ ବଗିଚା ପାଇଁ ଜଙ୍ଗଲ ଜମିକୁ ଅନୁମତି, ବନ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା, ଜଙ୍ଗଲ ଜମି ପଟ୍ଟାରେ ଆବାସିକ ଓ ରୋଜଗାର ପ୍ରମାଣ ପତ୍ର ପ୍ରଦାନରେ କାର୍ଯ୍ୟକାରୀ କରିବା ଆଦି ଦାବି ନେଇ ଭୂମିହୀନ ସଂଗ୍ରାମୀ ପରିଷଦ ପକ୍ଷରୁ ଗତ ୭ ତାରିଖ ଦିନ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ୧୫ ଦିନ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଜିଲ୍ଲା ପ୍ରଶାସନକୁ ପରିଷଦ ସମୟ ଦେଇଥିଲା। ୨୨ ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରାଯିବାକୁ ଚେତାବନୀ ଦିଆଯାଇଥିଲା। ପୂର୍ବ ନିଷ୍ପତ୍ତି ଅନୁଯାଇ ସଭାପତି କୁମର ଯାତ୍ରା ମୁଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

## ବ୍ଲକ୍‌ସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



ବୌଦ୍ଧ,୨୨।୯(ସମିସ): ବାଉଁଶୁଣୀ ଶିଶୁ ବିଦ୍ୟା ମନ୍ଦିରଠାରେ ଗୀତା ପ୍ରେରଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩ୟ ଶ୍ରେଣୀରୁ +୩ ପର୍ଯ୍ୟନ୍ତ ୩୫ଜଣ ଛାତ୍ରଛାତ୍ରୀ ସାମିଲ ହୋଇ ଶ୍ରୀମଦ ଭଗବତ୍ ଗୀତାର ୬ଷ୍ଠ ଅଧ୍ୟାୟ ଆବୃତ୍ତି କରିଥିଲେ। ଖଗେଶ୍ୱର ମେହେର, ବିଭୀଷଣ ବସ୍ତିଆ, ବିଶ୍ୱାମିତ୍ର ମହଲା, ବାବା ଲକ୍ଷ୍ମଣ୍ ଦାଶ, କରୁଣାକର ଘଣ୍ଟୁଆଳ, ସମୀର ସାହୁ, ଧନେଶ୍ୱର ମଣ୍ଡଳ ପ୍ରମୁଖ ବିଚାରକ ଭାବେ ଯୋଗ ଦେଇଥିଲେ। ପ୍ରାଣବନ୍ଧୁ ମହାପାତ୍ର, ବିଶିକେଶନ ପ୍ରଧାନ, ସମୀର ସାହୁ ଏବଂ ଶିବଦତ୍ତ ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ। ବସୁଦେବ ଗହୀର ଅତିଥି ଭାବେ ଉପସ୍ଥିତ ଥିଲେ। ଧନେଶ୍ୱର ମଣ୍ଡଳ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିଶୁ ମନ୍ଦିରର ପ୍ରଧାନ ଗୁରୁଜୀ ଦଧିବାବନ ରଣା ଅଧକ୍ଷତା କରିଥିଲେ। ପ୍ରଜ୍ଞାନ ମିଶନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନ ମୂଲ୍ୟାୟନ ପରୀକ୍ଷା



ବୌଦ୍ଧ,୨୨।୯(ସମିସ): ବୌଦ୍ଧ ଜିଲ୍ଲାର ସମସ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଉଲ୍ଲାସ କାର୍ଯ୍ୟକ୍ରମରେ ଶିକ୍ଷାର୍ଥୀମାନଙ୍କ ପରୀକ୍ଷା କରାଯାଇଛି। ଜିଲ୍ଲା ଶିକ୍ଷାଧିକାରୀ ଟେମଲାଲ ଦୁବେଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରରେ ୨ଟି ତଦାରଖ ଦଳ ଗଠନ କରାଯାଇଥିଲା। ଜିଲ୍ଲାରେ ପ୍ରାୟ ୩୦ହଜାର ଶିକ୍ଷାର୍ଥୀ ଏହି ପରୀକ୍ଷା ଦେଇଥିଲେ।

## ନିଶାମୁକ୍ତ ଭାରତ ଗଠନ ଲାଗି ଶପଥ



ବୌଦ୍ଧ,୨୨।୯(ସମିସ): ବୌଦ୍ଧ ସରକାରୀ ପଲିଟେକ୍ନିକ୍ କଲେଜରେ ରାଷ୍ଟ୍ରୀୟ ସଂକଳ୍ପ ସମାରୋହ ଆୟୋଜିତ ହୋଇଯାଇଛି। ୧୫୪ ଜଣ ଯୁବ ପ୍ରତିଭା ଏବଂ କଲେଜ ଛାତ୍ରଛାତ୍ରୀ ନିଶାମୁକ୍ତ ଭାରତ ଗଠନ ଲାଗି ଶପଥ ନେଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତିରଞ୍ଜନ ଭୂଏ, ପୁଲିସ ଅଧିକାରୀ ଅରୁଣ ସିଂହ, ସରକାରୀ ଆଇଟିଆଇ କଲେଜ ଅଧକ୍ଷ ସୁବୋଧ ପାଣିଗ୍ରାହୀ, ଏଏସ୍ଆଇ ବ୍ରହ୍ମାନନ୍ଦ ପ୍ରଧାନ, ସରକାରୀ ପଲିଟେକନିକ୍ ଅଧକ୍ଷ ପି କେ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଆସମାନ ମହାକୁଡ଼, ସୁଶୀଲ ପାତ୍ର, ଦେବାଶିଷ ସେଠି, ଅବିନାଶ ମିର୍ଦ୍ଧା ପ୍ରମୁଖ ସହଯୋଗ କରିଥିଲେ।

## ଗୋ ସୁରକ୍ଷା ପାଇଁ ଅଭିନବ ପ୍ରୟାସ

ବୌଦ୍ଧ,୨୧।୯(ସମିସ): ବୌଦ୍ଧ ସହରରେ ବଜରଙ୍ଗ ଦଳ ପକ୍ଷରୁ ବୁଲା ଗୋରୁଙ୍କ ପାଚନ କ୍ରିୟା ବୃଦ୍ଧି ଓ ସୁରକ୍ଷା ପାଇଁ ଅଭିନବ ପ୍ରୟାସ କରାଯାଇଛି। ସହରର ବିଭିନ୍ନ ରାସ୍ତା ଉପରେ ବୁଲୁଥିବା ଗୋରୁଙ୍କୁ ବିଳମ୍ବିତ ରାତିରେ ରୁଟି ଓ ଚୁଡା ସହ ଗୁଡ ଖୁଆଇ ପାଚନ କ୍ରିୟାରେ ସୁଧାର ସହ ବିଭିନ୍ନ ରୋଗରୁ ସୁରକ୍ଷା ପାଇଁ ଅଭିଯାନ ଆରମ୍ଭ ହୋଇଥିଲା।

## ଜୋନ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ



କନ୍ଧମାଳ,୨୨।୯ ସମିସ): ସ୍ଥାନୀୟ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜୋନ୍‌ସ୍ତରୀୟ କ୍ରୀଡ଼ା ଓ ଆଥଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନୋରଂଜନ ପ୍ରଧାନ ଉଦ୍‌ଘାଟନ କରିଥିଲେ। କନ୍ଧମାଳ ବ୍ଲକ ବିଦ୍ୟାଳୟ କ୍ରୀଡ଼ା ସମୂହ ସମ୍ପାଦକ ସୁଦାମ ଚରଣ ମିଶ୍ର ସଂଯୋଜନା କରିଥିଲେ। କ୍ରୀଡ଼ା ଶିକ୍ଷକ ସୌରଭ ସାହୁ, ପ୍ରଦୀପ ପ୍ରଧାନ, ପ୍ରଦୀପ ଭୋଇ ଶିକ୍ଷକ ସରୋଜ ସାହୁ, ଶ୍ରୀକାନ୍ତ ବୁଦ୍ଧିଆ ବିଭିନ୍ନ କ୍ରୀଡ଼ା ପରିଚାଳନା କରିଥିଲେ। ଏହି ପ୍ରତିଯୋଗିତାରେ କନ୍ଧମାଳ ସମେତ ସିମିଲି ଯୋରା, ବରଗାଁ, ସାନଛପାପାଳି, ଖଲିଆପାଲି ଓ ଅଇଲାଚୁଆଁ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଆଥଲେଟିକ୍ସ ଇଭେଣ୍ଟ ସହିତ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

## ସ୍ଥାନୀୟ ଉଦ୍ୟୋଗୀଙ୍କୁ ସୁଦୃଢ଼ କରିବାକୁ ଗୁରୁତ୍ୱ

ଝାରସୁଗୁଡ଼ା,୨୨।୯(ସମିସ): ଜିଲ୍ଲାରେ ସ୍ଥାନୀୟ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ବଜାର ସୁବିଧା ଯୋଗାଇବା, ଭେଣ୍ଡର ବିକାଶ କରିବା ଏବଂ ସ୍ଥାନୀୟ ଯୋଗାଣ ଶୃଙ୍ଖଳାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅଧକ୍ଷତା କରିଥିଲେ। ଜିଲ୍ଲାର ଏମ୍ଏସ୍ଏମ୍ଇ ଓ ବୃହତ ଶିଳ୍ପ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରିବା ପାଇଁ ଏକ ସ୍ୱତନ୍ତ୍ର ଡିଜିଟାଲ ପ୍ଲାଟଫର୍ମ ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି। ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନ ପ୍ରସ୍ତାବିତ ପୋର୍ଟାଲର ଲକ୍ଷ୍ୟ, ଉଦ୍ଦେଶ୍ୟ, ଏମ୍ଏସ୍ଏମ୍ଇ ତାଲିକାଭୁକ୍ତ ପ୍ରକ୍ରିୟା ଏବଂ ଶିଳ୍ପାନୁଷ୍ଠାନଗୁଡ଼ିକର ଭୂମିକା ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହି ବୈଠକରେ ଜିଲ୍ଲାର ପ୍ରମୁଖ ଶିଳ୍ପାନୁଷ୍ଠାନ ବେଦାନ୍ତ, ଏମସିଏଲ, ଓପିଜିସି, ଏସଏମସି ପ୍ରଭୃତିର ବରିଷ୍ଠ ଅଧିକାରୀ, ପ୍ଲାଣ୍ଟ ମୁଖ୍ୟ ଓ ପ୍ରୋକ୍ୟୋରମେଣ୍ଟ ଟିମ୍ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହା ସହିତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣକେଶୀବଳିୟାରସିଂହଏବଂଜିଲ୍ଲାପ୍ରଶାସନରଅନ୍ୟାନ୍ୟଅଧିକାରୀମାନେଉପସ୍ଥିତଥିଲେ।

## ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ

ବୌଦ୍ଧ,୨୨।୯(ସମିସ): ଯୋଗୀନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିମନ୍ତେ ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ ଉଦଘାଟିତ ହୋଇଯାଇଛି। ଡିଇଓ ଟେମଲାଲ ଦୁବେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ କମଳାକାନ୍ତ ଦଳବେହେରା ଏବଂ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଜୟନ୍ତ ପ୍ରଧାନ ମଞ୍ଚାସୀନ ଥିଲେ। ଶିକ୍ଷକ ସନ୍ତୋଷ କର୍ଣ୍ଣ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ପ୍ରବୀଣ ପ୍ରଧାନ ସହଯୋଗ କରିଥିଲେ। ଅର୍ଜୁନ କହଁର, ପ୍ରକାଶ ମେହେର, ସତ୍ୟଜିତ ମିଶ୍ର, ଅମର ପ୍ରଧାନ, ରଞ୍ଜନ ସାମଲ, ଜ୍ୟୋତିଷ ମେହେର ପ୍ରମୁଖ ଯୋଗ ଦେଇଥିଲେ।

## ଦେବଗଡ଼ରେ କିନ୍ନରଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ଦେବଗଡ଼, ୨୨।୯(ସମିସ): ଦେବଗଡ଼ ଡାକ୍ତରଖାନାରେ ଭୁଲ୍ ଇଞ୍ଜେକେସନ ତଥା ଚିକିତ୍ସାରେ ଅବହେଳା ଯୋଗୁଁ ଜଣେ କିନ୍ନରଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

**ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଉତ୍ତେଜନା**

ମୃତ କିନ୍ନର ଜଣକ ହେଲେ ଲଗେନ ବାଘ (୨୨)। ଜ୍ୱର ହୋଇଥିବାରୁ ସେ ମଙ୍ଗଳବାର ସକାଳୁ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ; ହେଲେ ଦୁର୍ଭାଗ୍ୟକୁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ଘଟିଥିଲା। ଏହି ଖବର ଜାଣିବା ପରେ କିନ୍ନରମାନେ ସହଜେ ଗ୍ରହଣ କରି ପାରି ନ ଥିଲେ। ସେମାନେ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ହୋହାଲ୍ଲା କରିଥିଲେ। ୫୦ ଲକ୍ଷ ଟଙ୍କା କ୍ଷତି ପୂରଣ ଦେବା ସହ ଅନ୍ୟ ଜିଲ୍ଲାରେ ମୃତଦେହ ବ୍ୟବଚ୍ଛେଦ କରିବା ଏବଂ ଦୋଷୀ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଥିଲେ। ମୃତଦେହ ଧରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବସି ରହିଥିଲେ। ଉତ୍ତେଜନାକୁ ଦୃଷ୍ଟିରେ ରଖି ଦେବଗଡ଼ ଥାନା ପୁଲିସ ପକ୍ଷରୁ ବ୍ୟାପକ ଫୋର୍ସ ମୁତୟନ କରାଯାଇଥିଲା। ଏଡିଏମଓ ଡାକ୍ତର ମନୋରଞ୍ଜନ ସାମଲ, ଦେବଗଡ଼ ତହସିଲଦାର କର୍ଣ୍ଣ ମଲ୍ଲିକ, ଥାନା ଅଧିକାରୀ ସବ୍ୟସାଚୀ ଶତପଥୀ ପ୍ରମୁଖ ପହଞ୍ଚି କିନ୍ନର ଜିଲ୍ଲା ସଭାନେତ୍ରୀ ମହାମାୟୀଙ୍କ ସହ ଆଲୋଚନା କରିଥିଲେ। ଅନେକ ବୁଝାସୁଝା କରିଥିଲେ ମଧ୍ୟ ସମାଧାନ ହୋଇ ପାରି ନ ଥିଲା।

## ଦୁର୍ଘଟଣାରେ ଛାତ୍ରଙ୍କ ମୃତ୍ୟୁ; ୪ ଆହତ

ଲଖନପୁର,୨୨।୯(ସମିସ): ମେଲୋଡ଼ି ଦେଖି ଫେରିବା ବାଟରେ ଦୁର୍ଘଟଣା ଘଟିଛି। ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ୧୪ ବର୍ଷର ନାବାଳକ ଛାତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ୪ ଜଣ ଆହତ ହୋଇଛନ୍ତି। ମୃତ ଛାତ୍ର ଜଣକ ହେଲେ ଲଖନପୁର ଆଦର୍ଶ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ର ତନ୍ମୟ ସିଂହ ଧୁରୁଆ। ସୋମବାର ରାତି ପ୍ରାୟ ୧୧ଟାରେ ତନ୍ମୟ ଓ ତାଙ୍କର ଦୁଇ ସାଙ୍ଗ ବନ୍ଧବାହାଲରୁ ମେଲୋଡ଼ି ଦେଖି ବାଇକ୍‌ରେ ଫେରୁଥିଲେ। ଏହି ସମୟରେ କୁଶ୍ରାଲୋଇ ଛକ ନିକଟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ସେମାନଙ୍କ ସାମ୍ନାସାମ୍ନି ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ତନ୍ମୟଙ୍କୁ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅନ୍ୟ ୪ ଆହତଙ୍କୁ ଚିକିତ୍ସା କରାଯାଇଛି। ଲଖନପୁର ପୁଲିସ ଉଭୟ ବାଇକ୍ ଜବତ କରି ଘଟଣାର ତଦନ୍ତ ଚଳାଇଛି।

## ମହିଳାଙ୍କ ନିଖୋଜ ନେଇ ପୁଲିସ ଅଣନିଃଶ୍ୱାସୀ



ଦେବଗଡ,୨୨।୯(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅଧୀନ ଚିରଗୁଣିକୁଦରର ରଶ୍ମିତା ବେହେରା ନାମ୍ନୀ ଜଣେ ବିବାହିତା ମହିଳା ଗତ ୧୧ ତାରିଖରୁ ନିଖୋଜ ଅଛନ୍ତି। ଏ ନେଇ ତାଙ୍କ ସ୍ୱାମୀ ଦୁଷ୍ମନ୍ତ ପ୍ରଧାନ ଗତ ୧୪ ତାରିଖ ଦିନ ରିଆମାଳ ଥାନାରେ ଲିଖିତ ଅଭିଯୋଗ କରିବା ସହ ଶଶୁର ଘରକୁ ମଧ୍ୟ ସୂଚନା ଦେଇଛନ୍ତି; ମାତ୍ର ଆଜି ରଶ୍ମିତାଙ୍କ ବାପା ହିମାଂଶୁ ବେହେରା ରିଆମାଳ ଥାନାରେ ପହଞ୍ଚି ଝିଅକୁ ହତ୍ୟା କରାଯାଇ ପୋତି ଦିଆଯାଇଥିବା ଅଭିଯୋଗ କରିଥିଲେ। ଏହାପରେ ରିଆମାଳ ଥାନା ଅଧିକାରୀ ବିନୟ କେରକେଟ୍ଟା ସଦଳବଳେ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ଗାଁ ନିକଟସ୍ଥ ଜଙ୍ଗଲରରେ ଖୋଜାଖୋଜି କରିବା ସହ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଜେସିବି ସହାୟତାରେ ଖୋଳାଖୋଳି କରାଯାଇଥିଲା। ଏଥିସହ ସାତକିଆରି ଗ୍ରାମର ଏକ ଘରେ ଖୋଳ ତାଡ଼ କରିଥିଲେ ମଧ୍ୟ କୌଣସି ସନ୍ଧାନ ମିଳି ପାରି ନ ଥିଲା। ଦୀର୍ଘ ପ୍ରାୟ ୫ ଘଣ୍ଟା ଧରି ଖୋଜାଖୋଜି କରିଥିଲେ ମଧ୍ୟ କୌଣସି ସନ୍ଧାନ ନ ପାଇ ପୁଲିସ ଅଣନିଃଶ୍ୱାସୀ ହୋଇଛି।

## ଗଞ୍ଜେଇ କାରବାରରେ ୨ ଗିରଫ

ତରଭା,୨୨।୯(ସମିସ): ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ତରଭା ପୁଲିସ ୨ ଜଣ ଯୁବକଙ୍କୁଗିରଫକରିଛି।ଆଇଆଇସିଡୋଲାମଣିନାଏକଙ୍କସୂଚନାନୁଯାୟୀବିଶ୍ୱସ୍ତସୂତ୍ରରୁଖବର ପାଇ ସେ ଏକ ପୁଲିସ ଟିମ୍ ସହ ବ୍ରାହ୍ମଣୀ ରାସ୍ତାର ନକଟିକନା ଛକ ନିକଟରେ ଛକି ରହିଥିଲେ। କନ୍ଧମାଳ ଅଞ୍ଚଳରୁ ଆସୁଥିବା ବାଇକ୍ (ଓଡି ୦୩ ଏ ଇ ୯୬୬୯)କୁ ସନ୍ଦେହରେ ଅଟକାଇ ଯାଞ୍ଚ କରିଥିଲେ। ଏହି ସମୟରେ ୪ କେଜି ୨୭୦ଗ୍ରାମ ଗଞ୍ଜେଇ ବାହାରିଥିଲା। ଏହି ଘଟଣାରେ ବଲାଙ୍ଗୀର ଜିଲ୍ଲା ମାଟିଖାଇ ଗ୍ରାମର ତୁଲାରାମ ସୁନା (୪୨) ଓ ଧାନବାହାଲ ଗ୍ରାମର ପ୍ରହ୍ଲାଦ ସୁନା (୩୫)ଙ୍କୁ ଗିରଫ କରାଯାଇଛି। ମାଜିଷ୍ଟ୍ରେଟ ଭାବେ ଦୀପ୍ତିମୟୀ ଭୁଏ ଉପସ୍ଥିତ ଥିଲେ।

## କଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ଅଭିଯାନ

ଦେବଗଡ଼,୨୨।୯(ସମିସ): କଲା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ସ୍ୱଚ୍ଛତା ଶପଥ ଓ ସଫେଇ ଅଭିଯାନ ଆୟୋଜିତ ହୋଇଯାଇଛି। ଟୋଲ୍ ପ୍ଲାଜା ପକ୍ଷରୁ ମ୍ୟାନେଜର ରଣଜିତ ଜେନା, ଯୋଗେଶ ଶର୍ମା, ଦଣ୍ଡପାଣି ବାଦମୁନି ଓ ପବିତ୍ର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

## ମାଁ ଭୈରବୀଙ୍କ ଗୁପ୍ତ ଷୋଳପୂଜା ପାଇଁ ପ୍ରସ୍ତୁତି

ହରଭଙ୍ଗା,୨୨।୯(ସମିସ): ପୁରୁଣାକଟକ ମାଁ ଭୈରବୀଙ୍କ ଗୁପ୍ତ ଷୋଳ ପୂଜା ବା ଖଣ୍ଡା ବସା ପର୍ବ ପାଇଁ ମନ୍ଦିର ପରିସରରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ସୁରେନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ଷୋଳଖଣ୍ଡ ମୌଜା ଅଧିବାସୀ ଉପସ୍ଥିତ ଥିଲେ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ମୂଳାଷ୍ଟମୀଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ମାଁଙ୍କ ଗୁପ୍ତ ଷୋଳ ଉପଚାର ପୂଜା ଅନୁଷ୍ଠିତ ହେବ। ମୂଳଷ୍ଟମୀ ଦିନ ମାଁଙ୍କ ବିଜୟ ପ୍ରତିମା ଓ ଖଣ୍ଡା ଦେହୁରୀ ଘରୁ ପ୍ରଥମେ ପୂଜା ପାଇ ସହର ପରିକ୍ରମା କରି ମନ୍ଦିର ଗମ୍ଭୀରା ଭିତରେ ପ୍ରବେଶ କରିବ। ପରେ ସମ୍ପୂର୍ଣ୍ଣ ମନ୍ଦିର ବନ୍ଦ କରାଯାଇ ମଧ୍ୟ ରାତିରେ ମାଁ ଷୋଳ ଦିନ ପର୍ଯ୍ୟନ୍ତ ଗୁପ୍ତରେ ପୂଜା ପାଇବେ। ଏହି ଷୋଳ ଦିନ ପର୍ଯ୍ୟନ୍ତ ଭକ୍ତ ମାଁଙ୍କ ଦର୍ଶନ ପାଇବାରୁ ବଞ୍ଚିତ ହେଉଥିବାରୁ ମନ୍ଦିର ସାମ୍ନାରେ ଥିବା ସାହାଡ଼ା ବୃକ୍ଷରେ ଦର୍ଶନ କରିବେ। ପ୍ରସ୍ତୁତି ବୈଠକରେ ଉପ ସଭାପତିତ୍ୱ ରସାନନ୍ଦ ସାହୁ, ସମ୍ପାଦକ ସୁକାନ୍ତ ଦାସ, କୋଷାଧକ୍ଷ ସରୋଜ ପ୍ରଧାନ, ମୁଖ୍ୟ ପୁରୋହିତ ଅଶୋକ ପୁରୋହିତ, ମୁଖ୍ୟ ଦେହୁରୀ ଅଜିତ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

## ବିଶ୍ୱ ପରିବେଶ ଦିବସରେ ସଫେଇ ଅଭିଯାନ

ହରଭଙ୍ଗା,୨୨।୯(ସମିସ): ସାବିତ୍ରୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ନିର୍ଦ୍ଦେଶକ ସତ୍ୟରଞ୍ଜନ ପ୍ରଧାନଙ୍କ ତତ୍ତ୍ୱାବଧାନରେସଫେଇଅଭିଯାନଆୟୋଜିତହୋଇଥିଲା।ଏହିକାର୍ଯ୍ୟକ୍ରମରେଶ୍ରୀପତିପ୍ରଧାନ, କୌଶିକ ବାରିକ, ସିଦ୍ଧାନ୍ତ ସାହୁ, ସୁବାଷ ସାହୁ, ଶ୍ରୀକର ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଜଙ୍ଗଲ ଜମିରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ



ଦେବଗଡ଼,୨୨।୯(ସମିସ): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ ପରା ପଞ୍ଚାୟତ ଜାମୁମୁଣ୍ଡାରେ ସରକାରୀ ଟଙ୍କା ପାଣିରେ ପଡିବାକୁ ଯାଉଛି। ଏକ ନିର୍ମାଣ କାମରେ ବିବାଦ ସୃଷ୍ଟି ହୋଇଛି। ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ବଣିଆମୁଣ୍ଡା ସାହି ବାସିନ୍ଦାଙ୍କ ଉଦ୍ଦେଶ୍ୟରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଏଥିପାଇଁ ସାଢେ ୩ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ବିଭାଗୀୟ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା। ସେ କିନ୍ତୁ ସବୁ ନୀତିନିୟମ ଜଳାଞ୍ଜଳି ଦେଇଛନ୍ତି। ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ନାହିଁ। ବଣିଆମୁଣ୍ଡା ସାହିରୁ ପ୍ରାୟ ଅଧ କିମି ଦୂର ଶିକମୁଣ୍ଡା ହୁଳି ଉପରେ ଜଙ୍ଗଲ କିସମ ଜମିରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଛି। ବସ୍ତି ମଧ୍ୟରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରିବା ପରିବର୍ତ୍ତେ ଜଙ୍ଗଲ ହୁଳିରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ କରାଗଲେ ଏହା ଜନ ସାଧାରଣଙ୍କ କେଉଁ କାର୍ଯ୍ୟରେ ଆସିବ ବୋଲି ସ୍ଥାନୀୟ ଜନସାଧାରଣ ପ୍ରଶ୍ନ କରିଛନ୍ତି। ଅନ୍ୟ ପକ୍ଷରେ ଜଙ୍ଗଲ ଜମିରେ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ସମ୍ପର୍କରେ ସୂଚନା ପାଇ ବନ ବିଭାଗ ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛି। ତେବେ ଯଦି ନିର୍ମାଣଧୀନ ଗୋଷ୍ଠୀ କେନ୍ଦ୍ରର କାର୍ଯ୍ୟ ଅଧାରୁ ବନ୍ଦ ହୁଏ ତେବେ ଖର୍ଚ୍ଚ ହୋଇଥିବା ସରକାରୀ ଟଙ୍କାର ଭରଣା କିଏ କରିବ ବୋଲି ଜନ ସାଧାରଣ ପ୍ରଶ୍ନ କରିଛନ୍ତି।

## ବ୍ରଜରାଜନଗରରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

ଝାରସୁଗୁଡ଼ା,୨୨।୯(ସମିସ): ବ୍ରଜରାଜନଗର ପୌରାଞ୍ଚଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଅନୁଧ୍ୟାନ କରିଛନ୍ତି। ଏହି ପରିଦର୍ଶନ ସମୟରେ ବ୍ରଜରାଜନଗର ପୌରପାଳିକା ନିର୍ବାହୀ ଅଧିକାରୀ ଶ୍ରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ସମେତ ସମ୍ପୃକ୍ତ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ରହିଥିଲେ। ପରିଦର୍ଶନ କ୍ରମରେ ଜିଲ୍ଲାପାଳ ବ୍ରଜରାଜନଗର ସ୍ଥିତ ଗଣ୍ଡଘୋରା ସ୍ୱାସ୍ଥ୍ୟ ଉପକେନ୍ଦ୍ର ପହଞ୍ଚି ଭିତ୍ତିଭୂମି ଯାଞ୍ଚ କରିଥିଲେ। ଉପକେନ୍ଦ୍ରରେ ନିରବଚ୍ଛିନ୍ନ ବିଦ୍ୟୁତ ସଂଯୋଗ ଓ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ତୁରନ୍ତ ସୁନିଶ୍ଚିତ କରିବା ପାଇଁ ସେ ମୁଖ୍ୟ ଜିଲ୍ଲା ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କୋଠାର ଆବଶ୍ୟକୀୟ ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ସମ୍ପାଦନ କରିବାକୁ ପୌର ନିର୍ବାହୀ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହାପରେ ଜିଲ୍ଲାପାଳ ନିର୍ମାଣାଧୀନ ବୃଦ୍ଧାଶ୍ରମ ପରିଦର୍ଶନ କରି ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେବା ପରେ ଅନ୍ତେବାସୀଙ୍କ କ୍ଷମତା ବୃଦ୍ଧି କରିବା ସହ ସେମାନଙ୍କୁ ସମସ୍ତ ମୌଳିକ ସୁବିଧାସୁଯୋଗ ଯୋଗାଇଦେବା ଦିଗରେ ସେ ବିସ୍ତୃତ ଆଲୋଚନା କରିଥିଲେ। ପୌରାଞ୍ଚଳରେ ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ସମ୍ପର୍କରେ ମଧ୍ୟ ବିସ୍ତୃତ ଆଲୋଚନା ହୋଇଥିଲା। ରାସ୍ତା ସମ୍ପ୍ରସାରଣରେ ବାଧା ସୃଷ୍ଟି କରୁଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ସ୍ଥାନାନ୍ତର କରିବା ଏବଂ ପୁରୁଣା ଅଦରକାରୀ କୋଠାକୁ ଭାଙ୍ଗି ହଟାଇବା ନେଇ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ଜିଲ୍ଲାପାଳ କହିଥିଲେ।

## ଲଖନପୁର ବ୍ଲକ୍‌ସ୍ତରୀୟ ସେବା ସଂକଳ୍ପ ଅଭିଯାନ




ଇବଥର୍ମାଲ,୨୨।୯(ସମିସ): ବାଘମୁଣ୍ଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଲଖନପୁର ବ୍ଲକସ୍ତରୀୟ ସେବା ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। ଟିକେତ ସାହୁ, ଚକାନନ ସା, ସ୍ୱତନ୍ତ୍ର ଉନ୍ନୟନ କମିଟିର ଅଧକ୍ଷ ସାମଲ ନାଏକ, ସେବା ସଂକଳ୍ପ ଅଭିଯାନର ଜିଲ୍ଲା ସଂଯୋଜକ ତପନ କାନ୍ତ ଜେନା, ବାଘମୁଣ୍ଡା ସରପଞ୍ଚ ସୁନିମା ପ୍ରଧାନ, ଲଖନପୁର ସରପଞ୍ଚ ଆରତୀ ପ୍ରଧାନ, କନକତୋରା ସରପଞ୍ଚ ସୁଶାନ୍ତ ଚଇନି, ଚାରପାଲି ସରପଞ୍ଚ ପ୍ରଶାନ୍ତ ସୁନା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଟିକେଶ୍ୱର ଜଗତ ଓ ସୁଦର୍ଶନ ସେଠ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମୀର ପ୍ରମୁଖ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ୧୦୪ ଜଣ ଛାତ୍ରଛାତ୍ରୀ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ଭାଗ ନେଇଥିଲେ। ଚିତ୍ରାଙ୍କନରେ ଝାରଗାଁ ସ୍କୁଲର ଆରସ୍ତୁ ଖମାରୀ, ରେମେଣ୍ଡା ଆଶ୍ରମ ସ୍କୁଲର ଅୟୁଷି ସା, ବେଲପାହାଡ ଗିରିଧର ଲାଲ ଉଚ୍ଚ ବିଦ୍ୟାଳୟର ଚାହତ ଖାତୁନ, ବକ୍ତୃତାରେ ଶରଧା ସ୍କୁଲର ନେବିକା ବିଶ୍ୱାଳ, ବେଲପାହାଡ ଉଚ୍ଚ ବିଦ୍ୟାଳୟର ରିଫତ ବାନୋ ଓ କତରବଗା ସ୍କୁଲର ଇପଷା ସାହୁଙ୍କୁ ଜିଲ୍ଲାସ୍ତରକୁ ମନୋନୀତ କରାଯାଇଛି। ସିଆରସିସି ଯୁବରାଜ ସିଂହ ପରିଚାଳନା କରିଥିବାବେଳେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ବଟ ଖମାରୀ ଧନ୍ୟବାଦ ଦେଇଥିଲେ।

## ଅଣ ଗେଜେଟେଡ଼ କର୍ମଚାରୀ ସଂଘର ବୈଠକ

ବୌଦ୍ଧ,୨୨।୯(ସମିସ): କର୍ମଚାରୀ ଭବନରେ ଅଣ ଗେଜେଟେଡ଼ କର୍ମଚାରୀ ସମନ୍ୱୟ କମିଟିର କାର୍ଯ୍ୟକାରୀ କମିଟି ସଭ୍ୟମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଶମ୍ଭୁ ଗିରି ଅଧକ୍ଷତା କରିଥିଲେ। ଅନିଲ ପ୍ରଧାନ, ସଂଜୀବ ପଣ୍ଡା, ଜିତେନ୍ଦ୍ର ମିଶ୍ର, ତାପସ ମିଶ୍ର, ଶୁଭାଷିଶ ଶତପଥୀ, ନବକୁମାର ମିଶ୍ର, ଶିଶିର ଖଟୁଆ, ସୁଶାନ୍ତ ଅମାତ, ବିରେନ୍ ଦାସିଆ, ଅନୁଜ ପ୍ରଧାନ, ସୂର୍ଯ୍ୟ ନାରାୟଣ ପଣ୍ଡା, ମହେଶ ସେଠୀ ଓ ଦେବଦତ୍ତ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପ୍ରକାଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।



### ସୁପର ଚାମ୍ପିଅନ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ

## ବାଳକରେ ସାଇବିଶ୍ୱଜିତ ଗୁରୁ, ବାଳିକାରେ ଅନ୍ୱେଷା ସାହୁ ଚାମ୍ପିଅନ

ତରଭା,୨୨।୯ (ସମିସ)



ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମରେ ତରଭା ବରିଷ୍ଠ ନାଗରିକ ସଂଘ ତରଭା ଆନୁକୂଲ୍ୟରେ ମଙ୍ଗଳବାର ସୁପର ଚାମ୍ପିଅନ ବ୍ୟାଡ଼ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ନକ ଆଉଟ ଫିକ୍ସଚର ଏକ ଦିନିକିଆ ଟୁର୍ଣ୍ଣାମେଣ୍ଟରେ ୧୫ ବର୍ଷରୁ କମ୍ ୧୨ ଜଣ ବାଳକ ଓ ୪ ଜଣ ବାଳିକା ଯୋଗ ଦେଇଥିଲେ। ବାଳକ ବିଭାଗରେ ସାଇବିଶ୍ୱଜିତ ଗୁରୁ ଚାମ୍ପିଅନ ହୋଇଥିବାବେଳେ ତନୱେସ ସାହୁ ରନରର୍ସ ଅପ୍ ହୋଇଥିଲେ। ସେହିପରି ବାଳିକା ବିଭାଗରେ ଅନ୍ୱେଷା ସାହୁ ଚାମ୍ପିଅନ ଓ ଆଲିଶା ପଣ୍ଡା ରନରର୍ସ ଅପ୍ ହୋଇଥିଲେ। ସାଇବିଶ୍ୱଜିତ ଗୁରୁ ଓ ଅନ୍ୱେଷା ସାହୁଙ୍କ ମଧ୍ୟରେ ଆୟୋଜିତ ସୁପର ଚାମ୍ପିଅନ ମ୍ୟାଚରେ ସାଇ ବିଶ୍ୱଜିତ ଚାମ୍ପିଅନ ହୋଇଥିଲେ। ବରିଷ୍ଠ ନାଗରିକ ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ତରଭା ତହସିଲଦାର ଶ୍ୱେତାଲିନା ମାହାଣା ମୁଖ୍ୟ ଅତିଥି ଓ ଆଇଆଇସି ଡୋଲାମଣି ନାଏକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସତ୍ୟନାରାୟଣ ମଲ୍ଲିଫୁଲ ମେମୋରିଆଲ ଟ୍ରଷ୍ଟ ତରଫରୁ ରାଜକିଶୋର ସାହୁ ବିଜେତା ଓ ଉପବିଜେତାଙ୍କୁ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଖେଳ ପରିଚାଳନା କରିଥିବା ଏଇଏସ କଲେଜ ପିଇଟି ସଞ୍ଜୀବ ସାହୁ, ବ୍ୟାଡମିଣ୍ଟନ କୋଚ୍ ପ୍ରତୀକ ସିଂଦେଓ, ଷ୍ଟାଡିୟମର ଜିମ କୋଚ୍ ସୁବେଶ ମେହେରଙ୍କୁ ସମ୍ମାନିତ କରାଯାଇଥିଲା। ସଂଘର କାର୍ଯ୍ୟକାରୀ ସଭାପତି ସାମ୍ବାଦିକ ଅଶୋକ ସାହୁ, ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ, ଉପସଭାପତି ରାଜକିଶୋର ସାହୁ, ଧୀରେନ୍ଦ୍ର ବିଜୟ ସାହୁ, ଅକ୍ଷୟ ବାଘ, ଶୈଳେନ୍ଦ୍ର ସାହୁ, ଜୟକିଶୋର ସାହୁ, ସୁବାଷ ସେଠୀ, ସୁରେନ୍ଦ୍ର ଜେନା, ରାଜକିଶୋର ସାହୁ, ଦୀନବନ୍ଧୁ ମାହାଣା, ଭବାନୀଶଙ୍କର ସାହୁ, ରାମକୃଷ୍ଣ ସାହୁ, ରତନଲାଲ ଅଗ୍ରୱାଲ, ଗୋପାଳ ପ୍ରସାଦ ଝାଝରିଆ ପ୍ରମୁଖ ସହଯୋଗ କରିଥିଲେ। ସାମ୍ବାଦିକ ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ବ୍ୟବସାୟ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଜୀବନସାଥୀଙ୍କ ସହ ସୁଖମୟ ସମୟ ଅତିବାହିତ କରିବେ। ନିବେଶରୁ ଦୂରେଇ ରୁହନ୍ତୁ। କୌଣସି ଶୁଭ ଖବର ମିଳିବ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଯାନବାହନ କିଣିବେ। ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ଅଯଥା ଖର୍ଚ୍ଚ ବୃଦ୍ଧି ପାଇବ। ବିବାହରେ ସମସ୍ୟା ଆସିବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**ସିଂହ:** ଚାକିରିରେ ସଫଳତା ମିଳିବ। ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ଚାକିରିରେ ବନ୍ଧୁଙ୍କ ସହାୟତା ମିଳିବ। ଅଫିସ୍‌ରେ ସହକର୍ମୀଙ୍କ ସହ ମତାନ୍ତର ଦେଖା ଦେବ। ନୂଆ କାର୍ଯ୍ୟ ଆରମ୍ଭ କରିବାର ଉତ୍ତମ ସମୟ। ସ୍ୱାମୀ-ସ୍ତ୍ରୀ ମଧ୍ୟରେ ଉତ୍ତମ ବୁଝାମଣା ରହିବ।

## ଆଜିର ଇତିହାସ

- ୧୯୨୯ - ବାଲ୍ୟ ବିବାହ ନିରୋଧ ବିଧେୟକ (ଶାରଦା ଆଇନ) ପାରିତ।
- ୧୯୫୫ - ପାକିସ୍ତାନ ବାଗଦାଦ୍ ଚୁକ୍ତିରେ ସ୍ୱାକ୍ଷର କଲା।
- ୧୯୭୬ - ସୋୟୁଜ-୨୨ ପୃଥିବୀ ପୃଷ୍ଠକୁ ଫେରିଲା।
- ୧୯୯୨ - ଯୁଗୋସ୍ଲୋଭିଆକୁ ମିଳିତ ଜାତିସଂଘରୁ ବହିଷ୍କାର କରାଗଲା।
- ୨୦୦୨ - ମୋଜିଲା ଫାୟାରଫକ୍ସର ପ୍ରଥମ ଭର୍ସନ ଲଞ୍ଚ ହୋଇଥିଲା।



## ଆନ୍ତର୍ଜାତିକ ସାଙ୍କେତିକ ଭାଷା ଦିବସ

ପ୍ରତିବର୍ଷ ସେପ୍ଟେମ୍ବର ୨୩ ତାରିଖକୁ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ସାଙ୍କେତିକ ଭାଷା ଦିବସ ଭାବେ ପାଳନ କରାଯାଏ। ବାକ୍ ଏବଂ ଶ୍ରବଣବାଧିତ ବ୍ୟକ୍ତିମାନଙ୍କ ମାନବାଧିକାରକୁ ସୁରକ୍ଷିତ କରିବା ସହ ସେମାନଙ୍କ କଥୋପକଥନର ଏକମାତ୍ର ମାଧ୍ୟମ 'ସାଙ୍କେତିକ ଭାଷା'ର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ସାଙ୍କେତିକ ଭାଷା କେବଳ ହାତର ଇସାରା ନୁହେଁ, ବରଂ ଏହା ମୁହଁର ଭାବଭଙ୍ଗୀ ଏବଂ ଶରୀରର ଚାଳନାକୁ ନେଇ ଗଠିତ ଏକ ସମ୍ପୂର୍ଣ୍ଣ ପ୍ରାକୃତିକ ଭାଷା। ସରଳ ଭାଷାରେ କହିବାକୁ ଗଲେ, ଅଙ୍ଗଭଙ୍ଗୀ ମାଧ୍ୟମରେ ଆମେ ଯେଉଁ ଯୋଗାଯୋଗ କରୁ, ତାହା ହିଁ ସାଙ୍କେତିକ ଭାଷା। କେବଳ ପାଟିରୁ ଶବ୍ଦ ବାହାରିଗଲେ ଭାବ ପ୍ରକାଶ ହୁଏ ନାହିଁ। ଶବ୍ଦ ସହ ସଙ୍କେତର ସଂଯୋଗରେ ହିଁ ଭାବ ପରିପୂର୍ଣ୍ଣ ହୋଇଥାଏ। ସାଧାରଣ ମଣିଷଙ୍କ ପାଇଁ ତ ଶବ୍ଦ ସହ ସଙ୍କେତ ଦୁଇଟି ଥାଏ ଭାବ ପ୍ରକାଶ ପାଇଁ ହେଲେ ଏହି ସଙ୍କେତ ଦିବ୍ୟାଙ୍ଗ ବର୍ଗଙ୍କ ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ସାଙ୍କେତିକ ଭାଷାଗୁଡ଼ିକ ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ତଥା ଏହାର ସ୍ଥିତିକୁ ମଜଭୁତ କରିବା ଏହି ଦିବସ ପାଳନର ଉଦ୍ଦେଶ୍ୟ। ମୂକ ଓ ଶ୍ରବଣବାଧିତ ଲୋକେ ସାଧାରଣତଃ ହାତ ଓ ଚେହେରାର ହାବଭାବ ଦ୍ୱାରା ନିଜର ମନକଥା ପ୍ରକାଶ କରିଥାନ୍ତି। ଏହି ଭାଷାକୁ ହିଁ ସାଙ୍କେତିକ ଭାଷା କୁହାଯାଏ। ଅନ୍ୟାନ୍ୟ ଭାଷା ଭଳି ସାଙ୍କେତିକ ଭାଷାରେ ମଧ୍ୟ ବ୍ୟାକରଣ ଓ ନିୟମ ରହିଛି। ତେଣୁ ସାଙ୍କେତିକ ଭାଷାର ବିକାଶ ନିହାତି ଜରୁରି। ଶ୍ରବଣବାଧିତଙ୍କ ଭାଷା ପରିଚୟକୁ ପ୍ରୋତ୍ସାହିତ କରିବା ପାଇଁ ୧୯୫୧ ସେପ୍ଟେମ୍ବର ୨୩ରେ ଡବ୍ଲ୍ୟୁଏଫ୍‌ଡି ଗଠନ ହୋଇଥିଲା। ଏଥିରେ ୧୩୫ଟି ଜାତୀୟ ସଂଗଠନକୁ ଅନ୍ତର୍ଭୁକ୍ତ କରାଯାଇଥିଲା। ସାଙ୍କେତିକ ଭାଷାର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ବିଶ୍ୱ ଶ୍ରବଣବାଧିତ ସଂଘର ପ୍ରସ୍ତାବ କ୍ରମେ ୨୦୧୭ ମସିହାରେ ଜାତିସଂଘ ସାଧାରଣ ପରିଷଦ ଏଭଳି ଦିବସ ପାଳନ ପାଇଁ ଏକ ସଂକଳ୍ପ ପାରିତ କରିଥିଲା ଏବଂ ୨୦୧୮ ରେ ଏହା ପ୍ରଥମେ ପାଳିତ ହୋଇଥିଲା। ଏହି ଦିନ ବିଶ୍ୱର ବିଭିନ୍ନ ପ୍ରାନ୍ତରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଏ। ଚଳିତ ବର୍ଷ ଏହି ଦିବସର ମୁଖ୍ୟ ବିଷୟବସ୍ତୁ ରହିଛି- "ବଧିର ବ୍ୟକ୍ତିମାନଙ୍କର ମାନବାଧିକାର ଘୋଷଣା କରିବା।"

## ଚାଷୀଙ୍କ ଅଭିନବ ପ୍ରୟାସ

## କ୍ଷେତ ଜଗୁଛି ରବର ସାପ

ଫସଲକୁ ସୁରକ୍ଷା ଦେବା ପାଇଁ ବହୁ ପୂର୍ବରୁ ଚାଷୀମାନେ ଜମିରେ ପାଳଭୂତ ଠିଆ କରିବା ସହ ଚାରିପାଖରେ ବାଉଁଶ ବା ତାର ବାଡ଼ ଘେରାଇଥାନ୍ତି। ସମୟ ସହିତ ପଶୁପକ୍ଷୀମାନେ ଏହି ପାଳଭୂତକୁ ଚିହ୍ନିଗଲେଣି ଏବଂ ଏହାକୁ ଆଉ ଭୟ କରୁନାହାନ୍ତି। ଏଭଳି ପରିସ୍ଥିତିରେ ନିରାଶ ହୋଇ ଏବଂ ବନ୍ୟଜନ୍ତୁଙ୍କ କବଳରୁ ଫସଲକୁ ସୁରକ୍ଷା ଯାଇ କେତେକ ସ୍ଥାନରେ ଚାଷୀମାନେ ତାର ବାଡ଼ରେ କରେଣ୍ଟ ଦେବା ଭଳି ବିପଜ୍ଜନକ ପଦକ୍ଷେପ ନେଉଛନ୍ତି। ଏହି କରେଣ୍ଟ ଯୋଗୁଁ ଅନେକ ସମୟରେ ନିରୀହ ବନ୍ୟଜନ୍ତୁଙ୍କ ଜୀବନ ଯାଉଛି। ଏହା କେବଳ ବେଆଇନ ନୁହେଁ, ବରଂ ଅତ୍ୟନ୍ତ ସମ୍ବେଦନଶୀଳଶୀଳ ମଧ୍ୟ। ହେଲେ ନିକଟରେ ଜଣେ ଚାଷୀ ଏପରି ଏକ ସହଜ, ଶସ୍ତା ଏବଂ ସମ୍ପୂର୍ଣ୍ଣ ନିରାପଦ ଉପାୟ ଆପଣାଇଛନ୍ତି, ଯାହା ସଭିଙ୍କ ଦୃଷ୍ଟି ଆକର୍ଷଣ କରିଛି। ଚାଷୀ ଜଣକ ବଜାରରୁ କିଛି ଶସ୍ତା ଖେଳନା ରବର ସାପ କିଣି ଆଣିଲେ ଏବଂ ସେଗୁଡ଼ିକୁ ଗଛର ଡାଳରେ ଓ କ୍ଷେତର ବିଭିନ୍ନ ସ୍ଥାନରେ ଏମିତି ଭାବେ ଗୁଡ଼ାଇ ରଖିଲେ, ଯେମିତି ଲାଗିବ ସତେ ଯେମିତି ସେଠାରେ ଜୀଅନ୍ତା ସାପ ଅଛି। ଦୂରରୁ ସାପର ଆକୃତି ଦେଖିବା ମାତ୍ରେ ହିଁ ସେମାନଙ୍କ ମନରେ ପ୍ରାଣଭୟ ପଶିଯାଏ ଏବଂ ସେମାନେ ସେହି ଜମି ପାଖ ମାଡ଼ନ୍ତି ନାହିଁ। ଏହି ଦେଶୀ ଜୁଗାଡ଼ର ସବୁଠାରୁ ବଡ଼ ଚାଲାକି ହେଉଛି ସାପଗୁଡ଼ିକର ସ୍ଥାନ ପରିବର୍ତ୍ତନ କରିବା। ଯଦି ରବର ସାପକୁ ଗୋଟିଏ ଜାଗାରେ ବହୁଦିନ ଧରି ରଖାଯାଏ, ତେବେ ଚଢ଼େଇ ଓ ଗୁଣ୍ଡୁଚିମୂଷାମାନେ ଏହା ନକଲି ବୋଲି ଭାବନ୍ତି। ତେଣୁ ଚାଷୀ ଜଣକ ପ୍ରତିଦିନ କିମ୍ବା ଦୁଇ ଦିନରେ ସାପଗୁଡ଼ିକୁ ଅଲଗା ଅଲଗା ଡାଳରେ ରଖୁଥିଲେ, ଯାହାଦ୍ୱାରା ପଶୁପକ୍ଷୀଙ୍କୁ ଏହା ସମ୍ପୂର୍ଣ୍ଣ ଜୀବନ୍ତ ବୋଲି ଭ୍ରମ ସୃଷ୍ଟି ହେଉଥିଲା। ଏହି କୌଶଳର ସବୁଠାରୁ ବଡ଼ ଲାଭ ହେଉଛି ଏହାର ବଜେଟ୍ ଏବଂ ନିରାପତ୍ତା। ମହଙ୍ଗା ଜାଲି କିମ୍ବା ବିପଜ୍ଜନକ କରେଣ୍ଟ ତାର ପଛରେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ଜୀବନକୁ ବାଜି ଲଗାଇବା ଅପେକ୍ଷା, ମାତ୍ର କେଇ ଶହ ଟଙ୍କାର ରବର ସାପ ଚାଷୀଙ୍କର ଲକ୍ଷ ଲକ୍ଷ ଟଙ୍କାର ଫସଲକୁ ସୁରକ୍ଷିତ ରଖିପାରିଛି। ଚାଷୀଙ୍କର ଏହି ଭିଡିଓ ସୋସିଆଲ ମିଡିଆରେ ଆସିବା ପରେ ଲୋକେ ଏହାକୁ ଖୁବ୍ ପ୍ରଶଂସା କରୁଛନ୍ତି। ଏହାକୁ "ଆଧୁନିକ ସମସ୍ୟାର ସବୁଠାରୁ ସୁରକ୍ଷିତ ସମାଧାନ" ବୋଲି କୁହାଯାଉଛି। ଯେଉଁ ସମୟରେ କରେଣ୍ଟ ବାଡ଼ ଯୋଗୁଁ ଦୁର୍ଘଟଣା ଖବର ସାମ୍ନାକୁ ଆସୁଛି, ସେଭଳି ସମୟରେ ଏହି ରବର ସାପର ଜୁଗାଡ଼ ଅନ୍ୟ ଚାଷୀମାନଙ୍କ ପାଇଁ ଏକ ବଡ଼ ଶିକ୍ଷା ପାଲଟିଛି।



## ଜାନୁଆରୀ ୮ରେ 'ଗୋଲମାଲ ୫'

ବଲିଉଡ୍‌ର ସବୁଠାରୁ ସଫଳ ଏବଂ ଲୋକପ୍ରିୟ କମେଡି ଫ୍ରାଞ୍ଚାଇଜ୍ 'ଗୋଲମାଲ' ପୁଣିଥରେ ପରଦାକୁ ଫେରୁଛି। ନିର୍ଦ୍ଦେଶକ ରୋହିତ ସେଟ୍ଟୀ ନିକଟରେ ଏକ ମୋସନ୍ ପୋଷ୍ଟର ରିଲିଜ୍ କରି ଏହି ସିରିଜ୍‌ର ପଞ୍ଚମ ଫିଲ୍ମ 'ଗୋଲମାଲ ୫' ବିଷୟରେ ବିଧିବଦ୍ଧ ଭାବେ ଘୋଷଣା କରିଛନ୍ତି। ଏହି ମେଗା କମେଡି ଚଳଚ୍ଚିତ୍ରଟି ଆସନ୍ତା ୨୦୨୭ ଜାନୁୟାରୀ ୮ ରେ ସିନେମାହଲ୍‌ରେ ରିଲିଜ୍ ହେବ। ତେବେ ଏହି ଫିଲ୍ମ ସମ୍ପର୍କରେ ସବୁଠାରୁ ବଡ଼ ଏବଂ ଆଶ୍ଚର୍ଯ୍ୟଜନକ ଖବର ହେଉଛି, ଅକ୍ଷୟ କୁମାର ଏହି ଗ୍ୟାଙ୍ଗ୍‌ରେ ସାମିଲ ହୋଇଛନ୍ତି। ଅକ୍ଷୟ ଏହି ଚଳଚ୍ଚିତ୍ରରେ ମୁଖ୍ୟ ଖଳନାୟକ ଭୂମିକାରେ ନଜର ଆସିବେ। ଅଜୟ ଦେବଗନ ଓ ଅକ୍ଷୟ କୁମାରଙ୍କ ମଧ୍ୟରେ କମେଡି ଏବଂ ଟକ୍କର ପରଦାରେ ଏକ ବଡ଼ ଆକର୍ଷଣ ସାଜିବ। ତାଙ୍କ ସହ ଜାତୀୟ ପୁରସ୍କାର ବିଜେତା ଅଭିନେତ୍ରୀ ପ୍ରିୟାମଣି ମଧ୍ୟ ନକାରାତ୍ମକ ଚରିତ୍ରରେ ଦେଖାଯିବେ। ୨୦୦୬ ମସିହାରେ ଆସିଥିବା 'ଗୋଲମାଲ' ସିରିଜ୍‌ର ପ୍ରଥମ ଫିଲ୍ମ 'ଗୋଲମାଲ: ଫନ୍ ଅନଲିମିଟେଡ୍'ରେ 'ଲକ୍ଷ୍ମଣ' ଭୂମିକାରେ ଅଭିନୟ କରିଥିବା ଶରମନ ଜୋଶୀ ଦୀର୍ଘ ଦୁଇ ଦଶନ୍ଧି ପରେ ପୁଣିଥରେ ଏହି ଫ୍ରାଞ୍ଚାଇଜ୍‌କୁ ଫେରିଛନ୍ତି। ଅନ୍ୟପଟେ ତୁଷାର କପୁର ନିଜର ଆଇକନିକ୍ ମୂକ ଚରିତ୍ର 'ଲକି' ଭୂମିକାରେ ପୁଣିଥରେ ଦର୍ଶକଙ୍କୁ ହସାଇବେ। ତାଙ୍କ ସହ ଅଜୟ ଦେବଗନ (ଗୋପାଳ), ଅରଶଦ ୱର୍ସି (ମାଧବ), ଶ୍ରେୟସ ତଲପଡ଼େ ଓ କୁନାଲ ଖେମୁ ମଧ୍ୟ ନିଜ ପୁରୁଣା ଅନ୍ଦାଜରେ ନଜର ଆସିବେ। ଚଳଚ୍ଚିତ୍ରର ସୁଟିଂ ପ୍ରକ୍ରିୟା ବହୁତ ଜୋରସୋରରେ ଚାଲିଛି ଏବଂ ଏହାର ଅଧିକାଂଶ ସୁଟିଂ ସରି ଯାଇଛି। ଏହି ଚଳଚ୍ଚିତ୍ରକୁ 'ରୋହିତ ସେଟ୍ଟୀ ପିକ୍ଚର୍ସ' ଏବଂ ଭୂଷଣ କୁମାରଙ୍କ 'ଟି-ସିରିଜ୍' ମିଳିତ ଭାବେ ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି।

## ସମ୍ଭାବନା



## ସ୍ମାର୍ଟ ଷ୍ଟଡି

**ପରୀକ୍ଷା ସମୟରେ ପିଲା ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ପଢ଼ିଲେ ପଢ଼ା ମନେ ରହିବ ଓ ଭଲ ମାର୍କ ଆସିବା ଚିନ୍ତାଧାରା ସମ୍ପୂର୍ଣ୍ଣ ଭୁଲ। ଦୀର୍ଘ ସମୟ ପର୍ଯ୍ୟନ୍ତ ବହି ସାମ୍ନାରେ ବସି ରହିଲେ ବେଶି ଶିଖିବାରେ ସାହାଯ୍ୟ ମିଳେ ନାହିଁ। କାରଣ ଲଗାତାର ପଢ଼ିବା ଦ୍ୱାରା ମସ୍ତିଷ୍କ ଥକ୍କି ପଡ଼େ। ପଢ଼ାଯାଇଥିବା ପାଠକୁ ମନେ ରଖିବା କଷ୍ଟକର ହୋଇ ପଡ଼େ।**



- ଅନେକ ପିଲା ଭାବନ୍ତି ବିନା ବ୍ରେକ୍‌ରେ ଦୀର୍ଘ ସମୟ ପଢ଼ିବା ଭଲ। ଦୀର୍ଘ ସମୟ ପର୍ଯ୍ୟନ୍ତ ବସି ପଢ଼ିବା ଦ୍ୱାରା ଧ୍ୟାନ ଧୀରେ ଧୀରେ କମ୍ ହେବାକୁ ଲାଗେ। ଏଭଳି ସ୍ଥଳରେ ସାମ୍ନାରେ ବହି ଥିଲେ ବି ମସ୍ତିଷ୍କ ପଢ଼ା ଉପରେ ରହେ ନାହିଁ। ତେଣୁ କମ୍ ସମୟରେ ଧ୍ୟାନର ସହ ପଢ଼ିବା ଉପଯୋଗୀ।
- ପଢ଼ା ସମୟରେ ଜରୁରି ଲାଇନ୍‌କୁ ହାଇଲାଟ୍ କରିବା ସହଜ ଲାଗେ। ହେଲେ ସେହି ଲାଇନ୍‌ରେ ରଙ୍ଗ କଲେ ଜରୁରି ତଥ୍ୟ ଦୀର୍ଘ ସମୟ ପର୍ଯ୍ୟନ୍ତ ମନେ ରହେ, ଜରୁରି ନୁହେଁ। ବରଂ ପଢ଼ିବା ପରେ ନିଜକୁ ପ୍ରଶ୍ନ କରିବା ଏବଂ ବହି ନ ଦେଖି ଉତ୍ତର ମନେ ରଖିବାର ପ୍ରଚେଷ୍ଟା ଅଧିକ ସାହାଯ୍ୟ କରିପାରେ। ଏହାକୁ ଆକ୍ଟିଭ୍ ରିକଲ୍ କୁହାଯାଏ।
- ଧ୍ୟାନ ଓ ବୁଝିବା କ୍ଷମତା ପଢ଼ିବା ବେଳେ କମ୍ ହେଲେ ବ୍ରେକ୍ ନେବା ଉତ୍ତମ। ପଢ଼ା ସମୟକୁ ୫ ଭାଗରେ ବାଣ୍ଟନ୍ତୁ। ୪ ଭାଗ ପର୍ଯ୍ୟନ୍ତ ପଢ଼ନ୍ତୁ ଏବଂ ଗୋଟିଏ ଭାଗରେ ବ୍ରେକ ନିଅନ୍ତୁ।
- କେଉଁଠି ଓ କିଭଳି ଭାବେ ପଢ଼ୁଛନ୍ତି ତାହା ମଧ୍ୟ ଗୁରୁତ୍ୱ ବହନ କରେ। ତେଣୁ ପଢ଼ା ଲାଗି ଶାନ୍ତ ସ୍ଥାନ ବାଛିବା ଏକ ଭଲ ଅଭ୍ୟାସ ହୋଇପାରେ।
- ଭଲ ପଢ଼ା ଲାଗି ପର୍ଯ୍ୟାପ୍ତ ନିଦ ଜରୁରି। ତେଣୁ ବିଳମ୍ବିତ ରାତ୍ରି ପର୍ଯ୍ୟନ୍ତ ପଢ଼ିବା ପରିବର୍ତ୍ତେ ପଢ଼ା, ବ୍ରେକ ଓ ନିଦ ମଧ୍ୟରେ ସନ୍ତୁଳନ ବଜାୟ ରଖିବା ଜରୁରି।

## ନିଯୁକ୍ତି ଲାଗି ଦକ୍ଷତା

**ଏବେ କେବଳ ଡିଗ୍ରୀ ଥିଲେ ଚାକିରି ମିଳିବ, ତାହା ନୁହେଁ। ଆଧୁନିକ ଯୁଗରେ ପ୍ରତ୍ୟେକ କ୍ଷେତ୍ରରେ ଟେକ୍ନୋଲୋଜିର ବିକାଶ ହେଉଛି। ତେଣୁ ଉଚ୍ଚଶିକ୍ଷା ପରେ ନିଜ ପାଖରେ କିଛି କୌଶଳ ତଥା ଦକ୍ଷତା ରହିବା ଜରୁରି ହୋଇ ପଡ଼ିଛି।**

ପଢ଼ାପରେ କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଚାକିରି ଲାଗି ପ୍ରସ୍ତୁତ ହୋଇ ପାରି ନ ଥାନ୍ତି। ତେବେ ଏ ଲାଗି ସେମାନେ ଇଣ୍ଟର୍ଣ୍ଣସିପ୍, ପାର୍ଟଟାଇମ୍ ଚାକିରି ଆଦି ମାଧ୍ୟମରେ କାମ କରିବାର ଅଭିଜ୍ଞତା ସହିତ କମ୍ୟୁନିକେସନ ସ୍କିଲ୍, ଟିମ୍ ୱାର୍କ, ସମସ୍ୟା ସମାଧାନ ଏବଂ ଅନୁକୂଳ ପରିସ୍ଥିତିରେ କିଭଳି କାମ କରାଯାଏ, ସେ କଥା ଜାଣି ହୁଏ। ଏହା ଦ୍ୱାରା ଚାକିରି ମିଳିବା ସହଜ ହୁଏ।

ଆଜିର ସମୟରେ ଭଲ ପ୍ୟାକେଜ୍‌ର ଚାକିରି ପାଇବା ଲାଗି ଗ୍ଲୋବାଲ ମାଇଣ୍ଡସେଟ୍ ନିହାତି ଜରୁରି। ଏହି କୌଶଳ ଦ୍ୱାରା ଦେଶ ଦୁନିଆର ବିଭିନ୍ନ କ୍ଷେତ୍ର ସହିତ ସମ୍ବନ୍ଧ ଥିବା ବ୍ୟକ୍ତି ବିଶେଷ ଏବଂ ଅଲଗା ଅଲଗା ସଂସ୍ଥାନ ମାଧ୍ୟମରେ ଯୋଡ଼ି ହୋଇ ଏହି କୌଶଳ ଶିଖିପାରିବେ। ତେବେ ଏ ଲାଗି ନିଜ ଭିତରେ ଜିନିଷକୁ ବୁଝିବା ଓ ଜାଣିବାର ଇଚ୍ଛା ରହିବା ଦରକାର। ଭଲ ଚାକିରିଟିଏ ପାଇବା ପାଇଁ ଯେକୌଣସି ବ୍ୟକ୍ତିଙ୍କ ପାଖରେ ଉତ୍ତମ କମ୍ୟୁନିକେସନ ସ୍କିଲ୍ ରହିବା ଦରକାର। ଏହା ଦ୍ୱାରା ନିଜ କଥାକୁ ଅନ୍ୟ ସାମ୍ନାରେ ରଖିବା କେବଳ ସହଜ ହୋଇ ନ ଥାଏ, ବରଂ ଲୋକଙ୍କ ସହ ମିଶିବା, ସମ୍ପର୍କ ସୃଷ୍ଟି କରିବା, ଭରସା ଜିତିବା, ୱାର୍କ କଲଚର ସହିତ ଭଲ ଭାବେ କାମ କରିବାରେ ସାହାଯ୍ୟ ମିଳେ। ଆଜିର ଆଧୁନିକ ଯୁଗରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବିକାଶ ଦ୍ରୁତ ଗତିରେ ହେଉଛି। ଅଧିକାଂଶ କ୍ଷେତ୍ରରେ ଏଆଇର ପ୍ରବେଶ ହେଲାଣି। ଏଭଳି ସ୍ଥିତିରେ ଭଲ ବେତନରେ ଚାକିରି ହାସଲ କରିବା ଲାଗି ନିଜ ଭିତରେ ଏଆଇ ସ୍କିଲ ରହିବା ନିହାତି ଜରୁରି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସହିତ ଟେକ୍ନୋଲୋଜିର ଜ୍ଞାନ କୌଶଳ ରହିବା ଜରୁରି।





## ସାକ୍ଷାତକାର ପୂର୍ବରୁ...

**ଡିଗ୍ରୀ ତଥା ଜ୍ଞାନ ଥିବା ସତ୍ତ୍ୱେ ସାକ୍ଷାତକାରରେ ଅନେକ ଲୋକ ପ୍ରତ୍ୟାଖ୍ୟାନ ହୋଇଥାନ୍ତି। ଏହାର କାରଣ ଦୁର୍ବଳ କମ୍ୟୁନିକେସନ ସ୍କିଲ, ବିଚଳିତ ମନ ଓ ଆତ୍ମବିଶ୍ୱାସର ଅଭାବ। ତେଣୁ ସାକ୍ଷାତକାରକୁ ଯିବା ପୂର୍ବରୁ କେଉଁ ଦିଗ ପ୍ରତି ଗୁରୁତ୍ୱ ଦେବା ଜରୁରି ଜାଣିବା।**

- ସାକ୍ଷାତକାରକୁ ଯିବା ପୂର୍ବରୁ ନିଜ ମନରୁ ଭୟ ଦୂର କରିବା ଜରୁରି।
- ଗମ୍ଭୀର ନ ରହି ସ୍ୱାଭାବିକ ବ୍ୟବହାର ପ୍ରଦର୍ଶନ କରନ୍ତୁ।
- ଭଲ ଜ୍ଞାନ ଥିଲେ ବି ଅନେକ ନିଜ ଉପରେ ଭରସା କରିପାରନ୍ତି ନାହିଁ, ଏହା ସେମାନଙ୍କ ବଡି ଲାଙ୍ଗୁଏଜ୍ ଏବଂ ଉତ୍ତର ଦେବା ଶୈଳୀ ଉପରେ ପ୍ରଭାବ ପକାଏ।
- ସାକ୍ଷାତକାର ପୂର୍ବରୁ ନିଜର ପ୍ରୋଜେକ୍ଟ, ଅଭିଜ୍ଞତା ଓ ଉପଲବ୍ଧିକୁ ସହଜ ଭାଷାରେ ବୁଝିବା ଅଭ୍ୟାସ କରିବା ଜରୁରି। ମକ୍ ଇଣ୍ଟରଭ୍ୟୁ ଏବଂ ରେକର୍ଡିଂ ଦେଖି ନିଜ ଭୁଲ୍‌କୁ ସୁଧାରି ପାରିବେ।
- କୌଣସି ବିଷୟରେ ଜାଣି ନ ଥିଲେ ସଚ୍ଚୋଟତାର ସହ ସ୍ୱୀକାର କରିବାର କ୍ଷମତା ନିଜ ଭିତରେ ବିକାଶ କରନ୍ତୁ।
- କମ୍ୟୁନିକେସନ ସ୍କିଲ କ୍ୟାରିୟର ଲାଗି ଗୁରୁତ୍ୱପୂର୍ଣ୍ଣ। ସାକ୍ଷାତକାରରେ ଭଲ ପ୍ରଦର୍ଶନ କରିବାକୁ ଚାହୁଁଥିଲେ ଜ୍ଞାନ ସହିତ କମ୍ୟୁନିକେସନ ସ୍କିଲ ଉପରେ ଗୁରୁତ୍ୱ ଦେବା ଜରୁରି।

## ପ୍ରୋଜେକ୍ଟ ପ୍ରସ୍ତୁତି



**ପରୀକ୍ଷା, ଆସାଇନମେଣ୍ଟ, ପ୍ରୋଜେକ୍ଟ ବିଭିନ୍ନ ସମୟରେ ଲୋକଙ୍କୁ ଚିନ୍ତାରେ ପକାଏ। ଏହି ଚିନ୍ତାରେ ବିଚଳିତ ହୋଇ ଏସବୁ କାମ ଠିକ୍‌ରେ କରିବା ସମ୍ଭବ ହୋଇ ନ ଥାଏ। ତେବେ ପ୍ରୋଜେକ୍ଟ ପ୍ରସ୍ତୁତି କିଭଳି କରିବେ, ସେ ସମ୍ପର୍କରେ ଜାଣିବା।**

- ଗୋଟିଏ ସ୍ଥାନରେ ସମସ୍ତ ପ୍ରୋଜେକ୍ଟ, ଆସାଇନମେଣ୍ଟ ଆଦି ବାବଦରେ ଉଲ୍ଲେଖ କରନ୍ତୁ। ଏହାଦ୍ୱାରା ଏସବୁ କାମର ପ୍ରାଥମିକତା ନିର୍ଦ୍ଧାରଣ କରିବା ସହଜ ହେବ।
- ସେହିପରି କୌଣସି ବଡ଼ ପ୍ରୋଜେକ୍ଟ ଥିଲେ ଏହାକୁ ଛୋଟ ଛୋଟ ଭାଗରେ ବିଭକ୍ତ କରନ୍ତୁ। ଏହି କାମକୁ ପ୍ରତିଦିନ ଅଳ୍ପ ଅଳ୍ପ କରନ୍ତୁ।
- ଲଗାତାର ପଢ଼ିବା ଦ୍ୱାରା ମସ୍ତିଷ୍କ ଥକ୍କି ପଡ଼େ। ତେଣୁ ପ୍ରତି ଘଣ୍ଟାଏ ତଥା ୧୦-୧୫ ମିନିଟ୍‌ରେ ବ୍ରେକ୍ ନିଅନ୍ତୁ।
- କାମ ମଝିରେ ମସ୍ତିଷ୍କକୁ ବିଶ୍ରାମ ଜରୁରି। ୭-୮ ଘଣ୍ଟା ଶୋଇବା ଦ୍ୱାରା ମସ୍ତିଷ୍କ ସକ୍ରିୟ ରହେ।
- ପଢ଼ା ସହିତ ଖାଦ୍ୟପାନୀୟ ଏବଂ ଅଳ୍ପ ଏକ୍ସରସାଇଜ୍ କରିବା ଜରୁରି। ଏହା ଦ୍ୱାରା ଶରୀର ଓ ମସ୍ତିଷ୍କ ସୁସ୍ଥ ରହେ।
- କୌଣସି ବିଷୟରେ ଦ୍ୱନ୍ଦ୍ୱ ଉପୁଜିଲେ ସହକର୍ମୀ ତଥା ବରିଷ୍ଠ ଅଧିକାରୀଙ୍କ ସାହାଯ୍ୟ ନିଅନ୍ତୁ।

**ଆଇଚି-ନାଗୋୟା ଏସିଆନ୍ ଗେମ୍ସ**

# ଭାରତକୁ ପ୍ରଥମ ସ୍ୱର୍ଣ୍ଣ ଦେଲେ ମହିଳା କ୍ରିକେଟ ଦଳ

## ପୁରୁଷ ବ୍ୟାଡ୍‌ମିଣ୍ଟନ, ଉଶୁରେ ପଦକ ନିଶ୍ଚିତ

ଟୋକିଓ,୨୨।୯ (ଏଜେନ୍ସି)

ମହିଳା କ୍ରିକେଟ ଦଳ ଭାରତ ଲାଗି ଜାପାନରେ ଚାଲିଥିବା ଆଇଚି-ନାଗୋୟା ଏସିଆନ ଗେମ୍ସରେ ପ୍ରଥମ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ମଙ୍ଗଳବାର ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ଭାରତ ୧୪୭ ରନ୍‌ର ବିଶାଳ ସ୍କୋର ବ୍ୟବଧାନରେ ଶ୍ରୀଲଙ୍କାକୁ ପରାସ୍ତ କରି ଏସିଆନ ଗେମ୍ସରେ କ୍ରମାଗତ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ଏହା ଫଳରେ ଚଳିତ ଏସିଆନ ଗେମ୍ସରେ ଭାରତର ପଦକ ସଂଖ୍ୟା ୭ରେ ପହଞ୍ଚିଛି। ଏହା ମଧ୍ୟରେ ଗୋଟିଏ ସ୍ୱର୍ଣ୍ଣ, ୪ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ରହିଛି। ପଦକ ତାଲିକାରେ ଦଳ ୮ମ ସ୍ଥାନକୁ ଉନ୍ନୀତ ହୋଇଛି। ଭାରତର ସୁଟରମାନେ ୪ଟି ଯାକ ରୌପ୍ୟ ପଦକ ଜିତିଥିଲାବେଳେ ସୁଟିଂ ଓ ମିକ୍ସଡ ମାର୍ଟିଆଲ ଆର୍ଟ୍ସ (ଏମ୍‌ଏମ୍‌ଏ)ରେ ଗୋଟିଏ ଲେଖାଏଁ କାଂସ୍ୟ ପଦକ ବିଜୟୀ ହୋଇଛି।

ଅନ୍ୟପକ୍ଷରେ ପ୍ରତିଯୋଗିତାର ଚତୁର୍ଥ ଦିନରେ ଭାରତ ଆଉ ଦୁଇଟି ପଦକ ନିଶ୍ଚିତ କରିଛି। ଜାପାନକୁ ହରାଇ ପୁରୁଷ ବ୍ୟାଡ୍‌ମିଣ୍ଟନ ଦଳ ଓ ଉଶୁରେ ରୋଶିବିନା ଦେବୀ ସେମିଫାଇନାଲରେ ପ୍ରବେଶ କରିବା ସହ ଗୋଟିଏ ଲେଖାଏଁ କାଂସ୍ୟ ପଦକ ନିଶ୍ଚିତ କରିଛନ୍ତି। ଉଭୟ ଯଦି ସେମିଫାଇନାଲରେ ବିଜୟୀ ହୁଅନ୍ତି ତେବେ ପଦକର ମାନରେ ବୃଦ୍ଧି ହେବ। ଏହାର ଅର୍ଥ ଫାଇନାଲରେ ପ୍ରବେଶ କଲେ ଅତିକମ୍‌ରେ ରୌପ୍ୟ ପଦକ ମିଳିବ। ୧୦ ମିଟର ଏୟାର ରାଇଫଲ ମିକ୍ସଡ ଡବଲ୍ସ ଫାଇନାଲରେ ଏଲାଭେନିଲ ଭାଲାରିଭାନ ଓ ପାର୍ଥ, ୮୪ କେଜି କରାଟେରେ ଚେତନ ଆନନ୍ଦ, ଅଳ୍ପକେ କାଂସ୍ୟ ପଦକରୁ ବଂଚିତ ହୋଇଛନ୍ତି। ଏମାନେ ଚତୁର୍ଥ ସ୍ଥାନରେ ରହି ପଦକରୁ ବଞ୍ଚିତ ହୋଇଛନ୍ତି। ବକ୍ସିଂରେ ଯଦୁମଣି ସିଂ, ସାକ୍ଷୀ ଚୌଧୁରୀ, ମହିଳା ଟିଟି ଦଳ, ପୁରୁଷ ହକି ଓ କବାଡି ଦଳ ସେମାନଙ୍କ ଜୟଯାତ୍ରା ଅବ୍ୟାହତ ରଖିଛନ୍ତି। ମହିଳା ବ୍ୟାଡ୍‌ମିଣ୍ଟନ ଦଳ ଜାପାନଠାରୁ କ୍ୱାର୍ଟର ଫାଇନାଲରେ ପରାଜିତ ହୋଇ ପ୍ରତିଯୋଗିତାରୁ ବାଦ୍ ପଡ଼ିଛି।



## ପ୍ରଥମ ସ୍ୱର୍ଣ୍ଣ ବିଜୟ

ଏସିଆନ ଗେମ୍ସର ଚତୁର୍ଥ ଦିନରେ ଭାରତ ପ୍ରଥମ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛି। ନିଶିନ୍ କ୍ରିକେଟ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ମହିଳା କ୍ରିକେଟ ଫାଇନାଲରେ ଭାରତ ୧୪୭ ରନ୍‌ର ବୃହତ୍ ବ୍ୟବଧାନରେ ଶ୍ରୀଲଙ୍କାକୁ ପରାସ୍ତ କରି କ୍ରମାଗତ ଦ୍ୱିତୀୟଥର ଲାଗି ସ୍ୱର୍ଣ୍ଣପଦକ ହାସଲ କରିଛି। ଅନ୍ୟ ପକ୍ଷରେ ବାଂଲାଦେଶକୁ ୩୧ ରନ୍‌ରେ ପରାସ୍ତ କରି ପାକିସ୍ତାନୀ ମହିଳା ଦଳ କାଂସ୍ୟ ପଦକ ବିଜୟୀ ହୋଇଛି। ଆଜି ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୩ ୱିକେଟରେ ୨୧୬ ରନ୍ କରିଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେବା ପରେ ଦୁଇ ଓପନର ସ୍ମୃତି ମନ୍ଧାନା ଓ ଶେଫାଳି ବର୍ମା ପ୍ରଥମ ୱିକେଟ ପାର୍ଟନରସିପ୍‌ରେ ୯୯ ରନ୍ ଉଠାଇ ଦଳକୁ ଏକ ବଡ଼ ସ୍କୋର କରିବାର ମୂଳଦୁଆ ପକାଇଥିଲେ। ଦ୍ରୁତ ରନ୍ କରିବାକୁ ଯାଇ ଶେଫାଳି ୨୯ ବଲ୍‌ରେ ୪୮ ରନ୍ କରିଥିଲାବେଳେ ପ୍ରଥମେ ଆଉଟ ହେବାରୁ ଯୋଡି ଭାଙ୍ଗିଯାଇଥିଲା। ସେ ତାଙ୍କ ଇନିଂସରେ ୩ଟି ଲେଖାଏଁ ଚୌକା ଓ ଛକା ମାରିଥିଲେ। ଏହା ପରେ ଟି-୨୦ କ୍ୟାରିୟରରେ ୩୨ତମ ଅର୍ଦ୍ଧଶତକ ହାସଲ କରିଥିବା ମନ୍ଧାନା ୪୫ ବଲ୍‌ର ସାମ୍ନା କରି ୫ ଚୌକା ଓ ୭ ଛକା ସହ ୭୯ ରନ୍ କରି ଦ୍ୱିତୀୟ ଖେଳାଳିଭାବେ ଆଉଟ ହୋଇଥିଲେ। ଏହା ପରେ ବିସ୍ଫୋରକ ବ୍ୟାଟିଂ ଲାଗି ଖ୍ୟାତି ଲାଭ କରିଥିବା ରିଚା ଘୋଷ ୨୨ ବଲ୍‌ରୁ ୬ଟି ଚୌକା ଓ ୩ଟି ଛକା ସହ ୪୯ ରନ୍ କରିବା ଫଳରେ ଭାରତ ଏସିଆନ ଗେମ୍ସ କ୍ରିକେଟରେ ସର୍ବାଧିକ ସ୍କୋର (୩/୨୧୬ରନ୍) କରିବାରେ ସଫଳ ହୋଇଥିଲା। ଜବାବରେ ୨୧୭ ରନ୍‌ର ବିଶାଳ ଲକ୍ଷ୍ୟକୁ ପିଛା କରି ଶ୍ରୀଲଙ୍କା ୧୫.୪ ଓଭରରେ ମାତ୍ର ୬୯ ରନ୍ କରିଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ ଅଧିନାୟିକା ଚାମରି ଆଟାପାଟୁ ୨୯, କୌଶନି ନୁତ୍ୟାଙ୍ଗନା ୧୪ ଓ ହାସିନି ପରେରା ୧୧ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ। ବିଜୟୀ ଭାରତ ପକ୍ଷରୁ ଅଭିଜ୍ଞ ସ୍ପିନର ଦୀପ୍ତି ଶର୍ମା ସର୍ବାଧିକ ୩ଟି, ଅନ୍ୟ ୩ଜଣ ସ୍ପିନର ଶ୍ରୀ ଚରଣି, ଶ୍ରେୟଙ୍କା ପାଟିଲ ଓ ଶେଫାଳି ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଶେଫାଳି ୪୮ ରନ୍ କରିବା ସହ ୨ଟି ୱିକେଟ ନେଇ ଶ୍ରେଷ୍ଠ ଅଲରାଉଣ୍ଡ ସଫଳତା ପାଇଥିଲେ। ସୂଚନା ଯୋଗ୍ୟ ନିକଟରେ ଦୁବାଇରେ ଶେଷ ହୋଇଥିବା ଏସିଆ କପ୍ ଓ ୪ବର୍ଷ ପୂର୍ବେ ଗୁଆଙ୍ଗଝୋଉ ଏସିଆନ ଗେମ୍ସ ଫାଇନାଲରେ ଶ୍ରୀଲଙ୍କାକୁ ଭାରତ ହରାଇଥିଲା।

## ସେମିଫାଇନାଲରେ ରୋଶିବିନା ଓ ପୁରୁଷ ବ୍ୟାଡ୍‌ମିଣ୍ଟନ ଟିମ୍



ନାଗୋୟା,୨୨।୯ (ଏଜେନ୍ସି): ମଙ୍ଗଳବାର ଅନୁଷ୍ଠିତ ପ୍ରତିଯୋଗିତାରେ ଭାରତକୁ ବିଶେଷ ସଫଳତା ମିଳିନାହିଁ। ତେବେ ପୁରୁଷ ବ୍ୟାଡ୍‌ମିଣ୍ଟନ ଟିମ୍ ୩-୦ରେ ଜାପାନକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ଏହା ଫଳରେ ଦଳକୁ ଅତିକମ୍‌ରେ ଏକ କାଂସ୍ୟ ପଦକ ମିଳିବା ନିଶ୍ଚିତ ହୋଇଛି। ଭାରତ ପକ୍ଷରୁ ଉତ୍କଣ୍ଠାପୂର୍ଣ୍ଣ ପ୍ରଥମ ମୁକାବିଲାରେ ଲକ୍ଷ୍ୟ ସେନ୍, ଦ୍ୱିତୀୟ ମୁକାବିଲାରେ ସାତ୍ତ୍ୱିକ ସାଇରାଜ ଓ ଚିରାଗ ସେଟ୍ଟୀ ଯୋଡ଼ି ଏବଂ ତୃତୀୟ ମୁକାବିଲାରେ ଆୟୁଷ ସେଟ୍ଟୀ ବିଜୟୀ ହେବା ଫଳରେ ଭାରତ ୩-୦ରେ ଏହି ମୁକାବିଲାକୁ ଜିତିନେଇଥିଲା। ସେମିଫାଇନାଲରେ ଚୀନ ବନାମ ଦକ୍ଷିଣ କୋରିଆ କ୍ୱାର୍ଟର ଫାଇନାଲର ବିଜେତା ସହ ଭାରତ ସେମିଫାଇନାଲରେ ମୁକାବିଲା କରିବ। ଗତବର୍ଷ ଫାଇନାଲରେ ଚୀନ୍‌ଠାରୁ ହାରି ଭାରତ ରୌପ୍ୟ ପଦକ ପାଇଥିଲା। ଅନ୍ୟ ପକ୍ଷରେ ସମାନ ପ୍ରତିଦ୍ୱନ୍ଦ୍ୱୀ ଜାପାନ ନିକଟରୁ ପରାଜିତ ହୋଇ ମହିଳା ବ୍ୟାଡ୍‌ମିଣ୍ଟନ ଦଳ କ୍ୱାର୍ଟର ଫାଇନାଲରୁ ବିଦାୟ ନେଇଛି। ପିଭି ସିନ୍ଧୁ, ଉନ୍ନତି ହୁଡା ଓ ତନ୍‌ଭି ଶର୍ମା ସିଙ୍ଗଲ୍ସରେ ପରାଜିତ ହୋଇଥିଲେ। କେବଳ ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦ ଡବଲ୍‌ସ ମୁକାବିଲାରେ ବିଜୟୀ ହୋଇଥିଲେ।

ଦୁଇଥରର ଏସିଆନ ଗେମ୍ସ ପଦକ ବିଜେତା ରୋଶିବିନା ଦେବୀ ଉଶୁରେ ଆଉ ଏକ ପଦକ ନିଶ୍ଚିତ କରିଛନ୍ତି। ଆଇଚି ପରଫେକ୍‌ଚୁଆଲ ମାର୍ଶିଆଲ ଆର୍ଟସ ହଲ୍‌ରେ ମଙ୍ଗଳବାର ଅନୁଷ୍ଠିତ ମହିଳା ୬୦ କିଲୋଗ୍ରାମ୍ ଉଶୁ କ୍ୱାର୍ଟରଫାଇନାଲରେ ମାକାଉର ସିନ୍ ଚୁଁଙ୍କୁ ପଏଣ୍ଟ ବ୍ୟବଧାନରେ ପରାସ୍ତ କରି ରୋଶିବିନା ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିଫାଇନାଲରେ ରୋଶିବିନାଙ୍କ ସହ ଇଣ୍ଡୋନେସିଆର ଥାନିଆଙ୍କ ସହ ମୁକାବିଲା ହେବ। ୨୦୧୮ ଓ ୨୦୨୩ ପରେ ରୋଶିବିନା କ୍ରମାଗତ ତୃତୀୟ ଏସିଆନ ଗେମ୍ସରେ ପଦକ ଜିତିବାରେ ସଫଳ ହୋଇଛନ୍ତି।

## ପୁରୁଷ ହକିରେ ଦ୍ୱିତୀୟ ବୃହତ୍ ବିଜୟ

କାକାମିଗାହାରା,୨୨।୯ (ଏଜେନ୍ସି): ଜୁଗରାଜ ସିଂହ, ଅଭିଷେକ ଓ ଦିଲପ୍ରୀତ ସିଂହଙ୍କ ହ୍ୟାଟ୍ରିକ ବଳରେ ଗିଫୁ ପରଫେକ୍‌ଚୁଆଲ ଗ୍ରୀନ୍ ଷ୍ଟାଡିୟମ୍‌ରେ ମଙ୍ଗଳବାର ଖେଳାଯାଇଥିବା ଏସିଆନ ଗେମ୍ସ ପୁରୁଷ ହକିରେ ଭାରତ ୧୬-୧ ଗୋଲରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ପୂର୍ବରୁ ଗ୍ରୁପ୍-ଏ'ରେ ଭାରତ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଇଣ୍ଡୋନେସିଆକୁ ୧୩-୧ ଗୋଲରେ ପରାସ୍ତ କରିଥିଲା। ଆଜିର ବିଜୟ ଫଳରେ ଭାରତ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ବୃହତ୍ ବିଜୟ ସହ ଗ୍ରୁପ୍-ଏ' ପଏଣ୍ଟ ଟେବଲରେ ପ୍ରଥମ ସ୍ଥାନରେ ରହିଛି। ଜୁଗରାଜ ଏହି ମ୍ୟାଚ୍‌ରେ ହ୍ୟାଟ୍ରିକ୍ ସହ ସର୍ବାଧିକ ୪ଟି ଗୋଲ ସ୍କୋର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧିନାୟକ ହରମନପ୍ରୀତ ସିଂହ ୨ଟି ଗୋଲ ଦେଇଥିଲାବେଳେ ଅନ୍ୟ ୪ଜଣ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ପ୍ରଥମ ମ୍ୟାଚ୍‌ରେ ଡବଲ ଗୋଲ ଦେଇଥିବା ଓଡ଼ିଆ ଖେଳାଳି ଶିଳାନନ୍ଦ ଲାକ୍ରା ଏହି ମ୍ୟାଚ୍‌ରେ ଗୋଲ ଦେବାରେ ବିଫଳ ହୋଇଥିଲେ। ପରାଜିତ ଶ୍ରୀଲଙ୍କା ପକ୍ଷରୁ ସୁରେଶ ରତନାୟକେ ଗୋଟିଏ ଗୋଲ ଶୁଝାଇଦେଇଥିଲେ। ଗ୍ରୁପ୍-ଏ'ରେ ଗୁରୁବାର ଦିନ ୧୧ଟା ୩୦ରେ ଖେଳାଯିବାକୁ ଥିବା ଦକ୍ଷିଣ କୋରିଆ ବିପକ୍ଷ ମ୍ୟାଚ୍‌ରେ ଭାରତର ଅସଲ ପରୀକ୍ଷା ହେବ। ବିଶେଷ କରି ଏଠାରେ ସ୍ୱର୍ଣ୍ଣପଦକ ଜିତିଥିବା ଦଳ ୨୦୨୮ ଅଲିମ୍ପିକ୍ସରେ ଭାଗ ନେବାକୁ ସିଧାସଳଖ ଯୋଗ୍ୟତା ଅର୍ଜନ କରିବାର ସୁଯୋଗ ଥିବାରୁ ଏହି ଟୁର୍ଣ୍ଣାମେଣ୍ଟର ଗୁରୁତ୍ୱ ଅନେକ ପରିମାଣରେ ବଢ଼ିଯାଇଛି।

## ଜିମ୍ନାଷ୍ଟିକ୍‌ସ ଭଲ୍ଟ ଫାଇନାଲରେ ପ୍ରଣତି



ନାଗୋୟା,୨୨।୯ (ଏଜେନ୍ସି): ଭୁବନେଶ୍ୱରରେ ପ୍ରଶିକ୍ଷଣ ନେଉଥିବା ପଶ୍ଚିମବଙ୍ଗର ଜିମ୍ନାଷ୍ଟ ପ୍ରଣତି ନାୟକ ଏସିଆନ ଗେମ୍ସ ମହିଳା ଭଲ୍ଟ ଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଇଭେଣ୍ଟରେ ସେ ଭାଗନେଇଥିବା ୧୯ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ୭ମ ସ୍ଥାନ ଅଧିକାର କରି ଫାଇନାଲରେ ପ୍ରବେଶ କରିଥିଲେ। ତାଙ୍କର ଚୂଡାନ୍ତ ସ୍କୋର ଥିଲା ୧୨.୯୧୬। ନିକଟରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଭଲ୍ଟରେ ପ୍ରଣତି ୫ମ ସ୍ଥାନ ଅଧିକାର କରିଥିଲେ। ଶ୍ରେଷ୍ଠ ୮ଜଣଙ୍କ ମଧ୍ୟରେ ଫାଇନାଲ ଲଢ଼େଇ ହୋଇଥାଏ। ଆସନ୍ତା ଗୁରୁବାର ୨୪ ତାରିଖରେ ଫାଇନାଲ ମୁକାବିଲା ହେବ। ପ୍ରଣତି ଏକମାତ୍ର ଭାରତୀୟ ଜିମ୍ନାଷ୍ଟ ଭାବେ ଏସିଆନ ଗେମ୍ସରେ ଭାଗନେବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏସିଆନ ଜିମ୍ନାଷ୍ଟିକ ଚାମ୍ପିଅନସିପ୍‌ରେ ୩ଥର କାଂସ୍ୟ ପଦକ ଜିତିଥିବା ପ୍ରଣତି ପ୍ରଥମ ଏସିଆନ ଗେମ୍ସ ପଦକ ଅପେକ୍ଷାରେ ରହିଛନ୍ତି।

ଉତ୍ତର କୋରିଆ ନିକଟରୁ ୩-୦ରେ ପରାଜିତ ହେବା ପରେ ଭାରତର ମହିଳା ଟିଟି ଦଳ ଏଠାରେ ଚାଲିଥିବା ଏସିଆନ ଗେମ୍ସରୁ ବିଦା ହୋଇଛି। ପୂର୍ବରୁ ଦକ୍ଷିଣ କୋରିଆ ନିକଟରୁ ପୁରୁଷ ଦଳ ପରାଜିତ ହୋଇଥିଲା।

**ଆଜି ଭାରତ-ବ୍ରାଜିଲ ଲିଜେଣ୍ଡସ ଫୁଟବଲ୍ ମ୍ୟାଚ୍**

## କେରଳମରେ ପହଞ୍ଚିଲେ ରୋନାଲ୍ଡିନୋ

କୋଚି, ୨୨।୯ (ଏଜେନ୍ସି): ଭାରତ ଓ ବ୍ରାଜିଲ ଲିଜେଣ୍ଡସ ଫୁଟବଲ ଦଳ ମଧ୍ୟରେ ଏକ ପ୍ରଦର୍ଶନୀ ମ୍ୟାଚ୍ ବୁଧବାର ଏଠାରେ ଖେଳାଯିବ। ଏହି ମ୍ୟାଚ୍ ଲାଗି ବ୍ରାଜିଲର ଲିଜେଣ୍ଡସ ଫୁଟବଲ୍ ଦଳ ମଙ୍ଗଳବାର କୋଚିରେ ଆସି ପହଞ୍ଚିଛି। ରେକର୍ଡ ପାଞ୍ଚଥରର ବିଶ୍ୱକପ୍ ବିଜେତା ବ୍ରାଜିଲ ଦଳ ସହ ଦୁଇ କିମ୍ବଦନ୍ତୀ ଖେଳାଳି ରୋନାଲ୍ଡିନୋ ଓ ରିଭାଲ୍ଡୋ ମଙ୍ଗଳବାର ଅପରାହ୍ଣରେ କୋଚିନ ଇଣ୍ଟରନ୍ୟାସନାଲ ଏୟାରପୋର୍ଟରେ ଅବତରଣ କରିଥିଲେ। ରୋନାଲ୍ଡୋ-ରିଭାଲ୍ଡୋ ଯୋଡ଼ି ୨୦୦୨ ଫିଫା ବିଶ୍ୱକପ୍ ଚାମ୍ପିଅନ ଦଳର ଦୁଇ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ରୋନାଲ୍ଡିନୋ ଦୀର୍ଘ ୧୦ ବର୍ଷ ପରେ କେରଳ ଗସ୍ତରେ ଆସିଛନ୍ତି। ୨୦୧୬ରେ ଏକ ଫୁଟବଲ ଟୁର୍ଣ୍ଣାମେଣ୍ଟର ବ୍ରାଣ୍ଡ ଆମ୍ବାସାଡର ହିସାବରେ ସେ ଏଠାକୁ ଆସିଥିଲେ। ଉଲ୍ଲେଖଯୋଗ୍ୟ ଏହି ପ୍ରଦର୍ଶନୀ ପରେ ଭାରତ ଓ ବ୍ରାଜିଲ ସିନିଅର ଦଳ ମଧ୍ୟରେ ସର୍ବପ୍ରଥମ ଫୁଟବଲ ମ୍ୟାଚ୍ ଅକ୍ଟୋବର ୩ ତାରିଖରେ କୋଲକାତାରେ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।



**ଆଜିର ମ୍ୟାଚ୍**
ଭାରତ ଲିଜେଣ୍ଡସ ବନାମ ବ୍ରାଜିଲ ଲିଜେଣ୍ଡସ
ଆରମ୍ଭ : ରାତି ୭ଟା ୩୦, ସ୍ଥାନ: କୋଚି
ପ୍ରସାରଣ : ଫ୍ୟାନ କୋଡ୍

## ଫାରୋସ କପ୍; କରିଶ୍ମାଙ୍କୁ ରୌପ୍ୟ

ଭୁବନେଶ୍ୱର, ୨୨।୯ (ସମିସ): ଓଡ଼ିଶା ଏଏମ/ଏନଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି) ଆଥଲେଟ କରିଶ୍ମାଙ୍କୁ ଅନ୍ତର୍ଜାତୀୟ ପଦକ ସଫଳତା ମିଳିଛି। ମିଶରର କାଇରୋରେ ଅନୁଷ୍ଠିତ ଫାରୋସ୍ କପରେ କରିଶ୍ମା ରୌପ୍ୟ ପଦକ ଜିତିଛନ୍ତି। ସେ ମହିଳା କଳାତ୍ମକ ଜିମ୍ନାଷ୍ଟିକ୍ସ ବର୍ଗର ଫ୍ଲୋର ଏକ୍ସରସାଇଜରେ ଏହି ପଦକ ହାସଲ କରିଥିଲେ। କରିଶ୍ମା ଫ୍ଲୋର ଏକ୍ସରସାଇଜରେ ପ୍ରଭାବୀ ପ୍ରଦର୍ଶନ କରି ୧୨.୧୦୦ ସ୍କୋର ସହ ଫାଇନାଲରେ ପହଞ୍ଚିଥିଲେ। ଏହାପରେ ଫାଇନାଲରେ ୧୨.୦୬୬ ସ୍କୋର କରି ଦ୍ୱିତୀୟ ସ୍ଥାନରେ ରହିବା ସହ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ଏହି ସଫଳତା ଲାଗି ଏଏମ/ଏନଏସ୍ ଇଣ୍ଡିଆର ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଆଶୁତୋଷ ତେଲାଙ୍ଗ କରିଶ୍ମାଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଏହି ୪ ଦିବସୀୟ ପ୍ରତିଯୋଗିତାରେ ୧୩ଟି ଦେଶର ୧୬୦ଜଣ ଜିମ୍ନାଷ୍ଟ ଅଂଶଗ୍ରହଣ କରିଥିଲେ।

**ଓଡ଼ିଶା ଟି-୨୦ ଲିଗ୍‌ରେ ବର୍ଷାର ରାଜୁତି**

## ତିନିଦିନରେ ୩ଟି ମ୍ୟାଚ୍ ବାତିଲ

ଭୁବନେଶ୍ୱର, ୨୨।୯ (ସମିସ): ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଆଇକନିକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା 'ଭାରତ ମସଲା ଓଡ଼ିଶା ଟି-୨୦ ଲିଗ୍- ସିଏମ ଟ୍ରଫି'ରେ ବର୍ଷାର ରାଜୁତି ଜାରି ରହିଛି। ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ଏହି ଲିଗ୍‌ର ପ୍ରଥମ ତିନିଦିନରେ ୩ଟି ମ୍ୟାଚ୍ ବାତିଲ ହୋଇଯାଇଛି। ପ୍ରତିଯୋଗିତାର ତୃତୀୟ ଦିବସରେ ଖେଳାଯିବାକୁ ଥିବା ଦୁଇଟିଯାକ ମ୍ୟାଚ୍ ବାତିଲ ହୋଇଛି। ଅପରାହ୍ଣରେ ଡିଫେଣ୍ଡିଂ ଚାମ୍ପିଅନ କଟକ ପାନ୍ଥର୍ସ ଓ ପୁରୀ ଟାଇଟାନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବାର ଥିଲା। ସେହିଭଳି ରାତିରେ ଲିଗ୍‌ର ୫ମ ମ୍ୟାଚରେ ସମ୍ବଲପୁର ୱାରିୟର୍ସ ଓ ଭୁବନେଶ୍ୱର ଟାଇଗର୍ସ ସାମ୍ନାସାମ୍ନି ହୋଇଥାନ୍ତେ। କିନ୍ତୁ ଲଘୁଚାପ ଯୋଗୁ ମଙ୍ଗଳବାର ଉପକୂଳ ଓ ଦକ୍ଷିଣ ଓଡ଼ିଶାରେ ତୁହାକୁ ତୁହା ବର୍ଷା ଲାଗି ରହିବା ଯୋଗୁ ଏହି ଦୁଇ ମ୍ୟାଚରେ ଗୋଟିଏ ହେଲେ ବଲ୍ ପଡ଼ିବା ସମ୍ଭବପର ହୋଇପାରି ନ ଥିଲା। ଫଳରେ ପ୍ରତି ଦଳକୁ ଏକ ପଏଣ୍ଟ ଲେଖାଏରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଉଦ୍‌ଘାଟନୀ ଦିବସରେ ୯ ରନରେ ସମ୍ବଲପୁର ନିକଟରୁ ହାରିଥିବା ବିପ୍ଳବ ସାମନ୍ତରାୟଙ୍କ କଟକ ଦଳ ୧ ପଏଣ୍ଟ ସହ ଖାତା ଖୋଲିଛି। ପୁରୀ ଦଳ ମଧ ବାତିଲ ମ୍ୟାଚରୁ ଅଭିଯାନ ଆରମ୍ଭ କରିଛି। ଗତକାଲି ଡିଏଲ୍ ପଦ୍ଧତିରେ ୭ ରନରେ କେନ୍ଦୁଝରମାଇନର୍ସକୁ ହରାଇଥିବା ଭୁବନେଶ୍ୱର ଦଳ ଆଜିର ବାତିଲ ପଏଣ୍ଟ ସହ ମୋଟ୍ ୩ ପଏଣ୍ଟ ଅର୍ଜନ କରିଛି। ସମ୍ବଲପୁର ଦଳ ମଧ୍ୟ ଗୋଟିଏ ବିଜୟ ଓ ଦୁଇଟି ବାତିଲ ସହ ୪ ପଏଣ୍ଟ ପାଇଛି। ଗତକାଲି ରାତିରେ ସମ୍ବଲପୁର ଓ ରାଉରକେଲା ସୁପରଷ୍ଟାର୍ସ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଥିଲା। ବୁଧବାର ରାଉରକେଲା-ପୁରୀ ଏବଂ ଭୁବନେଶ୍ୱର-କଟକ ମଧ୍ୟରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟସୂଚୀ ରହିଛି।

**ବନ୍ଧୁତ୍ୱପୂର୍ଣ୍ଣ ସୁଜୁକି କପ୍ ଟି-୨୦ କ୍ରିକେଟ**

## ଜାପାନ ଆକ୍ରମଣରୁ ବର୍ତ୍ତିଗଲା ଭାରତ

ସାନୋ,୨୨।୯ (ଏଜେନ୍ସି)

ଭାରତ ଓ ଜାପାନ ମଧ୍ୟରେ କୂଟନୈତିକ ବନ୍ଧୁତ୍ୱର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ଥାନୀୟ ସାନୋ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମ୍‌ରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ ମ୍ୟାଚ୍ ଆୟୋଜିତ ହୋଇଯାଇଛି। ବର୍ଷା ଓ ଓଦା ପଡ଼ିଆ ଯୋଗୁଁ ଏହି ମ୍ୟାଚ୍ ୫ ଓଭର ଲେଖାଏଁ ଖେଳାଯାଇଥିଲା। ଏଥିରେ ଘରୋଇ ଜାପାନର ଆକ୍ରମଣରୁ ବର୍ତ୍ତିଯାଇ ଭାରତ ମାତ୍ର ୨ ରନ୍‌ରେ ବିଜୟୀ ହୋଇଛି। କିନ୍ତୁ ଡବଲ ଟି-୨୦ ବିଶ୍ୱକପ୍ ଚାମ୍ପିଅନ ଭାରତ ବିପକ୍ଷରେ ଆଇସିସି ମାନ୍ୟତାରେ ୩୯ତମ ସ୍ଥାନରେ ଥିବା ଜାପାନ ଯେପରି ଖେଳ ପ୍ରଦର୍ଶନ କରିଥିଲା, ତାହା ସମସ୍ତ କ୍ରିକେଟ ପ୍ରେମୀଙ୍କ ହୃଦୟ ଜିତିଥିଲା। ଏହି ମ୍ୟାଚ୍‌ରେ ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ଚତୁର୍ଥ ଓଭରକୁ ବାଦ୍ ଦେଇ ଅନ୍ୟ ସବୁ ଓଭରରେ ୱିକେଟ ହରାଇଥିଲା। ଜାପାନର ସ୍ପିନରଙ୍କ ବିପକ୍ଷରେ ଭାରତୀୟ ବ୍ୟାଟର ସଂଘର୍ଷ କରି ୫ ଓଭରରେ ୪ ୱିକେଟ ହରାଇ ୩୨ ରନ୍ କରିଥିଲା। ଶ୍ରେୟସ ଆୟର ଏକମାତ୍ର ଖେଳାଳିଭାବେ ୧୬ ରନ୍ କରି ଦୁଇ ଅଙ୍କରେ ପହଞ୍ଚିଥିଲେ ଓ ତାଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଥିଲା। ଜାପାନ ଲଢୁଆ ଖେଳିଥିଲେ ମଧ ଅଭିଜ୍ଞତା ଅଭାବରୁ ଏହି ମ୍ୟାଚ୍ ହାରିଯାଇଥିଲା। ମ୍ୟାଚ୍‌ରେ ସମସ୍ତ ୧୦ଓଭର ଯାକ ସ୍ପିନରମାନେ ବୋଲିଂ କରିଥିଲେ। ଇବ୍ରାହିମ୍ ତାକାହାସିଙ୍କୁ ସମ୍ମୁଖୀନ ହେବା ଭାରତୀୟଙ୍କ ଲାଗି କଷ୍ଟକର ହୋଇଥିଲା।



### ଟି-୨୦ରେ ୨୦୦ତମ ବିଜୟ

ଜାପାନକୁ ୨ ରନ୍‌ରେ ହରାଇ ଭାରତ ବିଶ୍ୱର ପ୍ରଥମ ଦଳ ଭାବେ ଟି-୨୦ ଅନ୍ତର୍ଜାତୀୟ କ୍ରିକେଟରେ ୨୦୦ତମ ବିଜୟ ହାସଲ କରିଛି। ଜାପାନ ସହ ଭାରତ ଏଠାରେ ୨୯୧ତମ ମ୍ୟାଚ୍ ଖେଳିଲାବେଳେ ଏହି ବିଜୟ ହାସଲ କରିଛି। ଏହା ମଧ୍ୟରୁ ଦଳ ୮୧ ମ୍ୟାଚ୍‌ରେ ପରାଜିତ ହୋଇଥିଲାବେଳେ ୧୦ଟି ମ୍ୟାଚ୍‌ର ଫଳାଫଳ ମିଳିନାହିଁ। ୨୦୦୬ରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତ ପ୍ରଥମ ଟି-୨୦ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଏହା ପରେ ୨୦୧୭ରେ ଶ୍ରୀଲଙ୍କା ବିପକ୍ଷରେ ୮୩ତମ ମ୍ୟାଚ୍‌ରେ ୫୦ତମ, ୨୦୨୨ରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୧୫୫ତମ ମ୍ୟାଚ୍‌ରେ ୧୦୦ତମ, ୨୦୨୪ରେ ଅଷ୍ଟ୍ରେଲିଆ ବିପକ୍ଷରେ ୨୨୫ତମ ମ୍ୟାଚ୍‌ରେ ୧୫୦ତମ ମ୍ୟାଚ୍ ବିଜୟୀ ହୋଇଥିଲା।

### ୧୬ତମ ଦେଶ ବିପକ୍ଷରେ ପ୍ରଥମ ମ୍ୟାଚ୍ ବିଜୟୀ

ଜାପାନକୁ ମିଶାଇ ଭାରତ ୧୯ଟି ଦେଶ ବିପକ୍ଷରେ ଟି-୨୦ ଖେଳିସାରିଛି। ଏହା ମଧ୍ୟରୁ ୧୬ଟି ଦେଶ ବିପକ୍ଷରେ ଭାରତ ପ୍ରଥମ ମ୍ୟାଚ୍‌ରେ ବିଜୟୀ ହୋଇଛି। କେବଳ ନ୍ୟୁଜିଲାଣ୍ଡ ଓ ୱେଷ୍ଟଇଣ୍ଡିଜ୍ ନିକଟରୁ ପରାଜିତ ହୋଇଥିଲାବେଳେ ସ୍କଟଲାଣ୍ଡ ସହ ମ୍ୟାଚ୍ ବାତିଲ ହୋଇଛି। ଶ୍ରେୟସ ଆୟର ଏକ ପୂର୍ଣ୍ଣସଦସ୍ୟ ରାଷ୍ଟ୍ରର ପ୍ରଥମ ଅଧିନାୟକ ଭାବେ ଜାପାନ ବିପକ୍ଷରେ ୫ ଓଭର ବିଶିଷ୍ଟ ମ୍ୟାଚ୍ ଖେଳିଛନ୍ତି। ଏହି ମ୍ୟାଚ୍‌ରେ ପ୍ରଥମ ବଲ୍‌ରେ ଆଉଟ ହୋଇଥିବା ଅଭିଷେକ ଶର୍ମା ୨୦୨୬ରେ ୧୦ମ ଥର ଲାଗି ଖାତା ଖୋଲିପାରି ନାହାନ୍ତି। ଏହା ମଧ୍ୟରେ ସେ ୫ଥର ପ୍ରଥମ ବଲ୍‌ରେ ଆଉଟ ହୋଇଛନ୍ତି।

ସକାଳ
THE SAKALA
A unit of Nandighosha Network Pvt. Ltd.

The Sakala (A unit of Nandighosha Network Pvt. Ltd.)
invites application for the following position

C.T.P. Operator

Minimum 2-3 Yrs. experience

APPLY NOW

Please send your CV with recent passport size photo to
hr@thesakala.com

The Sakala
A unit of Nandighosha Network Pvt. Ltd.

Sd/-
Asst. Manager HR

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS